


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-131 •FRIDAY •7 NOVEMBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୩୧ •ଶୁକ୍ରବାର •୭ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


ବିହାର ନିର୍ବାଚନ

# ୭୩ ବର୍ଷରେ ସର୍ବାଧିକ ମତଦାନ

## ପ୍ରଥମ ପର୍ଯ୍ୟାୟରେ ୬୪.୬୬ % ଭୋଟ୍



■ ପାଟନା, ୬ା୧୧ (ଏଜେନ୍ସି): ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି । ୩ କୋଟି ୭୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୬୪.୬୬ ପ୍ରତିଶତ ଭୋଟର ସନ୍ଧ୍ୟା ସୁଦ୍ଧା ମତଦାନ କରିଛନ୍ତି । ଏହା ୨୦୨୦ ନିର୍ବାଚନ ତୁଳନାରେ ୮.୯୮ ପ୍ରତିଶତ ଅଧିକ । ୨୦୨୦ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୫.୬୮ ପ୍ରତିଶତ ମତଦାନ ହୋଇଥିଲା । ଏହାସହିତ ୨୪୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୨୧ଟି ଆସନରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ୧୧ ତାରିଖରେ ହେବ । ଏଥିପାଇଁ ପ୍ରଚାର ଅଭିଯାନ ଜୋରଦାର ଚାଲିଛି ।

ନିର୍ବାଚନ କମିସନଙ୍କ ସୂତ୍ରରୁ ପ୍ରକାଶ ଯେ ୬୪.୬୬ ପ୍ରତିଶତ ମତଦାନ ହେଉଛି ବିହାର ନିର୍ବାଚନ ଇତିହାସ(୭୩ବର୍ଷ)ରେ ସର୍ବାଧିକ । ଏହାପୂର୍ବରୁ ୨୦୦୦ରେ ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୧୯୯୮ ଲୋକସଭା ନିର୍ବାଚନରେ ୬୪.୬ ପ୍ରତିଶତ ମତଦାନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି ଯେ ଏତେ ଅଧିକ ହାରରେ ମତଦାନ ସୂଚାଉଛି ଯେ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବ । ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଅଧିକ ମତଦାନ ସରକାର ପରିବର୍ତ୍ତନର ଆଭାସ ଦେଉଛି ।

ସୂଚନାଯୋଗ୍ୟ ଯେ ଗତ ୨୦୨୦ରେ ହୋଇଥିବା ନିର୍ବାଚନରେ ଏହି ୧୨୧ ଆସନ ମଧ୍ୟରୁ ଆରଜେଡି ମେଣ୍ଟକୁ ୬୩ ଆସନ ମିଳିଥିବା ବେଳେ ବିଜେପି ମେଣ୍ଟକୁ ମିଳିଥିଲା ୫୫ ଆସନ ।

ପ୍ରଥମ ପର୍ଯ୍ୟାୟ ମତଦାନରେ ଆଜି ସକାଳୁ ମତଦାନ କେନ୍ଦ୍ରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ମତଦାନ କେନ୍ଦ୍ର ଯାଇ ଭୋଟ ଦେଇଥିବା 'ଏକ୍ସ'ରେ ସେୟାର କରିଛନ୍ତି । ଆଜିର ମତଦାନ ମୋଟାମୋଟି ରୂପେ ଶାନ୍ତିପୂର୍ଣ୍ଣ ରହିଛି । କୌଣସି ସ୍ଥାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିନାହିଁ । କେବଳ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପରକୁ ଆକ୍ରମଣ ହୋଇଥିବାର ଖବର ମିଳିଛି ।

ରାଜ୍ୟରେ ଏଥର ନିର୍ବାଚନରେ ମୁଖ୍ୟ ମୁକାବିଲା ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ହେଉଛି । ବେକାରୀ ସମସ୍ୟା, ଦୁର୍ନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିଛି । ବିହାରରେ ବିବାଦୀୟ ଏସ୍‌ଆଇଆର୍ ପରେ ପ୍ରଥମ ଥର ଲାଗି ମତଦାନ ହେଉଛି । ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏଥିମଧ୍ୟରେ ଅନେକ ଭୋଟରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ନିର୍ବାଚନ କମିସନ କହିଛନ୍ତି । କିନ୍ତୁ ବିରୋଧୀ ଦଳ ଅଭିଯୋଗ ▶ପୃଷ୍ଠା-୭

# ଘାଟି ଚଢୁଚଢୁ ଜଳିଗଲା ବସ୍

## ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



■ ପଟାଙ୍ଗି, ୬ା୧୧ (ସମିସ): ଆନ୍ଧ୍ରର ବିଜୟନଗରରୁ ଓଡ଼ିଶା ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ ଲାଗି ଜଳିଯାଇଛି । ଇଞ୍ଜିନ୍ ନିକଟରେ ସର୍ଟସର୍କିଟ୍ ହୋଇ ଏହି ଅଘଟଣ ଘଟିଛି । ତେବେ ସୌଭାଗ୍ୟକୁ ବସ୍ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଦେବାରୁ ବସ୍‌ରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି ।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ଓଏସ୍‌ଆର୍‌ଟିସିର ଏକ ବସ୍ (ଓଡି ୧୦ ଏସ୍ ୬୭୫୪) ଆନ୍ଧ୍ରପ୍ରଦେଶର ବିଜୟନଗର ଡିପୋରୁ ଯାତ୍ରୀଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିଲା । ସକାଳ ପ୍ରାୟ ସାଢ଼େ ୭ଟାରେ ବସ୍‌ଟି ଓଡ଼ିଶା ସୀମାନ୍ତ ପାସିପେଣ୍ଠା ଥାନା ଅନ୍ତର୍ଗତ କୋନାୱାଲାସା ଗ୍ରାମ ନିକଟ ସାଲୁର୍ ଘାଟି ଚଢୁଥିବା ବେଳେ ଇଞ୍ଜିନରୁ ଧୂଆଁ ବାହାରୁଥିବା ଚାଳକ ଦେଖିବାକୁ ପାଇଥିଲେ । ତେଣୁ, ସେ ଗାଡ଼ିଟିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ । କିଛି ସମୟ ପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଥିଲା । ଘାଟି ନିକଟରେ ଏକ ପୁଲିସ ଚେକ୍‌ପୋଷ୍ଟରୁ ଖବର ପାଇ ସାଲୁର ସହରରେ ରହିଥିବା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । କିନ୍ତୁ ସେତେବେଳକୁ ବସ୍‌ଟି ସଂପୂର୍ଣ୍ଣ ଜଳି ଯାଇଥିଲା । ପାସିପେଣ୍ଠା ପୁଲିସ ଏକ ମାମଲା ରୁଜୁ କରି ଅଧିକ ଯାଞ୍ଚ ଚଳାଇଛି ।

# ଆଜି ନୂଆପଡ଼ାରେ ନବୀନ ଶୋ'



## ସକାଳେ ୨ ଏନ୍‌ଏସିରେ ୬ ପଥପ୍ରାନ୍ତ ସଭା

## ଅପରାହ୍ଣରେ ପାରକୋଡ଼ରେ ଜନସମାବେଶ

■ ନୂଆପଡ଼ା, ୬ା୧୧ (ସମିସ): ଆସନ୍ତାକାଲି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିମନ୍ତେ ପ୍ରଚାର ନିମନ୍ତେ ଦ୍ୱିତୀୟବାର ନୂଆପଡ଼ା ଆସିବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ାରୁ ଖରିଆର୍ ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ ବୋଲି ନିଜେ ନବୀନ ଦିନକ ତଳେ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ ଖରିଆର ରୋଡ୍ ଥାନା ନିକଟରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ନବୀନ ୧୧ଟା ୪୦ରୁ ରୋଡ୍ ଶୋ' ଆରମ୍ଭ କରିବେ । ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଲଖମାନିଆ ପେଟ୍ରୋଲପମ୍ପ ଛକ ନିକଟରେ ଜନସମାବେଶକୁ ଉଦ୍‌ବୋଧନ ଦେବେ । ଏହାପରେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ, ଏକତା ଛକରେ ମଧ୍ୟ ଅନୁରୂପ ସମାବେଶରେ ନବୀନ ଉଦ୍‌ବୋଧନ ଦେବେ । ସେହିପରି ଅପରାହ୍ଣରେ ନବୀନ ପାରକୋଡ୍ ନିକଟରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଗତ ୩ ତାରିଖରେ ନବୀନ ନୂଆପଡ଼ା ଗସ୍ତ ସମୟରେ ଶାସକ ଦଳକୁ ଶାଣିତ ଆକ୍ରମଣ କରିଥିଲେ । ରାଜ୍ୟ ସରକାରଙ୍କୁ 'ନେମ୍ ଚେଞ୍ଜର୍' ଓ 'ରଙ୍ଗବଦଳା' ବୋଲି ଉଲ୍ଲେଖ କରି ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କୁ କରାଯାଇଥିବା ପ୍ରତାରଣାକୁ ଗୋଟିଗୋଟି ଗଣିଥିଲେ । ନବୀନଙ୍କ ଏହି ଆକ୍ରମଣାତ୍ମକ ମୁଦ୍ରା ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା ବିଜେଡି ମନେକରୁଛି । ନବୀନଙ୍କ ଗସ୍ତ ନୂଆପଡ଼ା ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ମଧ୍ୟ ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମନେକରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନବୀନଙ୍କ ଗସ୍ତ ଉପରେ ସମସ୍ତଙ୍କର ନଜର ।

# ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ବୀଭତ୍ସ ହତ୍ୟା



## ଘର ମାଲିକ ପୁଅ ଗିରଫ


■ ରାୟଗଡ଼ା, ୬ା୧୧(ସମିସ): ଉତ୍ତରାଖଣ୍ଡରେ ଓଡ଼ିଆ ଯୁବତୀଙ୍କୁ ବୀଭତ୍ସ ହତ୍ୟା । ମୃତ ଯୁବତୀଜଣଙ୍କ ହେଲେ, ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା(୨୩) । ପୁଲିସ ସେଠାକାର ଏକ ନଦୀରୁ ତାଙ୍କ ଶବ ଉଦ୍ଧାର କରିଛି । ଏହି ଘଟଣାରେ ପୁଲିସ୍ ସୃଷ୍ଟ ଭଡ଼ାରେ ରହୁଥିବା ଘର ମାଲିକର ପୁଅକୁ ଗିରଫ କରିଛି । ସେ ହେଲା, ଅମିତ ସିଂହ । ସୃଷ୍ଟିଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ସେ ଶବକୁ ଚାଦରରେ ଗୁଡ଼ାଇ ସେଥିରେ ଇଟା, ପଥର ▶ପୃଷ୍ଠା-୭

ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟ

# ବେତନ ଓ ପେନ୍‌ସନରେ ଯାଉଛି ବଜେଟର ୬୨%


## ବିକାଶ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ପଇସା ନାହିଁ

## ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା




■ ନୂଆଦିଲ୍ଲୀ, ୬ା୧୧ (ଏଜେନ୍ସି): ସମ୍ପ୍ରତି ଦେଶର ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି । କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି । ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି ।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି । ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି । ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି । ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ▶ପୃଷ୍ଠା-୭




# ପ୍ରଥମ ପ୍ରୟାସରେ ରିକ୍ସାବାଲାଙ୍କ ପୁଅ ଆଇଏଏସ୍



ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ରିକ୍ସାବାଲାଙ୍କ ପୁଅ ହୋଇଥିଲେ ମଧ୍ୟ ପ୍ରଥମ ପ୍ରୟାସରେ ୟୁନିୟନ ପବ୍ଲିକ ସର୍ଭିସ କମିସନ (ୟୁପିଏସ୍‌ସି) ପରୀକ୍ଷାରେ ସଫଳତା ହାସଲ କରି ଆଇଏଏସ୍ ପାଇଛନ୍ତି ଗୋବିନ୍ଦ ଜୟସ୍ୱାଲ। ସେ ଉତ୍ତରପ୍ରଦେଶର ବାରଣାସୀରେ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାରିଦ୍ର୍ୟ ତଥା ଆର୍ଥିକ ଅନଟନ ତାଙ୍କ ସ୍ୱପ୍ନକୁ ପୂରଣ କରିବାରେ ବାଧକ ସାଜି ନଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ମଣିଷ ସବୁକିଛି ହାସଲ କରିପାରିବ ବୋଲି ସେ ପ୍ରମାଣ କରିଥିଲେ। ନିକଟରେ ଏକ ସାକ୍ଷାତକାର ଦେବା ଅବସରରେ ଗୋବିନ୍ଦ ନିଜର ସଂଘର୍ଷ କାହାଣୀ ବଖାଣିଛନ୍ତି। ଯଦି ମୁଁ ଆଇଏଏସ୍ ପାଇଛି, ତେବେ ସମସ୍ତେ ମଧ୍ୟ ପାଇପାରିବେ। କୌଣସି ପ୍ରକାର ସ୍ଥିତିରେ ଖରାପ ପରିସ୍ଥିତିର ଦୋଷ ଦେବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଏବେ ସେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ଯୁଗ୍ମ ସଚିବ ପଦରେ କାର୍ଯ୍ୟ କରୁଛନ୍ତି।

ବାପା ନାରାୟଣ ଜୟସ୍ୱାଲ ରିକ୍ସା ଟାଣନ୍ତି। ମା'ଙ୍କ ଚିକିତ୍ସା କାରଣରୁ ପରିବାର ଆର୍ଥିକ ସ୍ଥିତି ଖରାପ ହୋଇଯାଇଥିଲା। ଗୋବିନ୍ଦ ୭ମ ଶ୍ରେଣୀରେ ପଢୁଥିବା ବେଳେ ବ୍ରେନ ହାମରେଜ କାରଣରୁ ମା'ଙ୍କ ଦେହାନ୍ତ ହୋଇଥିଲା। ଫଳରେ ସ୍ଥିତି ଆହୁରି ଖରାପ୍ ହୋଇଥିଲା। ଲୋକ ଗୋବିନ୍ଦଙ୍କୁ ଏହି ସ୍ଥିତିରେ ପରିହାସ କରି ବିଭିନ୍ନ ମନ୍ତବ୍ୟ ଦେଉଥିଲେ। ବାପାଙ୍କ ଭଳି ରିକ୍ସା ଟାଣିବାକୁ ଓ ଭଉଣୀମାନଙ୍କ ପର ଘରେ ବାସନ ମାଜିବାକୁ ଲୋକେ ତାଙ୍କୁ ତାଚ୍ଛଲ୍ୟ କରି କହୁଥିଲେ। ଗୋବିନ୍ଦ ଏ ସବୁ ଚୁପ୍‌ଚାପ ଶୁଣି ସହିଯାଉଥିଲେ। କିନ୍ତୁ ନିଜ ଶୈଳୀରେ ସେ ସମସ୍ତଙ୍କୁ ଉଚିତ ଜବାବ ଦେବେ ବୋଲି ମନେମନେ ସ୍ଥିର କରି ନେଇଥିଲେ। ଅଭାବ ଅସୁବିଧା ସତ୍ତ୍ୱେ ନାରାୟଣ କେବେବି ପୁଅ ଓ ୩ ଝିଅଙ୍କ ପାଠ ପଢ଼ାରେ ଅବହେଳା କରିନାହାନ୍ତି। ପାଠ ଓ ଜ୍ଞାନ ବଳରେ ପୁଅ ଓ ଝିଅଙ୍କ ଜୀବନ ସାର୍ଥକ ହେବ ବୋଲି ସେ ଭଲଭାବେ ଅବଗତ ଥିଲେ। ନିଜ ୪ ପିଲାଙ୍କୁ ପଢ଼ାଇବା ପାଇ ସେ ସବୁ ପ୍ରକାର ପ୍ରୟାସ କରିଥିଲେ। କୌଣସି ପ୍ରକାର ଗୋବିନ୍ଦ ଓ ତାଙ୍କ ୩ ଭଉଣୀ ଗ୍ରାଜୁଏସନ କରିଥିଲେ। ପିଲାଟି ବେଳୁ ଗୋବିନ୍ଦ ୟୁପିଏସ୍‌ସି ସିଭିଲ ସର୍ଭିସ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଆଇଏଏସ୍ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। ସେ ରିକ୍ସାବାଲାଙ୍କ ପୁଅ ବୋଲି ଜାଣିପାରି ତାଙ୍କ ସାଙ୍ଗଙ୍କ ପରବାର ଲୋକେ ମଧ୍ୟ ତାଙ୍କୁ ଏକାଧିକବାର ଖରାପ ବ୍ୟବହାର କରିଥିଲେ। ସମସ୍ତଙ୍କ କଡ଼ା ଜବାବ ଦେବେ ବୋଲି ସେ ସ୍ଥିର କରିନେଇଥିଲେ। କିନ୍ତୁ ଆଇଏଏସ ହେବାର ରାସ୍ତା ଆଦୌ ସହଜ ନଥିଲା। କୌଣସି କାରଣରୁ ଆହତ ହେବା ପରେ ନାରାୟଣ ଆଉ ରିକ୍ସା ଚଳାଇପାରି ନଥିଲେ। ତେଣୁ ସେ ଜମି ବିକ୍ରି କରି ଗୋବିନ୍ଦଙ୍କୁ ଦିଲ୍ଲୀ ପଠାଇଥିଲେ। ଅର୍ଥାଭାବ କାରଣରୁ ଗୋବିନ୍ଦ ଦିଲ୍ଲୀରେ ଟ୍ୟୁସନ କରି ନିଜେ ପାଠ ପଢ଼ିବା ସହ ନିଜ ପରିବାରକୁ ଟଙ୍କା ପଠାଉଥିଲେ। ସେ ମଧ୍ୟ ଗୋଟିଏ ଓଳି ଖାଇବା ଛାଡି ଦେଇଥିଲେ। ୨୦୦୬ରେ ସେ ପ୍ରଥମଥର ପାଇଁ ଆଇଏସ୍ ପରୀକ୍ଷା ଦେଇଥିଲେ ଓ କୃତକାର୍ଯ୍ୟ ହୋଇଥିଲେ। ସର୍ବଭାରତୀୟ ମାନ୍ୟତାରେ ସେ ୪୮ ତମ ସ୍ଥାନ ଅଧିକାର କରିଥିଲେ।

## ଫିଲିପାଇନ୍ସରେ ବାତ୍ୟା; ୧୧୪ ମୃତ

ମାନିଲା, ୬।୧୧(ଏଜେନ୍ସି): ଫିଲିପାଇନ୍ସରେ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିଅର ଗୁରୁବାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଛନ୍ତି। ବାତ୍ୟା କାଲମାଗୀ ଯୋଗୁଁ ଦେଶରେ ୧୧୪ ଜଣ ଲୋକ ମୃତ୍ୟୁବରଣ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାତ୍ୟା କାରଣରୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବୈଠକରେ ମାର୍କୋସ ଏହି ଘୋଷଣା କରିଥିଲେ। ଚଳିତବର୍ଷ କାଲମାଗୀ ଦେଶରେ ସର୍ବବୃହତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଛି। ଅଧିକାଂଶ ଲୋକ ଅଚାନକ ଆସିଥିବା ବନ୍ୟାରେ ବୁଡିବା ଯୋଗୁଁ ମୃତ୍ୟୁବରଣ କରିଥିଲେ। ଏବେ ମଧ୍ୟ ୧୨୭ ଜଣ ଲୋକ ନିଖୋଜ ଅଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ସବୁ ପ୍ରଦେଶର ବୋଲି କୁହାଯାଇଛି। ଏହି ବାତ୍ୟାରେ ପାଖାପାଖି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫.୬ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ପଡ଼ିଥିଲା। ଏବେ ୪.୫ ଲକ୍ଷ ଲୋକ ରିଲିଫ୍ ଶିବିରରେ ଶରଣ ନେଇଛନ୍ତି। ଇତିମଧ୍ୟରେ ଆଉ ଏକ ବାତ୍ୟା ପ୍ରଶାନ୍ତ ମହାସାଗରରୁ ଆସିବ ଓ ଏହା ଆସନ୍ତା ସପ୍ତାହରେ ଫିଲିପାଇନ୍ସରେ ଲ୍ୟାଣ୍ଡଫଲ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ସୈନିକ ସ୍କୁଲ୍‌ରେ ଛାତ୍ରଙ୍କ ଆତ୍ମହତ୍ୟା

ଇଟାନଗର, ୬।୧୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲ୍ଲାସ୍ଥିତ ନିଗଲୋକ ସୈନିକ ସ୍କୁଲ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏନେଇ ଛାତ୍ରଙ୍କ ଭଉଣୀ ତାଡୁ ଲୁନିଆ ସିନିଅର ଛାତ୍ରଙ୍କ ଉପରେ ର୍‌ୟାଗିଂ କରିବାର ଅଭିଯୋଗ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ସେୟାର କରି ସେ ଏହି ଅଭିଯୋଗ କରିଛନ୍ତି। ଅକ୍ଟୋବର ୩୧ ରାତି ୧୧ଟାରେ ୧୦ମ ଓ ୮ମ ଶ୍ରେଣୀର ଜୁନିଅର ଛାତ୍ରଙ୍କ କୋଠରୀରେ ପଶିଥିଲେ। ବରିଷ୍ଠ ଛାତ୍ରମାନେ ୭ମ ଶ୍ରେଣୀ ଛାତ୍ରଙ୍କୁ ଡରାଇବା ଓ ଧମକାଇବା ସହ ମୋ ଭାଇକୁ ୧୦ମ ଶ୍ରେଣୀ କୋଠରୀକୁ ନେଇଥିଲେ। ରାତିସାରା ଭାଇକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ମୋ ଭାଇକୁ ସେମାନେ ଚୋର କହିଥିଲେ ବୋଲି ଲୁନିଆ କହିଛନ୍ତି। ଛାତ୍ରଙ୍କ ସୁସାଇଡ୍ ନୋଟ ମଧ୍ୟ ଜବତ କରାଯାଇଛି। ଏଥିରେ ସିନିଅର ଛାତ୍ରମାନେ ନିର୍ଯାତନା ଦେଉଥିଲେ ଓ ଏବେ କ'ଣ କରିବି ବୋଲି ସେ ଉଲ୍ଲେଖ କରିଛନ୍ତି। ନଭେମ୍ବର ପହିଲାରେ ୧୨ ବର୍ଷର ଜଣେ ଛାତ୍ରଙ୍କ ମୃତଦେହ ପାଣି ଟାଙ୍କିରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୁଲିସ ୮ ଜଣ ଛାତ୍ରଙ୍କୁ ଗିରଫ କରିଛି ଓ ଯାଞ୍ଚ୍ ଆରମ୍ଭ କରିଛି।

**ରାଗିଂର ଅଭିଯୋଗ, ୮ ଛାତ୍ର ଗିରଫ**

## ପାକିସ୍ତାନରେ ଜେନ୍-ଜେଡ୍ ବିକ୍ଷୋଭ

ଇସଲାମାବାଦ୍, ୬।୧୧(ଏଜେନ୍ସି): ନେପାଳ ଓ ବାଂଲାଦେଶ ପରେ ଏବେ ପାକିସ୍ତାନରେ ସରକାରଙ୍କ ବିରୋଧରେ ଜେନ୍- ଜେଡ୍ ପ୍ରଦର୍ଶନ ଆରମ୍ଭ ହୋଇଛି। ସରକାରଙ୍କ ବିରାଧରେ ଯୁବଗୋଷ୍ଠୀ ସଡ଼କକୁ ଓହ୍ଲାଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଏହି ପ୍ରଦର୍ଶନ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ପରୀକ୍ଷା ଇ- ମାର୍କିଂ ସିଷ୍ଟମରେ ସମସ୍ୟା, ଫି ବୃଦ୍ଧି ଓ ମୌଳିକ ସୁବିଧା ସୁଯୋଗ ନେଇ ଏହି ପ୍ରଦର୍ଶନ ହୋଇଛି। ଏହି ଆନ୍ଦୋଳନ ନଭେମ୍ବର ୪ରେ ପିଓକେ ରାଜଧାନୀ ମୁଜାଫରାବାଦ୍‌ର ୟୁନିଭର୍ସିଟି ଅଫ୍ ଆଜାଦ ଜମ୍ମୁ ଆଣ୍ଡ କଶ୍ମୀରରୁ ଆରମ୍ଭ ହୋଇଥିଲା। ସେମିଷ୍ଟାର ଫିସ୍‌ରେ ଲକ୍ଷ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାରୁ ଛାତ୍ରମାନେ ଏହାର ବିରୋଧ କରିଥିଲେ। ଆନ୍ଦୋଳନ ଅବସରରେ ଜଣେ ଛାତ୍ରଙ୍କ ଦେହରେ ଗୁଳି ବାଜିଥିଲା। ଫଳରେ ଆନ୍ଦୋଳନ ଆହୁରି ଉଗ୍ର ହୋଇଥିଲା। ମୁଜାଫରାବାଦ୍‌ରୁ ବାହାରି ଏହି ଆନ୍ଦୋଳନ ମୀରପୁର, କୋଟଲି, ରାବଲାକୋଟ ଓ ଅନ୍ୟ ସହରକୁ ବ୍ୟାପୀ ଯାଇଥିଲା। ଲାହୋରରେ ମଧ୍ୟ ଇଣ୍ଟରମିଡିଏଟ୍ ଛାତ୍ରମାନେ ଧାରଣା ଦେଇଛନ୍ତି। ଛାତ୍ରମାନେ 'ଆଜାଦୀ ଓ ହତ୍ୟାକାରୀ ଜବାବ ଦିଅ, ରକ୍ତର ହିସାବ ଦିଅ' ସ୍ଲୋଗାନ ଦେବା ସହ ପାକ୍ ସେନା ଉପରେ ଅତ୍ୟାଚାର କରୁଥିବାର ଅଭିଯୋଗ କରିଥିଲେ। ପୂର୍ବରୁ ଦରଦାମ ବୃଦ୍ଧି ନେଇ ପିଓକେରେ ୫ ଦିନଧରି ପ୍ରଦର୍ଶନ ଚାଲିଥିଲା। ପୂର୍ବରୁ ମଧ୍ୟ ପିଓକେରେ ଏଭଳି ଏକାଧିକ ଉଗ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

**ସେନାର ଅତ୍ୟାଚାର, ଫି' ବୃଦ୍ଧିକୁ ନେଇ ରାସ୍ତାରେ ବିକ୍ଷୋଭ**

# ପୋଖରୀରେ ହଜାର ହଜାର ଆଧାର କାର୍ଡ

କୋଲକାତା୬।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏକ ପୋଖରୀରୁ ହଜାର ହଜାର ଆଧାର କାର୍ଡ ମିଳିଛି। ବର୍ଦ୍ଧମାନ ଜିଲ୍ଲାର ଲଳିତପୁର ଅଞ୍ଚଳରେ ଏହି ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁହାଁମୁହିଁ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଲଳିତପୁରରେ କିଛି ଲୋକ ଏକ ପୋଖରୀ ସଫା କରୁଥିବା ବେଳେ ଏକ ବଡ଼ ବ୍ୟାଗ୍ ପାଇଥିଲେ। ଏଥିରେ ବହୁ ସଂଖ୍ୟାରେ ଆଧାର କାର୍ଡ ଥିଲା। ବେଙ୍ଗଲ ବିଜେପି ସୋସିଆଲ ମିଡିଆ 'ଏକ୍ସ'ରେ ଏହାର ଭିଡିଓ ସେୟାର କରିଛି। ମମତା ବାନାର୍ଜୀ ନିଜର ଆସନକୁ ସୁରକ୍ଷିତ ରଖିବା ପାଇଁ ଦେଶର ସାର୍ବଭୌମତାକୁ ବିପଦରେ ପକାଉଛନ୍ତି ଓ ଭାରତୀୟଙ୍କର ପରିଚୟ ପ୍ରଣାଳୀକୁ ବିପଦରେ ପକାଇଛନ୍ତି ବୋଲି

**ଏସ୍‌ଆଇଆର୍‌କୁ ନେଇ ଅଷ୍ଟମ ଆତ୍ମହତ୍ୟା**



ବିଜେପି ଫଟୋ କ୍ୟାପସନରେ ଉଲ୍ଲେଖ କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ବିରୋଧ କରି ନଭେମ୍ବର ୪ରେ କୋଲକାତାରେ ପଦଯାତ୍ରା ବାହାର କରିଥିଲେ।

ଅନ୍ୟପଟେ ଦକ୍ଷିଣ ୨୪ ପରଗଣା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟିଯିବା ଡରରେ ସଫିକୁଲ ଗାଜି ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ଗତ କିଛିମାସ ହେବ ଶ୍ୱଶୁର ଘରେ ରହୁଥିଲେ। ଏସ୍‌ଆଇଆର ପ୍ରକ୍ରିୟା ଲାଗୁ ହେବା କାରଣରୁ ସେ ଆଶଙ୍କାରେ ରହୁଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ବୈଧ ପରିଚୟ ପତ୍ର ନଥିବା କାରଣରୁ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସେ ଆଶଙ୍କାରେ ଥିଲେ। ଏସ୍‌ଆଇଆରକୁ ନେଇ ପଶ୍ଚିମବଙ୍ଗରେ ଏହା ୮ମ ଆତ୍ମହତ୍ୟା ଘଟଣା ବୋଲି ଟିଏମ୍‌ସି କହିଛି। ଏସ୍‌ଆଇଆରକୁ ନେଇ ବିଜେପି ଭୟର ବାତାବରଣ ସୃଷ୍ଟି କରିଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଟିଏମ୍‌ସି ଅଭିଯୋଗ ଆଣିଛି। ସେପଟେ ଏସ୍‌ଆଇଆରକୁ ନେଇ ମାତୁଆ ସମ୍ପ୍ରଦାୟର ଲୋକ ଆମରଣ ଅନସନ ଜାରି ରଖିଛନ୍ତି। ବାଂଲାଦେଶରୁ ଆସିଥିବା ସବୁ ଶରଣାର୍ଥୀଙ୍କୁ ବିନା ସର୍ତ୍ତରେ ନାଗରିକତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ କେରଳରେ ଏସ୍‌ଆଇଆର୍ ବିରୋଧରେ ବିଜେପିକୁ ବାଦ୍ ଦେଇ ସବୁ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏସ୍‌ଆଇଆର ପ୍ରକ୍ରିୟାକୁ ସରକାର ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ବିରୋଧୀ ଦଳ ମଧ୍ୟ ଏ ବାବଦରେ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି।

## ରାଇନା- ଧାୱନଙ୍କ ୧୧ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗୁରୁବାର ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ଦୁଇ ଖେଳାଳି ଅନ୍‌ଲାଇନ୍ ବେଟିଂ ଆପ୍ '୧xବେଟ୍'ର ପ୍ରମୋଶନ କରି ଉପାର୍ଜନ କରିଥିବା ଅର୍ଥକୁ ନିବେଶ ଓ ସମ୍ପତ୍ତି କ୍ରୟ କରିବାରେ ଖର୍ଚ୍ଚ କରିଥିଲେ ବୋଲି ଇଡି କହିଛି। କଳା ଧନକୁ ବୈଧ ବା ଧଳା କରିବା ଅର୍ଥାତ ମନି ଲଣ୍ଡରିଂ ନିରୋଧ ଆଇନ୍ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଇନା ୬, ୬୪ କୋଟି ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ନିବେଶ ଓ ଧାୱନଙ୍କ ୪.୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ଏହି ସମ୍ପତ୍ତିକୁ ଅପରାଧରୁ ଉପାର୍ଜିତ ଧନ ବୋଲି ବିବେଚନା କରାଯିବ ବୋଲି ଇଡି କହିଛି।

**ବେଟିଂ ଆପ୍‌ରେ ବିଜ୍ଞାପନ**

# ଦିଲ୍ଲୀରେ ୨୨ ଲକ୍ଷ ପିଲାଙ୍କୁ ଫୁସ୍‌ଫୁସ୍ ରୋଗ



ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ସାରା ଦେଶରେ ଏବେ ବାୟୁ ପ୍ରଦୂଷଣ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି। ବର୍ଦ୍ଧିତ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏହାକୁ ଲୁକ୍ ଖ୍ରୀଷ୍ଟାଫର କାଉଣ୍ଟିନୋ ଦାଏର କରିଛନ୍ତି। ପ୍ରଦୂଷଣ ଏତେ ବୃଦ୍ଧି ପାଇଛି ଯେ, ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ସ୍ତରରେ ପହଞ୍ଚିଛି ବୋଲି ସେ କହିଛନ୍ତି। ଏହା ଗାଁ ଓ ସହରରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। କେବଳ ଦିଲ୍ଲୀରେ ହିଁ ୨୨ ଲକ୍ଷ ଛୋଟ ସ୍କୁଲ ପିଲାଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି ଓ ଏମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ଏବେ କଷ୍ଟକର ବୋଲି ଏହି ଆବେଦନରେ ଉଲ୍ଲେଖ କରାଯାଇଛି। ସରକାରୀ ଓ ମେଡିକାଲ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ଧୂଆଁ ଛାଇ ରହିଥିଲା ଓ ଏକ୍ୟୁଆଇ ୨୭୮ ଥିଲା। ଏହା ଖରାପ ବର୍ଗରେ ସାମିଲ ରହିଛି। ସନ୍ଧ୍ୟା ସୁଦ୍ଧା ଏହା ଆହୁରି ଖରାପ୍ ସ୍ଥିତିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ନଭେମ୍ବର ୬ରୁ ୮ ମଧ୍ୟରେ ପ୍ରଦୂଷଣ ଆହୁରି ଖରାପ୍‌ସ୍ତରରେ ପହଞ୍ଚିବ। ସୁପ୍ରିମକୋର୍ଟ ଦୁଇଦିନ ତଳେ ଦିଲ୍ଲୀ-ଏନ୍‌ସିଆରରେ ବର୍ଦ୍ଧିତ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଥିଲେ। ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ କୋର୍ଟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ପ୍ରଶ୍ନ ପଚାରିଥିଲେ।



ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଦେବାକୁ ଲାଇନ୍‌ରେ ମତଦାତା

# ମୃତ ମହିଳାଙ୍କ ଭୋଟର କାର୍ଡରେ ମଡେଲଙ୍କ ଫଟୋ

ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସାଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ନେଇ ସାମ୍ନାକୁ ଆସିଛନ୍ତି ରହସ୍ୟମୟୀ ବ୍ରାଜିଲ ମଡେଲ। ସେ ହେଉଛନ୍ତି ଲାରିସା। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ସେ ଏ ନେଇ ନିଜର ମତ ରଖିଛନ୍ତି। ଏହି ଭିଡିଓରେ ସେ ପର୍ତ୍ତୁଗାଲ ଭାଷାରେ ବାର୍ତ୍ତା ଦେଇଛନ୍ତି। ଭାରତରେ ଭୋଟ ଦେବା ପାଇଁ ମୋର ପୁରୁଣା ଫଟୋର ବ୍ୟବହାର କରାଯାଉଛି। ମୋତେ ଭାରତୀୟ ବୋଲି କହି ନିଜ ଭିତରେ ଲଢ଼େଇ କରୁଛନ୍ତି। ମୁଁ କେବେବି ଭାରତ ଗସ୍ତ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।




୨୦୨୨ରେ ମୃତ୍ୟୁବରଣ କରିଥିବା ହରିୟାଣାର ଜଣେ ମହିଳାଙ୍କ ଭୋଟର ରେକର୍ଡରେ ଲାରିସାଙ୍କ ଫଟୋ ରହିଛି ବୋଲି ଜଣାପଡ଼ିଛି। ଏହି ମହିଳା ହେଉଛନ୍ତି ବିନୋଦଙ୍କ ପତ୍ନୀ ଗୁନିଆ। ମୃତ୍ୟୁର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଗୁନିଆଙ୍କ ନାମ ଭୋଟର ତାଲିକାରେ ରହିଥିବାରୁ ତାଙ୍କ ପରିବାର ଲୋକ ଚକିତ ହୋଇଛନ୍ତି। ପୁଣି ତାଲିକାରେ ଗୁନିଆଙ୍କ ବଦଳରେ ଏହି ବିଦେଶୀ ମଡେଲଙ୍କ ଫଟୋ ରହିଛି ବୋଲି ଗୁନିଆଙ୍କ ଶାଶୁ କହିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଭୋଟ୍ ଦେଇଥିଲେ କିନ୍ତୁ ଏ ଫଟୋ କିଭଳି ଆସିଲା ସେ ପ୍ରଶ୍ନ କରିଛନ୍ତି।

ରାହୁଲ ଗାନ୍ଧୀ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ ୨୫ ଲକ୍ଷ ଭୋଟ ଚୋରି ହୋଇଥିଲା। ସେ ନିଳ ଡେନିମ ଜ୍ୟାକେଟ ପିନ୍ଧିଥିବା ଜଣେ ମହିଳାଙ୍କ ଫଟୋ ଦେଖାଇ ପ୍ରଶ୍ନ କରିଥିଲେ। ହରିୟାଣା ଭୋଟର ତାଲିକାରେ ଏହି ବ୍ରାଜିଲ ମଡେଲଙ୍କର କ'ଣ କାମ ବୋଲି ସେ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଥିଲେ। ଏହି ମଡେଲ ହରିୟାଣାରେ ୧୦ଟି ବୁଥ୍‌ରେ କେତେବେଳେ ସୀମା, ସୁଇଟି, ସରସ୍ୱତୀ ନାମରେ ୨୨ଥର ଭୋଟ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ହରିୟାଣା ଭଳି ବିହାରରେ ମଧ୍ୟ ସରକାର ଭୋଟ ଚୋରି କରିବାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ରାହୁଲ କହିଥିଲେ। ରାହୁଲ ଲାରିସାଙ୍କ ୧୮ କିମ୍ବା ୨୦ ବର୍ଷର ଫଟୋ ଦେଖାଇଥିଲେ। ସେତେବେଳେ ମଡେଲିଂ ଆରମ୍ଭ କରୁଥିଲି ବୋଲି ଲାରିସା କହିଛନ୍ତି। ବିନା ଅନୁମତିରେ ମୋ ଫଟୋ ବ୍ୟବହାର କରାଯାଇଛି। ଏବେ ମଡେଲିଂ କରୁନାହିଁ। ସେମାନେ ଠକିବା ପାଇଁ ମୋ ଫଟୋର ବ୍ୟବହାର କରୁଛନ୍ତି। ଭାରତର ରାଜନୀତି ନେଇ ମୋର କୌଣସି ଯାଏ ଆସେ ନାହିଁ ବୋଲି ଲାରିସା ସ୍ପଷ୍ଟ କରିଛନ୍ତି।

# ଭାରତ-ପାକିସ୍ତାନ ଯୁଦ୍ଧରେ ୭ ନୁହେଁ; ୮ ଜେଟ୍ ଖସିଛି: ଟ୍ରମ୍ପ

ନ୍ୟୁୟର୍କ, ୬।୧୧(ଏଜେନ୍ସି): ଭାରତ- ପାକିସ୍ତାନ ଯୁଦ୍ଧ ତଥା ଅପରେସନ ସିନ୍ଦୂର ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହ ତୁଟିବାର ନାମ ନେଉନାହିଁ। ସେ ବାରମ୍ବାର ଏନେଇ ନିଜର ମତ ଦୋହରାଉଛନ୍ତି ଓ ମତ ବଦଳାଉଛନ୍ତି ମଧ୍ୟ। ୩ ଦିନର ଏହି ଛୋଟିଆ ଯୁଦ୍ଧରେ କେତେ ସଂଖ୍ୟାରେ ଲଢୁଆ ଜେଟ୍ ବିମାନ ଖସିଛି ସେ ନେଇ ଏକ ନୂଆ ତଥ୍ୟ ଦେଇଛନ୍ତି। ସେ ବିନା କୌଣସି ତଥ୍ୟ ଓ ପ୍ରମାଣ ପୂର୍ବରୁ ଏକାଧିକ ବାର ମନ୍ତବ୍ୟ ଦେଇଛନ୍ତି। ଏବେ ସେ ଏକ ବିଜ୍‌ନେସ ଫୋରମ୍‌ର କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ପୂର୍ବ ମନ୍ତବ୍ୟକୁ ସଂଶୋଧନ କରିଛନ୍ତି। ମେ ୭ରୁ ୧୦ ତାରିଖ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ ୮ଟି ଜେଟ୍‌କୁ ମାରି ଖସାଯାଇଥିଲା ବୋଲି ସେ କହିଛନ୍ତି। ତାଙ୍କ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିଲା ବୋଲି ସେ ପୁଣି ଥରେ ଦାବି କରିଛନ୍ତି। ଆର୍ଥିକ କଟକଣା ଲାଗୁ କରିବାର ଧମକ ଦେବା ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧରେ ୭ଟି ଜେଟ୍‌କୁ ମାରି ଖାସା ଯାଇଥିଲା ଓ ଅଷ୍ଟମ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅର୍ଥାତ ମୋଟ ଉପରେ ୮ଟି ବିମାନ ଧ୍ୱସ ହୋଇଥିଲା ବୋଲି ସେ କହିଛନ୍ତି। ସେ ଏହି ଯୁଦ୍ଧକୁ ରୋକିବାର ଶ୍ରେୟ ନେବାକୁ ଗତ ମାସ ମଧ୍ୟରେ ଅତିକମ୍‌ରେ ୬୦ରୁ ଅଧିକଥର ଦାବି କରି ସାରିଛନ୍ତି। ଅବଶ୍ୟ ଖସା ଯାଇଥିବା ବିମାନ କେଉଁ ଦେଶର ସେ କେବେ କହିନାହାନ୍ତି। ଏହି ଯୁଦ୍ଧରେ ୫ଟି ବିମାନକୁ ଧ୍ୱସ କରି ଖସାଯାଇଥିବା କଥା ସେ ପୂର୍ବରୁ କହିଥିଲେ। ଏବେ ଏହାର ସଂଖ୍ୟାକୁ ସେ ବୃଦ୍ଧି କରି ୮ରେ ପହଞ୍ଚାଇଛନ୍ତି। ଏହି ଯୁଦ୍ଧରେ ପାକିସ୍ତାନର ୮ରୁ ୧୦ଟି ବିମାନକୁ ମାରି ଖସାଯାଇଛି ବୋଲି ଭାରତ ପୂର୍ବରୁ ଦାବି କରିଥିଲା। ଏଥିରେ ଏଫ୍-୧୬ ଓ ଜେଏଫ୍-୧୭ ବିମାନ ସାମିଲ ଥିଲା।

# ମମ୍‌ଦାନୀଙ୍କ କେଜ୍ରିୱାଲ ମଡେଲ: କାମରେ ଆସିଲା ମାଗଣା ଯୋଜନା ପ୍ରତିଶ୍ରୁତି

ନ୍ୟୁୟର୍କ, ୬।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି। ମେୟର ନିର୍ବାଚନରେ ତାଙ୍କୁ ବିଜୟୀ କରାଇବାରେ ଆମେରିକାର ଅଶ୍ୱେତ ତଥା କୃଷ୍ଣକାୟ ସମ୍ପ୍ରଦାୟ ଓ ଏସୀୟ ପ୍ରବାସୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନ୍ୟୁୟର୍କରେ ୫୫ ପ୍ରତିଶତ କୃଷ୍ଣକାୟ ଓ ୫୧ ପ୍ରତିଶତ ଏସୀୟ ପ୍ରବାସୀ ରୁହନ୍ତି। ପୁଣି ୩୪ ବର୍ଷୀୟ ମମ୍‌ଦାନୀ ଜଣେ ଯୁବ ନେତା ହୋଇଥିବାରୁ ଜେନ୍- ଜେଡ୍ ଉପରେ ତାଙ୍କ ଯାଦୁ ସବୁଠାରୁ ଅଧିକ କାମ କରିଥିଲା। ୧୫ରୁ ୨୯ ବର୍ଷ ବୟସର ଯୁବକ ଯୁବତୀମାନେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇଥିଲେ। ମମଦାନୀଙ୍କ ଏହି ବିଜୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଆର୍ଥିକ ନୀତି ବିରୋଧରେ ସବୁଠାରୁ ବଡ଼ ଜନମତ ବୋଲି ବିବେଚନା କରାଯାଉଛି। ମମ୍‌ଦାନୀ ଏବେ ପ୍ରବାସୀଙ୍କ ପାଇଁ ନୂଆ ଆଶାଭରସା ସୃଷ୍ଟି କରିଛନ୍ତି। ମମ୍‌ଦାନୀ ନିର୍ବାଚିତ ହେବା ପରେ ପ୍ରବାସୀମାନଙ୍କ ପାଇଁ ଆମେରିକାରୁ ବିଦା ହେବା ଆଶଙ୍କାକୁ କମ୍ କରିଛି। ଏଥିସହ ବିଭିନ୍ନ କାରଣ ପାଇଁ ମମ୍‌ଦାନୀଙ୍କୁ ଆମେରିକାର କେଜ୍ରିୱାଲ ବୋଲି କୁହାଯିବା ଆରମ୍ଭ ହୋଇଛି। ମମ୍‌ଦାନୀ କେଜ୍ରିୱାଲଙ୍କ ଭଳି ନିର୍ବାଚନ ମାଗଣା ପ୍ରତିଶ୍ରୁତି ଦେଇ ଅର୍ଥାତ କେଜ୍ରିୱାଲଙ୍କ ନୀତି ଆପଣାଇ ବିଜୟୀ ହେବାକୁ ସକ୍ଷମ ହୋଇଛନ୍ତି ବୋଲି କୁହାଯାଉଛି। ବିଜୟୀ ହେବା ପାଇଁ ସେ କେଜ୍ରିୱାଲଙ୍କ ଭଳି ବିଭିନ୍ନ ମାଗଣା ଯୋଜନାର ଘୋଷଣା କରିଥିଲେ ଓ ଏହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ପୂର୍ବରୁ କେଜ୍ରିୱାଲ ଦିଲ୍ଲୀ ନିର୍ବାଚନରେ ବିଜୟୀ ହେବା ପାଇଁ ଏହି ନୀତି ଆପଣାଇ ସଫଳତା ପାଇଥିଲେ।

କେଜ୍ରିୱାଲଙ୍କ ଭଳି ମମ୍‌ଦାନୀ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନ୍ୟୁୟର୍କରେ ସେ ଆଗାମୀ ୪ ବର୍ଷ ପାଇଁ ଘର ଭଡ଼ା ନ ବୃଦ୍ଧି କରିବା ନେଇ ଭୋଟରଙ୍କୁ କଥା ଦେଇଥିଲେ। ପୁଣି ସରକାରୀ ପାଣ୍ଠିରୁ ଗରିବ ଲୋକଙ୍କ ପାଇଁ ସେ ଦୁଇ ଲକ୍ଷ ବାସଗୃହ ନିର୍ମାଣ କରି ପ୍ରଦାନ କରିବେ ବୋଲି କହିଥିଲେ। ପୁଣି ଲୋକଙ୍କୁ ଶସ୍ତା ରାଶନ ଦେବା ପାଇଁ ଶସ୍ତା ରାଶନର ଦୋକାନ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ମିଳିଥିଲା ଓ ସେ ନ୍ୟୁୟର୍କର ଦକ୍ଷିଣ ଏସିଆର ପ୍ରଥମ ମୁସ୍‌ଲିମ୍ ମେୟର ନିର୍ବାଚିତ ହେବାର ପଥ ପରିଷ୍କାର ହୋଇଥିଲା। ଠିକ୍ ଏହିପରି କେଜ୍ରିୱାଲ ମଧ୍ୟ ଦିଲ୍ଲୀରେ ମାଗଣା ବିଜୁଳି, ପାଣି ଦେବାକୁ ଘୋଷଣା କରି ନିର୍ବାଚନ ଜିତିଥିଲେ। କିନ୍ତୁ ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବା ଏବେ ମମ୍‌ଦାନୀ ପାଇଁ ଆଦୌ ସହଜ ହେବ ନାହିଁ। ନ୍ୟୁୟର୍କର ବଜେଟ ମଧ୍ୟ ଏତେ ପର୍ଯ୍ୟାପ୍ତ ନୁହେଁ ଯେ, ସେ ତାଙ୍କ ସବୁ ପ୍ରତିଶ୍ରୁତି ପାଳନ କରିବେ।



ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାର ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ନିର୍ଭର କରିବାକୁ ହେବ। ଟ୍ରମ୍ପ ତାଙ୍କୁ ସହାୟତା କରିବାର ସମ୍ଭାବନା କମ୍ ରହିଛି। ପୂର୍ବରୁ ଯଦି ମମ୍‌ଦାନୀ ବିଜୟୀ ହେବେ, ନ୍ୟୁୟର୍କ ସହରର ବଜେଟକୁ ରୋକି ଦେବେ ବୋଲି ପୂର୍ବରୁ ଟ୍ରମ୍ପ ଖୋଲାଖୋଲି ଭାବେ ଧମକ ଦେଇସାରିଛନ୍ତି। ପୁଣି ଆମେରିକାର ଚାଲିଥିବା ସଟ୍‌ଡାଉନ୍ ସ୍ଥିତିକୁ ଆହୁରି ଖରାପ୍ କରିଛି। ନିଜର ପ୍ରତିଶ୍ରୁତି ପୂରଣ କରିବାକୁ ମମ୍‌ଦାନୀଙ୍କୁ ଧନୀଲୋକଙ୍କ ଉପରେ ଟିକସ୍ ବୃଦ୍ଧି କରିବାର ଏକ ବିକଳ୍ପ ରହିଛି। ଆୟଠାରୁ ବ୍ୟୟ ଅଧିକ ହେବା ନିଶ୍ଚିତ। ତେଣୁ ସୀମିତ ସମ୍ବଳକୁ ବାଦ୍ ଦେଲେ ଏବେ ଅର୍ଥ କେଉଁଠାରୁ ଆସିବ ସେ ନେଇ ମମ୍‌ଦାନୀ ନିଶ୍ଚିତ ଭାବେ ସମସ୍ୟାର ସମ୍ମୁଖୀନ ହେବେ। ସେ କେଜ୍ରିୱାଲ ମଡେଲ ଆପଣେଇ ବିଜୟୀ ହେବାକୁ ସକ୍ଷମ ହେଲେ। କିନ୍ତୁ କେଜ୍ରିୱାଲଙ୍କ ଭଳି ଏବେ ତାଙ୍କର ଅନ୍ତ ମଧ୍ୟ ହେବ ବୋଲି ବିଶେଷଜ୍ଞମାନେ ଅନୁମାନ କରି କହିଛନ୍ତି। ପ୍ରତିଶ୍ରୁତି ପୂରଣ ନ କରିପାରିଲେ ନ୍ୟୁୟର୍କରେ ଅବ୍ୟବସ୍ଥା ଦେଖା ଦେବ। ତେଣୁ ମୋଟମୋଟି ଉପରେ ଏବେ ମମ୍‌ଦାନୀଙ୍କ ଉପରେ ଆଗକୁ କଡ଼ା ଚ୍ୟାଲେଞ୍ଜ ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ।

## ଆତ୍ମସମର୍ପଣ ପାଇଁ ଜଙ୍ଗଲରେ ୧୨ ଘଣ୍ଟା ଚାଲିଲେ

ମାଲକାନଗିରି, ୬ ।୧୧(ସମିସ): ଜଙ୍ଗଲରେ ୧୨ଘଣ୍ଟା ଚାଲିଚାଲି ଜଣେ କୁଖ୍ୟାତ ମାଓନେତ୍ରୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବକରକଟ୍ଟା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି । ଆତ୍ମସମର୍ପଣ କରିଥିବା ମାଓନେତ୍ରୀଜଣଙ୍କ ହେଲେ, କମଳା ସୋଡି ଓରଫ୍ ତରୁଣା । ତାଙ୍କ ଘର ଛତିଶଗଡ଼ର ସୁକମା ଜିଲ୍ଲାରେ ।

**କୁଖ୍ୟାତ ମାଓନେତ୍ରୀଙ୍କ ଆତ୍ମସମର୍ପଣ**



ସେ ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାଓ ସଙ୍ଗଠନରେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ମାଓ ହିଂସାରେ ଜଡ଼ିତ ଥିଲେ । ତାଙ୍କ ମୁଣ୍ଡ ଉପରେ ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ମାଓଗଡ଼ କୁହାଯାଉଥିବା ବାଲାଘାଟ ଜଙ୍ଗଲରେ ପ୍ରାୟ ୧୨ ଘଣ୍ଟା ଚାଲି ଚାଲି ଆସିବା ପରେ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ବର୍ତ୍ତମାନ ମାଓ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଇବାରେ ଲାଗିଛି । ଏହାସହ, ସରକାରଙ୍କ ମାଓ ଦମନ ଅପରେସନ୍ ଏବଂ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଛନ୍ତି ବୋଲି କହିଛନ୍ତି । ସରକାରଙ୍କ ନୀତି ଅନୁଯାୟୀ ତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।

## ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାରେ ୨୪୦୫ଜଣ କୃତକାର୍ଯ୍ୟ

କଟକ, ୬।୧୧ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୪ର ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ମୋଟ ୨୪୦୫ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଉନ୍ନୀତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୭୮୧ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ଏ ସଂକ୍ରାନ୍ତରେ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି । ଗତ ଅକ୍ଟୋବର୍ ୧୨ରେ ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସିଭିଲ୍ ସର୍ଭିସ୍ ମୁଖ୍ୟ ପରୀକ୍ଷା ଆସନ୍ତା ୨୦୨୬ ଜାନୁଆରି ଶେଷ କିମ୍ବା ଫେବୃଆରି ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି । ଏ ସଂକ୍ରାନ୍ତରେ ଓପିଏସ୍‌ସି ପକ୍ଷରୁ ପରବର୍ତ୍ତୀ ସମୟରେ ୱେବସାଇଟ୍‌ରେ ବିଜ୍ଞପ୍ତି ଜାରି କରାଯିବ ।

# ଚଣ୍ଡୀ ମନ୍ଦିର ନବକଳେବର ପ୍ରକଳ୍ପ ବାଟବଣା





କଟକ, ୬।୧୧ (ସମିସ): ଆଧ୍ୟାତ୍ମିକତା, ଭାବାବେଗ ଓ କିଂବଦନ୍ତିର ପୃଷ୍ଠାକୁ ଆଧାର କରି ଆରମ୍ଭ ହୋଇଥିବା ଯୋଜନା ଏବେ ରାଜନୀତି ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଛି । ଅଧାଖଣ୍ଡିଆ ହୋଇ ଶୋଇଛି ମା' କଟକ ଚଣ୍ଡୀମନ୍ଦିରର ନବକଳେବର ପ୍ରକଳ୍ପ । ପୂର୍ବ ସରକାରଙ୍କ ଯୋଜନାକୁ ମାଡ଼ିମକଚି ଲୋଚାକୋଚା କରି ପକାଇଲେଣି ଏବର ସରକାରୀ କଳ । ନବନିର୍ମାଣ ପାଇଁ ତମାମ ମନ୍ଦିରକୁ ଭାଙ୍ଗି ଦିଆଯାଇଛି ସତ, ହେଲେ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଧୀରେଧୀରେ ଜନଆକ୍ରୋଶର କାରଣ ପାଲଟିଲାଣି । ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଯୋଜନାର ବାଟବଣା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଦେଲାଣି ।

୭୦ କୋଟି ଟଙ୍କା ବ୍ୟୟରେ କଟକ ଚଣ୍ଡୀମନ୍ଦିର ପ୍ରକଳ୍ପ ଆରମ୍ଭ ହୋଇଥିଲା । ରାଜ୍ୟରେ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ଗଠନ ପରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅଧିକ ବ୍ୟୟ କରାଯିବ ବୋଲି ଘୋଷଣା କରାଯାଇଥିଲା । ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ମନ୍ଦିରର ନିର୍ମାଣ ଦାୟିତ୍ୱ ଦିଆଯାଇଛି । ମାର୍କେଟ୍ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ଯଥୋଚିତ ଆଗେଇ ପାରିନାହିଁ । ୨୦୨୫ ଡିସେମ୍ବର ସୁଦ୍ଧା କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ନବୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁରୁଣା ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି କରାଯିବାକୁ ସ୍ଥିର ହୋଇଥିଲା । ମାତ୍ର ସ୍ଥିତାବସ୍ଥାରୁ ଜଳଜଳ ହୋଇ ଦିଶୁଛି, କି ଫାଟକ ଖଞ୍ଜା ଯାଇନି । ଉତ୍ତରଦ୍ୱାର ଏବଂ ପଶ୍ଚିମ ଦ୍ୱାରର ହାଲତ ମଧ୍ୟ ସମାନ । ଏଣୁ, ରାତି ହେଲେ ଜଗମୋହନରେ କୁକୁର ଶୋଉଛି ବୋଲି ମନ୍ଦିରର ଜଣେ ସେବାୟତ ଆଲୋଚନା ପ୍ରସଙ୍ଗରେ କହିଛନ୍ତି । ନୂତନ ଭାବେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ଦିରର ଉଚ୍ଚତା ୪୪ ଫୁଟ୍ ହେବ । ଯାହାକି ପୁରୁଣା ମନ୍ଦିରଠାରୁ ପ୍ରାୟ ଦେଢ଼ଗୁଣା ଅଧିକ । ପୁରୁଣା ମନ୍ଦିରର ଉଚ୍ଚତା ୨୫ ଫୁଟ୍ । ତେବେ ମୁଖ୍ୟମନ୍ଦିର ନିର୍ମାଣ ଯେଉଁଭଳି ଭାବେ ଆଗେଇ ଚାଲିଛି, ତଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏବଂ ପୂଜାର୍ଚ୍ଚନା କାଠିକର ପାଠ ହେଲାଣି ବୋଲି ସେବାୟତ କହିଛନ୍ତି । ନବକଳେବର ପ୍ରକଳ୍ପ ଆରମ୍ଭ କରାଯିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଭାଙ୍ଗି ଦିଆଯାଇଥିଲା । ଗତ ୯ ମାସ ହେଲାଣି ପାର୍ଶ୍ୱଦେବଦେବୀ ନିକଟସ୍ଥ ଶିବ ମନ୍ଦିର ଭିତରେ ରହି ପୂଜା ପାଉଛନ୍ତି । ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଆସ୍ଥାନ ମଧ୍ୟ ଏଯାଏଁ ନିର୍ମାଣ କରାଗଲା ନାହିଁ । ସେହିପରି ମନ୍ଦିର ନିକଟରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା । କ୍ଷତିପୂରଣ ଉଦ୍ଦେଶ୍ୟରେ ୧୮ଟି ଦୋକାନ ଗୃହ ନିର୍ମାଣ ହୋଇଛି । ହେଲେ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ । ଦୋକାନ ଘରଗୁଡ଼ିକ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ହସ୍ତାନ୍ତର କରାଯାଇନାହିଁ ।

**■ ଜଗମୋହନରେ ଶୋଉଛି କୁକୁର**
**■ ପାର୍ଶ୍ୱ ଦେବଦେବୀଙ୍କୁ ଆସ୍ଥାନ ମିଳିନି**
**■ ବର୍ଷା ହେଲେ ମନ୍ଦିରରେ ବନ୍ୟା**
**■ କଣ୍ଟ ପୂରିବାକୁ ଆଉ ମାସେ ବାକି**

କଣ୍ଟ ପୂରିବା ବେଳକୁ ପ୍ରକଳ୍ପ ସରିବନି।

ମନ୍ଦିରର ସିଂହଦ୍ୱାର ନିର୍ମାଣ ଶେଷ ହୋଇଛି, ହେଲେ କାମଚଳା ଭଳି । ସିଂହଦ୍ୱାରରେ କୌଣସି ମୂର୍ତ୍ତି ଲଗାଯାଇନାହିଁ

ଅକ୍ଟୋବର ସୁଦ୍ଧା ମନ୍ଦିରରୁ ଜଳ ନିଷ୍କାସନ ବ୍ୟବସ୍ଥା କାମ ସାରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ତାରିଖ ଶେଷ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ କାମ ଶେଷ ହୋଇପାରିଲା ନାହିଁ । ଏଣୁ, ଅଦିନିଆ ବର୍ଷା ହେଲେ ମନ୍ଦିର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ମନ୍ଦିରର ଏଭଳି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଯେ ସମ୍ପୂର୍ଣ୍ଣ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ । ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଚଣ୍ଡୀମନ୍ଦିର ନବକଳେବର ପାଇଁ ରହିଥିବା ପୂର୍ବ ସରକାରଙ୍କ ଯୋଜନା ଏବେ ଫସର ଫାଟିବାକୁ ଯାଉଛି । ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗ ଉପରେ ଆଘାତ ଆସିଥିବା କୁହାଯାଉଛି ।

# ସୁନାର ଓଡ଼ିଶାକୁ ବିଜେପି ସରକାର ଛାରଖାର କରିଦେଲା: ବିଜେଡି

ନୂଆପଡ଼ା, ୬ ।୧୧(ସମିସ): ରାଜ୍ୟର ଗରିବ, ପ୍ରବାସୀ ଶ୍ରମିକ, କୃଷକ, ମହିଳାମାନଙ୍କ ପାଇଁ ନବୀନ ସରକାର ଯାହା ସବୁ କରିଥିଲେ, ତାକୁ ମୋହନ ସରକାର ଛାରଖାର କରିଦେଲେ । ୧୬ ମାସ ଭିତରେ ରାଜ୍ୟକୁ ଆଗକୁ ନେବା ପରିବର୍ତ୍ତେ ପଛକୁ ନେବାର ସବୁ ବନ୍ଦୋବସ୍ତ କରିଛନ୍ତି । ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିବାରେ ବିଜେପି ସରକାର ଗୁରୁତର ବିଫଳ ହେବା ସହ ଲୋକଙ୍କୁ କେବଳ ପ୍ରତାରଣା ଦେଇଛନ୍ତି ।

**■ ବିଜେପିର ମହିଳା ଜାଗରଣ: ୧୬ ମାସରେ ୪ ହଜାର ବଳାତ୍କାର**
**■ ସୁଭଦ୍ରା, ଆୟୁଷ୍ମାନ, ମାଗଣା ବିଜୁଳି, ଭତ୍ତା; ସବୁଥିରେ ଠକିଲେ**

ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏପରି ଅଭିଯୋଗ କରି ସରକାରଙ୍କୁ ଘେରିଛି । ଦଳର ବରିଷ୍ଠ ନେତା ତଥା ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ବିଧାୟକ ଧ୍ରୁବଚରଣ ସାହୁ ବିଜେପି ସରକାରଙ୍କ ଅପାରଗତାର ହିସାବ ଦେବା ସହ ନୂଆପଡ଼ା ଉପନିର୍ବାଚନରେ ବିଜେପିର ପରାଜୟ ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଥିଲେ, ଓଡ଼ିଶାର ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ କ'ଣ କରିଛନ୍ତି, ତାହା କାହାକୁ ଅଛପା ନାହିଁ । କିନ୍ତୁ ରାଜ୍ୟର ସ୍ଥିତି ଆଜି ଦ୍ରୁତଗତିରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଖୋଦ୍ କେନ୍ଦ୍ର ସରକାରଙ୍କ ରିପୋର୍ଟ କହୁଛି, ଓଡ଼ିଶାରେ ପ୍ରତିଦିନ ହାରାହାରି ୧୫ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି । ଗତ ୧୬ ମାସ ଭିତରେ ୪ ହଜାର ମହିଳା ଏହି ଦଶା ଭୋଗିଲେଣି । ବେସରକାରୀ ଭାବେ ଏହି ସଂଖ୍ୟା ଆହୁରି ଅଧିକ ହେବ । ଏହା ହେଉଛି ବିଜେପି ସରକାରର



ମହିଳା ଜାଗରଣ ଓ ସଶକ୍ତୀକରଣ ବୋଲି ସେ କଟାକ୍ଷ କରିଛନ୍ତି । ସେହିପରି ଚାଷୀଙ୍କୁ ଇନପୁଟ ସବ୍‌ସିଡି ଦେଇ ଏମଏସ୍‌ପି ବୃଦ୍ଧି କଲେ ବୋଲି କହୁଛନ୍ତି । କିନ୍ତୁ ଯୋଗାଣ ବିଭାଗ ଏପରି ଏକ ପଞ୍ଜୀକରଣ ବ୍ୟବସ୍ଥା ଆବିଷ୍କାର କଲା, ଯେଉଁଥିରେ ହଜାରହଜାର ଚାଷୀ ପଞ୍ଜୀକରଣ କରିନପାରି ଶାଗ ମାଛ ଦରରେ ଦଲାଲଙ୍କୁ ଧାନ ବିକୁଛନ୍ତି । ବିଏସ୍‌କେୱାଇ ଭଳି ଏକ ଲୋକପ୍ରିୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବନ୍ଦ କରି ଆୟୁଷ୍ମାନ କାର୍ଡ ପ୍ରଚଳନ କରିବା ପରେ ଡାକ୍ତରଖାନାରେ ରୋଗୀ ଚିକିତ୍ସା ନ ପାଇ ଛଟପଟ ହେଉଛନ୍ତି । 'ସୁଭଦ୍ରା' ଯୋଜନାରେ ବର୍ଷକରେ ୫୦ ହଜାର ଟଙ୍କା ଦେବେ ବୋଲି କହି ୫ ବର୍ଷରେ ୫୦ ହଜାର ଦେଉଛନ୍ତି । ସେଥିରେ ପୁଣି ହଜାର ହଜାର ଲକ୍ଷପତି ଦିଦି ସୃଷ୍ଟି କରିଦେଇଛନ୍ତି ବୋଲି ସଫେଇ ଦେବା ହାସ୍ୟାସ୍ପଦ ଛଡ଼ା ଆଉ କିଛି ନୁହେଁ । ରାଜ୍ୟକୁ ଶିଳ୍ପରେ ଲକ୍ଷଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିଛନ୍ତି ବୋଲି ବିଜେପି ସରକାର ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ କେତେ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହେଲା, ତା'ର ହିସାବ ଦେଇପାରୁନାହାନ୍ତି । ମାଗଣା ୩୦୦ ୟୁନିଟ୍ ବିଜୁଳି, ସମସ୍ତ ସାମାଜିକ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଦିବାସ୍ୱପ୍ନ ପାଲଟିଛି । ଏଥିପାଇଁ ଲୋକେ ବିଜେପିକୁ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ, ବିଜେପି ସରକାରରେ ଗରିବ ଲୋକ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି । ମୋହନ ସରକାର ଇ-କେୱାଇସି ନାମରେ କେବଳ ନୂଆପଡ଼ା ନିର୍ବାଚମଣ୍ଡଳୀରେ ୪୧,୭୭୧ ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦେଇ ସେମାନଙ୍କ ରାସନ ବନ୍ଦ କରିଦେଇଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ନୂଆପଡ଼ାର ଅନେକ ଲୋକ ବାଦ୍ ପଡ଼ିଥିବା ଜାଣିବା ପରେ ନବୀନ ବାବୁ ଏହିଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ବିଜେପି କ୍ଷମତାକୁ ଆସିବା ପରେ ରାସନ୍‌କାର୍ଡ କାଟିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଠନ କରି ଲକ୍ଷାଧିକ ଯୋଗ୍ୟ ହିତାଧିକାରଙ୍କ ରାସନ୍ ବନ୍ଦ କଲେ । କେବଳ ନୂଆପଡ଼ା ବ୍ଲକରେ ୧୭,୩୦୩, କୋମନା ବ୍ଲକ୍‌ରେ ୨୩,୫୬୫, ନୂଆପଡ଼ା ଏନ୍‌ଏସିରେ ୩୬୩ ଏବଂ ଖରିଆରରୋଡ୍‌ ୪୮୯ ଜଣଙ୍କୁ ବାଦ୍ ଦିଆଯାଇଛି । ଯୋଗାଣ ମନ୍ତ୍ରୀଙ୍କ ବିବୃତ୍ତି ସର୍ବଦା ଦାୟିତ୍ୱହୀନ ବୋଲି ସ୍ପଷ୍ଟ ହୋଇ ଚାଲିଛି । ଏହାକୁ କ'ଣ ଲୋକଙ୍କ ସରକାର ବୋଲି କୁହାଯିବ ବୋଲି ଶ୍ରୀ ଦାସବର୍ମା ପ୍ରଶ୍ନ କରିଛନ୍ତି ।

ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଥିଲେ, ଲୋକଙ୍କ ସରକାର ବୋଲାଉଥିବା ଏହି ସରକାର କେବଳ ରାଜ୍ୟ ତଥା ରାଜ୍ୟବାସୀଙ୍କ ଅନିଷ୍ଟ କରି ଚାଲିଛି । ଏଥିପାଇଁ ନୂଆପଡ଼ା ଉପ-ନିର୍ବାଚନରେ ବିଜେପିକୁ ବହୁ ମୂଲ୍ୟ ଦେବାକୁ ହେବ । ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ, ବିଜେପି ସରକାରଙ୍କୁ ନେଇ ରାଜ୍ୟବାସୀଙ୍କ ମନରେ କ୍ରୋଧ ରହିଛି । ଆଗାମୀ ୧୧ ତାରିଖ ଦିନ ଏହି ଆକ୍ରୋଶ ଭୋଟ ମାଧ୍ୟମରେ ପରିପ୍ରକାଶ କରିବା ପାଇଁ ନୂଆପଡ଼ାବାସୀ ନିଷ୍ପତ୍ତି ନେଇସାରିଛନ୍ତି । କ୍ଷମତା ଲୋଭରେ ବିଜେପି ଓ ରାଜ୍ୟ ସରକାର ଖୋଲାଖୋଲି ଭାବେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରି ଚାଲିଛନ୍ତି । ଶାଢ଼ି, ମଦ, ଟଙ୍କା ବଣ୍ଟା ଯାଉଛି । ପ୍ରଶାସନକୁ ଲଗାଇ ବିଜେଡି ନେତା, କର୍ମୀ ଓ ସାଧାରଣ ଭୋଟରଙ୍କୁ ଭୟଭିତ କରାଯାଉଛି । ଆତଙ୍କର ଛାୟା ମଧ୍ୟରେ ନିର୍ବାଚନ କରିବା ପାଇଁ ସରକାର ସବୁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି ।

**ଉପଭୋକ୍ତା ଶୋଷିତ, ଶିଳ୍ପପତିଙ୍କୁ ଅନୁକମ୍ପା**

# ଝିଣ୍ଟିକା ମାରି ବଣି ପୋଷୁଛି ଏସଏଲଡିସି

ଭୁବନେଶ୍ୱର, ୬।୧୧(ସମିସ): ରାଜ୍ୟରେ ଝିଣ୍ଟିକା ମାରି ବଣି ପୋଷୁଛି ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର (ଏସଏଲଡିସି) । ରାଜ୍ୟର କୋଟିଏ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏହି ସଂସ୍ଥା ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛି ଓ ଏଥିଯୋଗୁଁ ଗୋଟିଏ ବର୍ଷରେ ୧୭୨୮ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଛି । କ୍ୟାପ୍‌ଟିଭ୍ ପ୍ଲାଣ୍ଟ ସ୍ଥାପନ କରିଥିବା ଏହି ଶିଳ୍ପଗୁଡ଼ିକରୁ ବର୍ଷକରେ ୭୨୦୦ କୋଟି ୟୁନିଟ ବିଦ୍ୟୁତ ବିନା ଦେୟରେ ପ୍ରେରଣ କରିଛନ୍ତି ଓ ପରୋକ୍ଷରେ ଏହି ବିଦ୍ୟୁତ୍ ପରିବହନର ଦେୟ ଅନ୍ୟାୟ ଭାବରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କୁ ବହନ କରିବାକୁ ପଡ଼ିଛି । ଏପରି ଏକ

**■ ବର୍ଷକୁ ରାଜସ୍ୱ କ୍ଷତି ୧୭୨୮ କୋଟି ଟଙ୍କା**
**■ ୧୫ ହଜାର ମେଗାୱାଟରୁ ଆଦାୟ ହେଉନି ଟାରିଫ**

ସାଂଘାତିକ ଅଭିଯୋଗ ଆସିବା ପରେ ରାଜ୍ୟ ଶକ୍ତି ବିଭାଗ ଓ ଏସ୍‌ଇଏଲ୍‌ଡ଼ିସିର ଭୂମିକାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । ସୁଲଭ ବିଦ୍ୟୁତ୍ ଯୋଗାଇବା ପରିବର୍ତ୍ତେ ଉପଭୋକ୍ତା ଶୋଷଣ ନୀତି ବିରୋଧରେ କ୍ରମଶଃ ସାଧାରଣରେ ରୋଷ ବଢ଼ିବାରେ ଲାଗିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିଶେଷଜ୍ଞଗଣ ।

ସୂଚନାନୁସାରେ ବିଦ୍ୟୁତ ଆଇନ ୨୦୦୩ ଧାରା ୩୧ ଅନୁସାରେ ଏସଏଲଡିସି କାର୍ଯ୍ୟକୁ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସରକାରୀ କମ୍ପାନୀ ଗଠନ କରାଯିବା କଥା । ଓପିଟିସିଏଲ ଅଧୀନରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସମସ୍ତ ବିଦ୍ୟୁତ ଗ୍ରୀଡ୍ ଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ସେଗୁଡିକୁ ନିୟନ୍ତ୍ରଣ କରି ତାହାର ସର୍ବୋତ୍ତମ ବ୍ୟବହାର କରିବା ବିଦ୍ୟୁତ ଆଇନ ଧାରା ୩୨ ଅନୁସାରେ ଏସଏଲଡିସିର ପ୍ରମୁଖ କାର୍ଯ୍ୟ । ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ରାଜ୍ୟ ଗ୍ରୀଡ୍ ସହିତ ସଂଯୋଗ ହୋଇଥିବା ସମସ୍ତ ବିଦ୍ୟୁତ ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ବିଦ୍ୟୁତ ଉପଭୋକ୍ତାମାନଙ୍କର ସବିଶେଷ ତଥ୍ୟ ପଞ୍ଜୀକରଣ କରି ସେମାନେ ପ୍ରତି ମିନିଟରେ ପ୍ରେରଣ ଓ ଗ୍ରହଣ କରୁଥିବା ସମସ୍ତ ବିଦ୍ୟୁତଶକ୍ତିର ଟିକିନିଖି ହିସାବ ରଖିବା । ମାତ୍ର ଏଇଠାରେ ସବୁ ଗଡ଼ବଡ଼ ଆରମ୍ଭ ହୋଇଛି ।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ରାଜ୍ୟ ଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରାୟ ୬୦ଟି ଉତ୍ପାଦନ କମ୍ପାନୀ ସଂଯୋଗ ହୋଇ ୨୫ ହଜାର ମେଗାୱାଟ କ୍ଷମତାର ବିଦ୍ୟୁତ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପନ କରିଛନ୍ତି । ଏଥିରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସଂସ୍ଥା ସହିତ ଶିଳ୍ପପତି ମାନଙ୍କର ସ୍ୱାଧୀନ ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ରହିଛି । ଏସଏଲଡିସି ଓ ଓପିଟିସିଏଲ ନିଜର ସମୁଦାୟ ବାର୍ଷିକ ଖର୍ଚ୍ଚ ଭରଣା କରିବା ପାଇଁ କେବଳ ଓଡ଼ିଶା ପାଇଁ ସଂରକ୍ଷିତ ଥିବା ୧୦ ହଜାର ମେଗାୱାଟ ବିଦ୍ୟୁତ ପ୍ରେରଣରୁ ଟାରିଫ ଆଦାୟ କରୁଥିବା ବେଳେ ଅବଶିଷ୍ଟ ୧୫ ହଜାର ମେଗାୱାଟ ବା ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ଉପରେ ଟାରିଫ ଆଦାୟ ନକରି ଲୁଚାଛପାରେ ପ୍ରେରଣ କରୁଛି । ଫଳରେ ଓଡ଼ିଶାର ଏକ କୋଟି ଉପଭୋକ୍ତା ରାଜ୍ୟ ଗ୍ରୀଡର ସମସ୍ତ ବାର୍ଷିକ ଖର୍ଚ୍ଚ ଅନ୍ୟାୟ ଭାବେ ଭରଣା କରୁଛନ୍ତି । ତେଣୁ ଏସଏଲଡିସି ଓ ଓପିଟିସିଏଲ ଅପାରଗତା ତଥା ଦୁର୍ନୀତିଖୋର ମନୋବୃତ୍ତି ପାଇଁ ୟୁନିଟ ପିଛା ୨୪ ପଇସା ହିସାବରେ ବାର୍ଷିକ ୧୭୨୮ କୋଟି ଟଙ୍କା ରାଜସ୍ୱ ହରାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

## ଭିଜିଲାନ୍ସ ଜାଲରେ କୋଟିପତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

କେନ୍ଦୁଝର, ୬।୧୧ (ସମିସ): ଲାଞ୍ଚ ନେଇ ଭିଜିଲାନସ୍ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ । ଏକ ଏନ୍‌ଜିଓ ନିକଟରୁ ଫୋନ୍-ପେ'



ଜରିଆରେ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନସ୍ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ୩ଟି ଠିକଣାରେ ଚଢ଼ଉ କରୁଛି ଭିଜିଲାନସ୍ । ପ୍ରାଥମିକ ସୂଚନାନୁସାରେ, ଶ୍ରୀ ସାମନ୍ତରାୟଙ୍କ ଭୁବନେଶ୍ୱରରେ ୧୦ଟି ପ୍ଲଟ୍, ୩ ହଜାର ବର୍ଗଫୁଟ୍‌ର ୩ ମହଲା ବିଶିଷ୍ଟ ଏକ ଘର, ଭୁବନେଶ୍ୱର ଉପକଣ୍ଠ ମଦନପୁରଠାରେ ଅନ୍ୟ ଏକ ଘର, ୩ ଏକରର ଏକ ଫାର୍ମହାଉସ୍ ଠାବ ହୋଇଛି । ଠାବ ସଂପତ୍ତିର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି । ବିଶେଷଜ୍ଞ ଟିମ୍ ଏହାର ଆକଳନ କରୁଛନ୍ତି । ଏଥିସହ ସେ ବିଭିନ୍ନ କାମ କରାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଲୋକଙ୍କଠାରୁ ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଭିଜିଲାନସ୍ ବିଭାଗ ଜାଣିବାକୁ ପାଇଛି ।

## ୧୩ ଲକ୍ଷର ବ୍ରାଉନସୁଗର ଜବତ

କଟକ, ୬।୧୧ (ସମିସ): ଜଣେ ପେସାଦାର ନିଶାବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି । ସେ ହେଲା, ଲାଲବାଗ ଥାନା ଦିୱାନ ବଜାରର ଶେଖ ସାଜିଦ ଅଲ୍ଲୀ (୩୨) । ତା' ପାଖରୁ ୧୩୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଆଜି ପୂର୍ବାହ୍ନରେ ସାଜିଦ ନିଶାଦ୍ରବ୍ୟ ଧରି ସତୀଚୌରା ଛକ ନିକଟକୁ ଆସିଥିଲା । ସେଠାରେ ଜଣେ ଗ୍ରାହକ ଅପେକ୍ଷାରେ ଛିଡ଼ା ହୋଇଥିଲା । ଏହି ସୂଚନା ପାଇବା ମାତ୍ରେ ଫ୍ଲାଇଂ ସ୍କ୍ୱାଡ୍ ତୁରନ୍ତ ସେଠାରେ ଚଢ଼ଉ କରି ତାକୁ ମାଡ଼ି ବସିଥିଲା । ତଲାସି ପରେ ଅଭିଯୁକ୍ତ ସାଜିଦ ପାଖରୁ ଏକ ଜରି ପୁଡ଼ିଆରେ ଥିବା ୧୩୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା । ଏହାର ବଜାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ୮୦ହଜାର ଟଙ୍କା ହେବ । ସେ ଦୀର୍ଘ ଦିନ ହେବ ବାଲେଶ୍ୱର, ଖୋର୍ଦ୍ଧା ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକରେ ବେପାର କରୁଥିବା ତଦନ୍ତରୁ ଜଣାପଡ଼ିଛି । କୋର୍ଟଚାଲାଣ ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।




## ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ

# ବିପଦରେ ବ୍ରିଜ ଓ ନଦୀକୂଳିଆ ଗାଁ

ଜୟପାଟଣା/କଲମପୁର, ୬ ।୧୧(ସମିସ)



କଳାହାଣ୍ଡି ଜିଲ୍ଲା କଲମପୁର ହାତୀ ନଦୀ ବର୍ତ୍ତମାନ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି ।ଖଣି ବିଭାଗ ପକ୍ଷରୁ କେତେକ ସ୍ଥାନରେ ଲିଜ ପ୍ରଦାନ ହୋଇଥିବା ବେଳେ ଖଣି ନିୟମ ତଥା ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ମାନୁନାହାନ୍ତି ଲିଜଧାରୀ ।ବେଧଡକ ଭାବେ ବଡ଼ବଡ଼ ମେସିନ ଓ ଗାଡି ଲଗାଇ ଶହ ଶହ ଟ୍ରିପ୍ ବାଲି ଉଠାଣ ହେଉଥିବା ବେଳେ ପ୍ରଭାବିତ ହେଉଛି ସ୍ଥାନୀୟ ଅଞ୍ଚଳବାସୀ । ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ନଦୀ କୂଳରେ ଥିବା ହେକ୍ଟର ହେକ୍ଟର ଜମି ନଦୀ ଗର୍ଭରେ ଲୀନ ହେବ । ସବୁ ଜାଣି ଜିଲ୍ଲା ଖଣି ବିଭାଗର ନିରବଦ୍ରଷ୍ଟା ସାଜିଛି । କଲମପୁର ବଡ଼କୁଟରୁ ପାତ୍ରବସା ବ୍ରିଜ ଘାଟକୁ ୨୦୨୧-୨୨ ରୁ ୨୦୨୫-୨୬ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ବାଲି ଖନନ ପାଇଁ ଖଣି ବିଭାଗ ପକ୍ଷରୁ ଲିଜ ପ୍ରଦାନ କରାଯାଇଛି । ଖାତା ନମ୍ବର ୩୨୬, ପ୍ଲଟ ନମ୍ବର ୧୪୫୮, ଏରିଆ-୨.୮୪ଏକରକୁ ଲିଜ ଅନୁମତି ରହିଛି । ଯାହାର ବାର୍ଷିକ ୭ ଶହ ଏମଜିକ୍ୟୁ ରହିଥିବା ବେଳେ ଲିଜଧାରୀ ଲିଜ ସ୍ଥାନକୁ ଛାଡି ବେଆଇନ ଭାବେ ବଡ଼ ବଡ଼ ଜେସିବି, ହାଇୱା ଲଗାଇ ଗୋଟିଏ ରାତିରେ ଶହ ଶହ ଟ୍ରିପ ବାଲି ଚୋରା କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା ।ଯାହାଫଳରେ ନିକଟରେ ଥିବା ବ୍ରିଜ ଓ ଆଖପାଖରେ ଅଞ୍ଚଳରେ ଏହାର ପ୍ରଭାବ ପଡୁଛି । ନଦୀର ୩ଶହ ମିଟର ଦୂରରେ ବାଲି ଉଠାଣ ନିୟମ ଥିବା ବେଳେ ଏହାକୁ ଉଲ୍ଲଂଘନ କରୁଛନ୍ତି ଲିଜଧାରୀ । ବ୍ରିଜ ଠାରୁ ମାତ୍ର ୧୦ ରୁ ୧୫, ମିଟର ଛାଡି ବାଲି ଖନନ କରୁଥିବା ବେଳେ ବ୍ରିଜର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ବ୍ରିଜ ପାଇଁ ସ୍ଥାନୀୟ ଜନସାଧାରଣ ପ୍ରାୟ୧୦ବର୍ଷ ଧରି ସଂଘର୍ଷ କଲା ପରେ ବ୍ରିଜ ନିର୍ମାଣ ହୋଇଛି ।ଯାହାଫଳରେ ଲୋକେ କଲମପୁର, ଥୁଆମୂଳରାମପୁରକୁ ସୁବିଧାରେ ଯିବା ଆସିବା କରୁଥିବା ବେଳେ ଜୟପାଟଣା ଓ କଲମପୁର ବ୍ଲକକୁ ସଂଯୋଗ କରିଛି ।ଲିଜଧାରୀ ଦିନ ବେଳେ ବାଲି ଉଠାଣ ବନ୍ଦ କରି ରାତି ସାରା ବାଲି ଚାଲାଣ କରିଛନ୍ତି ।ବାଲି ଉଠାଣ ଯୋଗୁଁ ନିକଟରେ ଥିବା ପାନୀୟ ଜଳ ପ୍ରକଳ୍ପରେ ଗୋଳିଆ ପାଣି ବାହାରୁଥିବାରୁ ଲୋକେ ଦୂଷିତ ପାଣି ପିଉଥିବା ଅଭିଯୋଗ କରିଛନ୍ତି । ବାଲି ଉଠାଣ ଯୋଗୁଁ ନଦୀକୂଳ ଅତି ଗଭୀର ହେବା ସହିତ ନଦୀ ଦୁଇ କୂଳ ମାଟି ଧସିବାରେ ଲାଗିଛି ।ଏମିତି କି ସ୍ଥାନୀୟ

### ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ଲୋକେ ଗାଧୋଇବା ପାଇଁ ମଧ୍ୟ ଲୋକେ ଭୟଭୀତ ହେଉଛନ୍ତି ।। ଦିନରାତି ବାଲି ଚାଲାଣ କରି ଲିଜଧାରୀ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ଟଙ୍କା ରାଜସ୍ୱ କ୍ଷତି ସହୁଛନ୍ତି ସରକାର ।କିନ୍ତୁ ଖଣି ବିଭାଗ ସବୁ ଜାଣି ଆଖି ବନ୍ଦ କରି ରହିଥିବା ବେଳେ ସବୁ ଭାଗବଣ୍ଟାରେ ଚାଲିଥିବା ଅଭିଯୋଗ ହେଉଛି ।ଏ ନେଇ ଜିଲ୍ଲା ଖଣି ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଜଣେ ମାଇନ୍ସ ଅଧିକାରୀଙ୍କୁ ପଠାଇ ତଦନ୍ତ କରିଥିବା ଜଣାପଡ଼ିଛି ।

## ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର

# ୧୫୭ ଅଭିଯୋଗ ପଞ୍ଜୀକରଣ

**ଭବାନୀପାଟଣା, ୬ ।୧୧(ସମିସ):** ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଉପଜିଲ୍ଲାପାଳ ତନ୍ମୟ



କୁମାର ଦରୱାନ ଓ ଏସ୍‌ପି ନାଗରାଜ ଦେବର କୋଣ୍ଡା ଉଭୟେ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୫୭ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ୧୨୮ ଓ ସାମୂହିକ ୨୯ଟି ରହିଥିଲା । ସେହିପରି ୨୩ଟି ଅଭିଯୋଗର ସମାଧାନ ଘଟଣା ସ୍ଥଳରେ କରାଯାଇଥିଲା ।ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନକାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଦରୱାନ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ■ ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ

# ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ ଫ୍ୟୁଚର୍ ମେକର୍ ଆଇଡିଆଥନରେ ଚାମ୍ପିଅନ




**ଭବାନୀପାଟଣା, ୬ ।୧୧ (ସମିସ):** ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ର ଲୋକେଶ ଲାଲ ମାଝୀ ଏବଂ ଅମୟ ପ୍ରସାଦ ମହାକୁଡ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଛାତ୍ରମାନେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ-ଫ୍ୟୁଚର୍ ମେକର୍ ଆଇଡିଆଥନରେ ପ୍ରଥମ ପୁରସ୍କାର ଜିତି ଜିଲ୍ଲାକୁ ଗର୍ବିତ କରିଛନ୍ତି । ସାରା ଓଡ଼ିଶାର ୧୦୮ଟି ସ୍କୁଲରୁ ଅଭିନବ ପ୍ରକଳ୍ପ ସହ ପ୍ରତିଯୋଗିତା କରି, ତାଙ୍କର ପ୍ରୋଜେକ୍ଟ ଏହାର ମୌଳିକତା, ଉଦ୍ଦେଶ୍ୟ ଏବଂ ବାସ୍ତବ-ବିଶ୍ୱ ପ୍ରଭାବ ସହିତ ବିଚାରକଙ୍କୁ ପ୍ରଭାବିତ କରିଥିଲା । ଉଭୟେ ପ୍ରାଥମିକ ପର୍ଯ୍ୟାୟରେ ଶ୍ରେଷ୍ଠ ୧୫ ଫାଇନାଲିଷ୍ଟଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ଏବଂ ଶେଷରେ ଚାମ୍ପିଅନ ଉପାଧି ହାସଲ କରିଥିଲେ। ଉଭୟଙ୍କୁ ଚାମ୍ପିଅନ ଟ୍ରଫି ସହିତ ୧୫ହଜାର ଟଙ୍କାର ନଗଦ ପୁରସ୍କାର ମିଳିଛି । ସେମାନଙ୍କ ଉଦ୍ଭାବନ, 'ଦୃଷ୍ଟି-ଦୃଷ୍ଟିହୀନଙ୍କ ପାଇଁ ଏକ ଏଆଇ-ଚାଳିତ ବ୍ୟକ୍ତିଗତ ସହାୟକ'ଏକ ଅଗ୍ରଣୀ ସମାଧାନ ଯାହା ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଘର ଭିତର ଏବଂ ବାହାର ସ୍ଥାନଗୁଡ଼ିକୁ ସ୍ୱାଧୀନ ଏବଂ ସୁରକ୍ଷିତ ଭାବରେ ଚଳପ୍ରଚଳ କରିବା ପାଇଁ ସାହାଯ୍ୟ କରିବ ।ଏହି ସଫଳତା ପାଇଁ ବେଦାନ୍ତ ଆଲୁମିନାର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଶୁଭେଚ୍ଛା ଜଣାଇଛନ୍ତି ।ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ପ୍ରତିଷ୍ଠିତ, ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ହେଉଛି କଳାହାଣ୍ଡିର ପ୍ରଥମ ଇଂରାଜୀ-ମଧ୍ୟମ ସ୍କୁଲ୍, ଯାହା ଗ୍ରାମୀଣ ଯୁବପିଢ଼ିଙ୍କ ମଧ୍ୟରେ ଶିକ୍ଷାଗତ ବ୍ୟବଧାନ ଏବଂ ଆକାଂକ୍ଷା ପୂରଣ କରିବା ପାଇଁ ପ୍ରତିବଦ୍ଧ ।ଯୁବ ଉଦ୍ଭାବକଙ୍କ ଏହି ସଫଳତା କଳାହାଣ୍ଡି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ସମ୍ପ୍ରଦାୟ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତି ବେଦାନ୍ତର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ଇନ୍ଦ୍ରାବତୀ ଉତ୍ପତ୍ତିସ୍ଥଳ ମର୍ଦ୍ଦିଗୁଡା ପର୍ଯ୍ୟଟନ ମହୋତ୍ସବ



**ଥୁଆମୂଳରାମପୁର, ୬ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଥୁଆମୂଳ ପଞ୍ଚାୟତସ୍ଥିତ କଳାହାଣ୍ଡିର ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ର ଇନ୍ଦ୍ରାବତୀ ଉତ୍ପତ୍ତିସ୍ଥଳ ମର୍ଦ୍ଦିଗୁଡାଗ୍ରାମ ଠାରେ ପର୍ଯ୍ୟଟନ ମହାଉତ୍ସବ ସମାରୋହ ଶୁଭାରମ୍ଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ଯେଉଁ ଇନ୍ଦ୍ରାବତୀ ନଦୀ ଠାରୁ ଗଙ୍ଗା ଜମୁନା ସ୍ୱରସ୍ୱତୀର ତିନି ଅମୃତ ଧାରାରେ ଜଳ ପ୍ରକଟିତ ହୋଇ ମର୍ଦ୍ଦିଗୁଡା ଠାରୁ ଆରମ୍ଭ କରି ଅନେକ ଛୋଟବଡ଼ ନାଳ ଝରଣାର ମିଳନରେ ଇନ୍ଦ୍ରାବତୀ ନଦୀ ଚିରସ୍ରୋତା ଭାବେ ପ୍ରବାହିତ ହେଉଛି । ସେଇ ଇନ୍ଦ୍ରାବତୀ ନଦୀ ଦ୍ୱାରା ଥୁଆମୂଳ ରାମପୁର ଅଞ୍ଚଳରେ ବୃହତ ଜଳଭଣ୍ଡାର ନିର୍ମାଣ ହୋଇପାରିଛି । ଏବଂ ଏକ ଜଳବିଦ୍ୟୁତ ପ୍ରକଳ୍ପ ମଧ୍ୟ ନିର୍ମାଣ ହୋଇପାରିଛି । ଏଇ ପ୍ରକଳ୍ପ ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ସହିତ ଆଜି ହଜାର ହଜାର ହେକ୍ଟର ଚାଷଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରିଛି ।ହେଲେ ଏଇ କାହାଣୀର ମୂଳପୀଠ ଇନ୍ଦ୍ରାବତୀ ଉତ୍ପତ୍ତିସ୍ଥଳ ପର୍ଯ୍ୟଟନ ମାନ୍ୟତା ପାଇଛି ସତ କିନ୍ତୁ ଏହାର ପାରିପାର୍ଶ୍ୱିକ ବିକାଶ ଆଜିବି ଅବହେଳିତ । ପର୍ଯ୍ୟଟନ କ୍ଷେତ୍ରରେ ଏଇ ସ୍ଥାନଟିର ବିକାଶ ପାଇଁ ପ୍ରଚାର ପ୍ରସାର ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସ୍ଥାନୀୟ କମିଟି ମାଁ ଇନ୍ଦ୍ରାବତୀ ଯୁବକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପର୍ଯ୍ୟଟନ ମହାଉତ୍ସବ ଶୁଭାରମ୍ଭ ଉଦ୍‌ଘାଟନ କରାଯାଇଛି । ମଙ୍ଗଳବାର ପ୍ରଥମେ ଗ୍ରାମଦେବୀ ବାବା ଖଣ୍ଡୁଆଳଙ୍କ ଠାରେ ପୂଜାର୍ଚ୍ଚନା ସହ ମାଁ ଇନ୍ଦ୍ରାବତୀଙ୍କୁ ପୂଜା କରି ଜଳ ସଂଗ୍ରହ ସହିତ କଳସ ପଦଯାତ୍ରାରେ ମାଁ ଠାକୁରାଣୀ ଦେବୀ ଗୁଡିକୁ ଯାଇ ପୂଜାବିଧି ପରେ ବାବା ନୀଳକଣ୍ଠେଶ୍ୱର ପାଖରେ ଜଳ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣ କରାଯାଇଥିଲା । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର କାର୍ଯ୍ୟକାରି ସଭାପତି ଫଟୁସିଂ ଭୋଇ, କାର୍ଯ୍ୟକାରି ଯୁବ ସଭାପତି ପ୍ରଦୀପ କୁମାର ନାଏକ, କଳାକାର ଓ ଶିକ୍ଷକ ଯଦୁମଣି ସୁନାନୀ, ବରିଷ୍ଠ ସାମ୍ବାଦିକ ଲାଲଝରେ ନାଏକ, ଯୁବ ସମ୍ବାଦିକ, ମକୁନ୍ଦ ନାଏକ, ଏବଂ ଶୁସାନ୍ତ ନାଏକ, ସହ ସ୍ଥାନ୍ୟ ଯୁବ ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀଙ୍କ ସଭାପତିତ୍ୱରେ ସମିତି ସଭ୍ୟା ରାଣି ନାଏକ ଏବଂ କମିଟିର ସଭାପତି ଶ୍ରୀଯୁକ୍ତ ମହୋନ ମାଝୀ, ସମ୍ପାଦକ ତରୁଣ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# କେନାଲ ପାଣି ଛାଡିବା ପାଇଁ ତହସିଲଦାରଙ୍କୁ ଦାବିପତ୍ର



**ଜୟପାଟଣା, ୬ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଫସଲ ଅମଳ ହେବାକୁ ଯାଉଛି ।ବର୍ତ୍ତମାନ ଅଧିକାଂଶ ଚାଷୀଙ୍କ ଧାନ ଅପରିପକ୍ୱ ଅବସ୍ଥା ଯୋଗୁଁ ପାଣିର ଆବଶ୍ୟକ ରହିଛି । ଏନେଇ ଜୟପାଟଣା ଅଞ୍ଚଳର ଚାଷୀଙ୍କ ତରଫରୁ ଆସନ୍ତା ୧୫.୧୧, ୨୫ ରିଖ ପର୍ଯ୍ୟନ୍ତ କେନାଲ ପାଣି ଯୋଗାଇ ଦେବା ପାଇଁ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅପର ଇନ୍ଦ୍ରାବତୀ ପ୍ରକଳ୍ପ ମୁଖିଗୁଡ଼ା, ଅଧିକ୍ଷଣ ଯନ୍ତ୍ରୀ ବାମ କେନାଲ କୁସୁମ ଖୁଣ୍ଟି ଓ ତହସିଲଦାର ଜୟପାଟଣାଙ୍କୁ ଲିଖିତ ଭାବେ ଜଣାଇ ବା ସହ ସାଂସଦ ଓ ଲାଞ୍ଜିଗଡ଼ ବିଧାୟକଙ୍କୁ ମଧ୍ୟ ଅବଗତ କରିଛନ୍ତି ।ଚାଷୀ ରଶ୍ମି ରଞ୍ଜନ ମୁଣ୍ଡ, ସତ୍ୟା ନନ୍ଦ ପୁଝାରୀ, ନବୀନ ରାଉତ, ବେଣୁ ରାଉତ, ପୂର୍ଣ୍ଣ ସାହୁ, ଶ୍ରୀରାମ ମାଝୀ, ଭେଙ୍କଟସ, ତଥା ପ୍ରକାଶ ଦୁରିଆ ଆବାହକ ସଚେତନ ନାଗରିକ କ୍ରିୟାନୁଷ୍ଠାନ କମିଟି ଜୟପାଟଣା ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ଉପରେ ଧାନ ଖଳାରୁ ଦୁର୍ଘଟଣା

# ୨ ଗୁରୁତର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି

**ସିନାପାଲି, ୬ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଧାନ ଅମଳ ଆରମ୍ଭ ହୋଇଛି । ହେଲେ ଧାନ ଅମଳ କାମ ରାଜରାସ୍ତା ଉପରେ ଚାଲିଛି । ରାସ୍ତା ଉପରେ ଧାନ ଗଦା କରି ରଖିବା ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟୁଛି ।ଏପରିକି ଧାନ ଅମଳ ସମୟରେ ଧାନଗୁଣ୍ଡ, ପାଳ ଯିବା ଆସିବା ସମୟରେ ଯାତ୍ରୀଙ୍କୁ ବିଶେଷ ଅସୁବିଧାରେ ପକାଉଛି ।ଏପରିକି ରାସ୍ତା ଉପରେ ଧାନ ରଖିଥିବାରୁ ଯାତାୟାତ ରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ରାତି ସମୟରେ ଲୋକେ ଦୁର୍ଘଟଣାର ଶୀକାର ହେଉଥିବା ପୂର୍ବରୁ ନଜିର ରହିଥିବା ବେଳେ ଦୁଇ ଦିନ ମଧ୍ୟରେ ଦୁଇଟି ଦୁର୍ଘଟଣା ଘଟିଛି । ରାତ୍ରି ସମୟରେ ସିଙ୍ଗଝର ରାସ୍ତା ଦେଇ ଯାଉଥିବା ବେଳେ ଦୁଇ ଦିନ ମଧ୍ୟରେ ଦୁଇଟି ଦୁର୍ଘଟଣା ଘଟିଛି । ସିଙ୍ଗଝର ଗ୍ରାମର ଦୁଇ ଜଣ ଯୁବକ ହେଲେ ଜିରା ସିଂ ମାଝି (୩୨) ଓ ଅନ୍ୟ ଜଣେ ଦୁର୍ଘଟଣାର ଶିକାର ହୋଇ ନୂଆପଡ଼ା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।ସିନାପାଲି ଅଞ୍ଚଳର ବିଭିନ୍ନ ରାସ୍ତା ଉପରେ ଚାଷୀମାନେ ଧାନଗଦା କରି ରଖି ଅମଳ କରୁଥିବା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



## ଚକ୍ରଧର ଧିର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ

# ସିରୋଲକୁ ହରାଇ ମଶାଣିମୁଣ୍ଡା ଚାମ୍ପିଅନ



**କେସିଙ୍ଗା, ୬ ।୧୧(ସମିସ):** କେସିଙ୍ଗା ବ୍ଲକ ସିରୋଲ ଠାରେ ଚାଲିଥିବା ଷଷ୍ଠ ବାର୍ଷିକ ଚକ୍ରଧର ଧିର୍ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବ ସିରୋଲ 'ସହଜ' ସେଣ୍ଟର ଖେଳ ପଡ଼ିଆରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି ।ଉକ୍ତ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଗତ ଚକ୍ରଧର ଧିରଙ୍କ ପୁଅ ଭାଗବତ ପ୍ରସାଦ ଧିର ଏବଂ, କ୍ଷିରୋଦ୍ର ବାଗ ଆନୁଷ୍ଠାନିକ ଭାବେ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖେଳ କୁ ଉଦ୍‌ଘାଟନ କରିଥିଲେ । ଏଥିରେ ଅଞ୍ଚଳର ୧୦ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ, ଫାଇନାଲ ମ୍ୟାଚ୍ ମାଁ ଖଲିଗଡ଼େନ ସିରୋଲ ଏବଂ ମଶାଣିମୁଣ୍ଡା ମଧ୍ୟରେ ହୋଇଥିଲା । ମଶାଣିମୁଣ୍ଡା ଦଳ ବିଜୟୀ ହୋଇଥିବା ବେଳେ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।ସେହିପରି ଉପବିଜେତା ସିରୋଲ ମାଁ ଖଲିଗଡ଼େନ ଦଳକୁ ମଧ୍ୟ ନଗଦ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ରାଜ୍ୟ ସ୍ତରୀୟ ଭଲିବଲ ଖେଳାଳି ରାହୁଲ ସେନାପତି, ସନି ଦେଓଲ ଖେଳ ପରିଚାଳନା କରିଥିବା ବେଳେ । କ୍ଷିରୋଦ ବାଗ, ମାନସ ରଞ୍ଜନ ମାଝୀ, ଲକ୍ଷ୍ମଣ ବଛା, ରାଜ ବାଗ, ଜୟେ ଅମ୍ବେ ଗୋଲ୍ଡ ଆର୍ଟସେ କେସିଙ୍ଗା ଏବଂ ଭୋପାଲ ଟେଣ୍ଟ ହାଉସ ସିରୋଲର ବିଶେଷ ସହଯୋଗ ରହିଥିଲା ।

# ଭବାନୀପାଟଣା ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ଭବାନୀପାଟଣା, ୬ ।୧୧(ସମିସ):** ସ୍ଥାନୀୟ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ମୁଖ୍ୟବକ୍ତା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ନିହାରୀକା ଦେବୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳୀ ସାହୁ, ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର ଏବିଇଓ ତଥା ବିଆରସିସି ଜୟ କୁମାର ମାଝୀ, ଏବିଇଓ ହୃଷୀକେଶ ନାଏକ, ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ପ୍ରଭାସ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ତଥା କଳାକାର ରାଧେଶ୍ୟାମ ଦାସ ପ୍ରମୁଖ ଯୋଗ ଦେଇଥିଲେ ।ବ୍ଲକ ଅନ୍ତର୍ଗତ ୧୮ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭ ଲକ୍ଷ୍ମୀ ନାୟକ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟସୁରଭିରେ ଯୋଗଦେବେ ବୋଲି ଜଣାପଡ଼ିଛି । ସିଆରସିସି ଭୁଜବଲ କେତକୀ ଓ ବୈକୁଣ୍ଠ ବେମାଲ ମଞ୍ଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଏବିଇଓ ତଥା ବିଆରସିସି ଜୟ କୁମାର ମାଝୀ । ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ସମସ୍ତ ସିଆରସିସି ତଥା ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେତକି ପତି
ଜନାର୍ଦ୍ଦନପୁର ଶାସନ, ଖପରାଖାଇ, ଆନନ୍ଦପୁର
ଆବିର୍ଭାବ - ୦୧.୦୧.୧୯୪୨
ତିରୋଧାନ - ୨୭.୧୦.୨୦୨୫
ଆଜି ଦ୍ୱାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ । ଆପଣ ସଦା ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ ।
ତୁମର ହତଭାଗ୍ୟ ପୁଅ
ଗଣେଶ ପ୍ରସାଦ ପତି ଓ ବନ୍ଧୁ ପରିବାରବର୍ଗ

## ଉଚ୍ଚ କର୍ତ୍ତୃପକ୍ଷଙ୍କର ନିଘା ନାହିଁ

# ଅବ୍ୟବସ୍ଥାରେ କଲମପୁର, ବନ୍ଧକନା ଡାକ୍ତରଖାନା ନିର୍ମାଣ କାମ





କଲମପୁର, ୬ ।୧୧(ସମିସ)

କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ଦୁଇଟି ସ୍ଥାନରେ ବହୁତଳ ବିଶିଷ୍ଟ ଡାକ୍ତରଖାନା, କଲମପୁର ଠାରେ ଶହେ ଶଯ୍ୟା ବିଶିଷ୍ଟ ଦ୍ୱିତଳ କୋଠା ନିର୍ମାଣ ଚାଲିଥିବା ବେଳେ ବନ୍ଧକନା ଠାରେ ମଧ୍ୟ ଅନୁରୂପ ଭାବେ ନୂତନ କୋଠା ନିର୍ମାଣ ଚାଲିଛି । ବନ୍ଧକନା ଠାରେ ନିର୍ମାଣ ହେଉଥିବା କୋଠାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି ତଦନ୍ତ ଦାବି କରିଛନ୍ତି । ସେଠାରେ ନିମ୍ନମାନର ଲୁହାଛଡ଼ ବ୍ୟବହାର କରାଯାଉଥିବା ବେଳେ ନିମ୍ନମାନର ସିମେଣ୍ଟ ଓ ବାଲି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ।ସେଥିରେ ପୁଣି ନାବାଳିକା ଶ୍ରମିକ ନିୟୋଜିତ ହୋଇଥିବା ଅଭିଯୋଗ ହୋଇଛି । ପରିତାପର ବିଷୟ ସୂଚନା ଫଳକ ନ ଥିବାରୁ ସବିଶେଷ ବିବରଣୀ ଜଣାପଡୁନାହି, ଯଦିଓ ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ସମ୍ପାଦନ ହେଉଛି ବୋଲି କୁହାଯାଉଛି । ଅନ୍ୟପକ୍ଷେ କାମ ପାଇଁ ଏନପିସିସି ଟେଣ୍ଡର ନେଇଥିବା ବେଳେ ଜିଲ୍ଲା ବାହାରର ଅନ୍ୟ ଜଣେ ଠିକାଦାର କାର୍ଯ୍ୟ କରୁଛି । ସମ୍ପୃକ୍ତ ଠିକାଦାର କାହା କଥା ଶୁଣୁନଥିବା ବିଭାଗରୁ ମଧ୍ୟ ଅଭିଯୋଗ ହେଉଛି । ସେ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ନଳକୂପକୁ କୋଠା ନିର୍ମାଣରେ ବ୍ୟବହାର କରୁଛନ୍ତି । ଦୈନିକ ହଜାର ହଜାର ଲିଟର ଜଳ ଅପଚୟ ହେଉଥିବା ବେଳେ ବିଦ୍ୟୁତ୍ ବିଲ ମାତ୍ରାଧିକ ଉଠିଯାଇଛି । ସେହିଭଳି ଡାକ୍ତରଖାନାରେ ସଂଯୋଗରୁ ବିଦ୍ୟୁତ୍ ନେଇ କାର୍ଯ୍ୟ କରିଚାଲିଛନ୍ତି । ସୁନ୍ଦର ପରିବେଶ ଥିବା ପୁରାତନ ଡାକ୍ତରଖାନା ଏବେ ଠିକାଦାରଙ୍କ ଗୋଦାମ ଘର ପାଲଟିଛି । ସେଥିପାଇଁ କେତେକ ସ୍ଥାନରେ ଫାଟ ବି ଦେଖା ଦେଲାଣି । ଏନେଇ ବିଭାଗ ଠାରୁ ପ୍ରତିକ୍ରିୟା ମିଳିପାରିନ ଥିବା ବେଳେ ସମ୍ପୃକ୍ତ ଠିକାଦାର ସେମାନଙ୍କ ନିମନ୍ତେ ନିର୍ମାଣ ହେଉଛି ଡାକ୍ତରଖାନା । ସେମାନେ କାହିଁକି ସହଯୋଗ କରିବେ ନାହିଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ବନ୍ଧକନା ଗ୍ରାମବାସୀ ଦାବି କରିଛନ୍ତି ।

# ଶଗଡ଼କୁ ବଳିଗଲାଣି ଇସ୍ପାତ ଏକ୍ସପ୍ରେସ୍

ବଲାଙ୍ଗିର,୬ ।୧୧(ସମିସ)



ପଶ୍ଚିମଓଡିଶା ସହ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳସେବା ଗତ ପ୍ରାୟ ୨ ବର୍ଷ ହେଲା ସମୟସୀମାରେ ବେଶ୍ ପ୍ରଭାବିତ ହୋଇଛି। ଏହି ଦୁଇ ଅଞ୍ଚଳକୁ ସଂଯୋଗ କରୁଥିବା ଟିଟିଲାଗଡ-ହାଓଡା(୧୨୮୭୨) ଏକ୍ସପ୍ରେସ ପ୍ରତିଦିନ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲିଥିବା ଦେଖିବାକୁ ମିଳିଛି। ତେବେ ଏହା କାହିଁକି ବିଳମ୍ବରେ ଚାଲିଛି, ଏଥିରେ ସୁଧାର ହେବ ନା ଟ୍ରେନର ସମୟ ପରିବର୍ତ୍ତନ ତାହା ରେଳ ବିଭାଗ ସ୍ପଷ୍ଟ କରୁନାହିଁ। ଏହାର ପ୍ରଭାବ ସାରା ପଶ୍ଚିମଓଡିଶାରେ ପଡିଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାବାସୀ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଟ୍ରେନ ଉପରେ ସରକାରୀ, ବେସରକାରୀ, ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ, ବ୍ୟବସାୟୀ ଏହିଭଳି ଅନେକ ବର୍ଗର ଲୋକ ନିର୍ଭର କରୁଛନ୍ତି। ବିଳମ୍ବ ସମସ୍ୟା ଏବେ ଏମାନଙ୍କୁ ସମସ୍ୟାରେ ପକାଇଛି।

ପଶ୍ଚିମଓବଙ୍ଗର ହାଓଡାରୁ ପଶ୍ଚିମଓଡିଶାର ଟିଟିଲାଗଡ ତଥା କଣ୍ଟାବାଞ୍ଜିକୁ ଟିଟିଲାଗଡ - ହାଓଡା(୧୨୮୭୨) ଇସ୍ପାତ ଏକ୍ସପ୍ରେସ ସଂଯୋଗ କରୁଛି। ରେଳ ବିଭାଗ ସମୟ ଅନୁସାରେ ଏହି ଟ୍ରେନ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ ରେଳଷ୍ଟେସନରୁ ସକାଳ ୫.୧୫ରେ ଛାଡୁଛି। ବରଗଡ, ସମ୍ବଲପୁର, ରାଉରକେଲା ଦେଇ ସଂଧ୍ୟା ୬.୩୦ରେ ଏହା ହାଓଡ଼ାରେ ପହଞ୍ଚିବା କଥା; କିନ୍ତୁ ଗତ ପ୍ରାୟ ୨ ବର୍ଷ ହେଲା ଏହି ଟ୍ରେନର ସମୟ ସୀମାର କିଛି ଠିକ୍ ଠିକଣା ନାହିଁ। ଏହି ଟ୍ରେନ ଦ୍ୱାରା ବଲାଙ୍ଗିର ଜିଲ୍ଲା ସମେତ ପଶ୍ଚିମଓଡିଶାର ବିଭିନ୍ନ ବର୍ଗର ଲୋକେ ଲାଭବାନ ହେଉଥିଲେ। ସରକାରୀ, ବେସରକାରୀ, ବ୍ୟାଙ୍କ କର୍ମଚାରୀ, ଛାତ୍ରଛାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଠିକ ସମୟରେ ପହଞ୍ଚିବା ପାଇଁ ଏହି ଟ୍ରେନକୁ ଭରସା କରୁଥିଲେ। ବଲାଙ୍ଗିର ବାସିନ୍ଦା ସମ୍ବଲପୁରରେ ଚାକିରୀ କରୁଥିଲେ ମଧ୍ୟ ଅତି ସହଜରେ ନିଜ ଗନ୍ତବ୍ୟ ସ୍ଥଳକୁ ଠିକ ସମୟରେ ପହଞ୍ଚିବା ପୁଣି କାମ ସରି ଘରକୁ ଫେରିବା ପାଇଁ ଏହି ଟ୍ରେନ ବେଶ୍ ସହାୟକ ହୋଇଥିଲା। ଏହାର ସମୟ ସାରଣୀ ଲୋକଙ୍କ ଆବଶ୍ୟକତା ଅନୁସାରେ ହିଁ ରଖାଯାଇଥିଲା। ତେବେ କାହିଁକି, କେଉଁ କାରଣରୁ ଏହି ଟ୍ରେନର ସମୟ ସାରଣୀ ଏହିଭଳି ଭାବେ

**● ଦେହସୁହା ହୋଇଗଲାଣି ବିଳମ୍ବ**
**● କ୍ଷମା ମାଗି କାମ ସାରି ଦେଉଛି ରେଳ ବିଭାଗ**
**● ଜନ ପ୍ରତିନିଧି ଚୁପ୍, ରେଳ ବିଭାଗର ଉପେକ୍ଷା**

ପ୍ରଭାବିତ ହୋଇଛି ତାହା ଆଜି ବି ଅସ୍ପଷ୍ଟ। ଏପରିକି ରେଳ ବିଭାଗ ପକ୍ଷରୁ ଏହି ଟ୍ରେନ ସମୟରେ କୌଣସି ପରିବର୍ତ୍ତନ ମଧ୍ୟ କରାଯାଇନାହିଁ।

ତେବେ ଏହି ବିଳମ୍ବତାର ପ୍ରଭାବ ଲୋକଙ୍କ ଜୀବନଶୈଳୀ ଉପରେ ପଡିଥିବାରୁ ଏହାଦ୍ୱାରା ପ୍ରତିଦିନ ଶହ ଶହ ଲୋକ ପ୍ରଭାବିତ ମଧ୍ୟ ହେଉଛନ୍ତି। ଏକ ରେଳ ସଂପର୍କିତ ୱେବସାଇଟ ତଥ୍ୟ ଅନୁସାରେ ଏହି ଟ୍ରେନ ଗତ ମାସକ ମଧ୍ୟରେ ୭୬.୯୨ ପ୍ରତିଶତ ବିଳମ୍ବ ହୋଇଛି। ଗତ ୬ ମାସ ରେ ପ୍ରାୟ ୮୨.୦୫ ପ୍ରତିଶତ ବିଳମ୍ବ ହୋଇଛି। ସେହିପରି ଗତ ଗୋଟିଏ ବର୍ଷରେ ପ୍ରାୟ ୮୭.୯୦ ପ୍ରତିଶତ ଦିନ ବିଳମ୍ବରେ ଚାଲିଛି। ଏହି ବିଳମ୍ବତା କିଛି ମିନିଟ ନୁହଁ; ପ୍ରାୟ ଗୋଟିଏ ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଚାଲିଥିବା ଜଣାପଡିଛି; ଏଥିରୁ ଏହା ସ୍ପଷ୍ଟ କରୁଛି ଏହି ଏକ୍ସପ୍ରେସ ଟ୍ରେନ କେତେ ସମୟାନୁବର୍ତ୍ତିତା ରହିଛି। କେଉଁ ଦିନ ଦୁଇ ଘଣ୍ଟା ତ କେଉଁଦିନ ୧୦ ଘଣ୍ଟା ବି ଟ୍ରେନ ବିଳମ୍ବରେ ଚାଲିଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଟିଟିଲାଗଡରୁ ଟ୍ରେନ ଛାଡିବା ସମୟରେ ଟ୍ରେନ ହାଓଡାରୁ ଆସି ପହଞ୍ଚିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଲୋକଙ୍କ ପାଇଁ ଏକ ବଡ ସମସ୍ୟା ହୋଇଥିବା ବେଳେ ଜଣେ ବି ଜନପ୍ରତିନିଧି ଏଥିପ୍ରତି ମୁହଁ ଖୋଲିନାହାନ୍ତି। ଟ୍ରେନ ସମୟକୁ ବ୍ୟବସ୍ଥିତ କରିବା ପାଇଁ ପଦୁଟିଏ ବି ରେଳ ବିଭାଗକୁ ଜଣାଇନାହାନ୍ତି; ଯାହାକି ଉଦ୍‌ବେଗର ବିଷୟ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନେକ ସଚେତନ ନାଗରିକ ସାମାଜିକ ଗଣମାଧ୍ୟମ ଜରିଆରେ ଏନେଇ ରେଳ ବିଭାଗ ପାଖରେ ନିଜ ଅଭିଯୋଗ ରଖିଛନ୍ତି ସତ; କିନ୍ତୁ ରେଳ ବିଭାଗ ସେଥିପ୍ରତି କେବେ ଗୁରୁତ୍ୱ ଦେଇ ନାହିଁ।

**● ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବ**

## ଦୁଲକିଲା ମଞ୍ଚ; ଝୁମିଲେ ଦର୍ଶକ



**କଣ୍ଟାବାଞ୍ଜି,୬ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦରଠାରେ ଅନୁଷ୍ଠିତ ୩୯ତମ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଶେଷ ଆକର୍ଷଣ ଭାବେ ପଶ୍ଚିମ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତାଲ ଟ୍ରାୟୋ ଗ୍ରୁପ କଳାକାର ପ୍ରାଚି ପାଣିଗ୍ରାହୀ, କଳ୍ପନା ବ୍ୟାସ, ରୁପାଲି ବ୍ୟାସ ତାଙ୍କ ସାଥିଙ୍କ ସହ ନୃତ୍ୟଗୀତ ପରିବେଷଣ କରିଥିଲେ। ପଶ୍ଚିମ ଓଡ଼ିଶାର ସୁପରିଚିତ ଗୀତରେ ଏହି ଯୁବ କଳାକାରମାନଙ୍କ ନୃତ୍ୟରେ ମଞ୍ଚ ଦୁଲକି ଉଠିଥିଲା। ହଜାର ହଜାର ଦର୍ଶକ ଝୁମି ଉଠିଥିଲେ। ନୃତ୍ୟରେ କଂସ ମହାରାଜ ଖୁସି ହୋଇ ରାଜଦରବାରରେ ତାଲ ଟ୍ରାୟୋ ଗ୍ରୁପକୁ ମାନପତ୍ର ଓ ସ୍ମୃତିଚିହ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୬ ଦିନ ଧରି ଆୟୋଜିତ ହୋଇଥିବା ଏହି ଧନୁଯାତ୍ରା ମହୋତ୍ସବରେ ପ୍ରତ୍ୟେକ ଦିନ ରାଜକୀୟ ଅତିଥିମାନେ ଯୋଗ ଦେଇଥିଲେ। ଧନୁଯାତ୍ରା ମହୋତ୍ସବ ମାଧ୍ୟମରେ ଅଞ୍ଚଳର କଳାକାରମାନଙ୍କୁ ସୁଯୋଗ ଦେବା ସହ ନାଟ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିବାର ଉଦ୍ୟମକୁ ଅତିଥିଗଣ ପ୍ରଶଂସା କରିଥିଲେ। ବିଭିନ୍ନ ନାଟ୍ୟାଭିନୟ ପରିବେଷଣ କରାଯିବା ପରେ କଂସ ନିଧନ ସହ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଥିଲା।

## କୀଟନାଶକ ପିଇ ଗୁରୁତର ଚାଷୀଙ୍କ ମୃତ୍ୟୁ

**ବଲାଙ୍ଗିର,୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅର୍ଡା ଗାଁର ଜଣେ ଚାଷୀ ବିଷପିଇ ଆତ୍ମହତ୍ୟା କରିଛନ୍ତି। ତେବେ ପରିବାର ଲୋକଙ୍କ କହିବା ଅନୁସାରେ ସେ ଦୀର୍ଘ ଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ରହିଥିଲେ। ଗତ ସୋମବାର ଭୋରରୁ ଦେଓଗାଁ ଥାନା ଅର୍ଡା ଗାଁର ଚାଷୀ ରୋହିତ ଧରୁଆ ଫସଲରେ ଲାଗିଥିବା କୀଟ ମାରିବା ପାଇଁ ଔଷଧ କିଣିଥିଲେ; କିନ୍ତୁ ଦୀର୍ଘ ସମୟ ଧରି ସେ ଘରକୁ ଫେରି ନ ଥିଲେ। ଏଣୁ ପରିବାର ଲୋକ ତାଙ୍କୁ ଖୋଜିବାକୁ ଜମିକୁ ଯିବା ପରେ ସେ ଅଚେତ ଅବସ୍ଥାରେ ପଡି ରହିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଆଣିଥିଲେ। ବୁଧବାର ସଂଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ତାଙ୍କ ସ୍ତ୍ରୀ ଶାନ୍ତି ଧରୁଆ ଙ୍କ କହିବା ଅନୁସାରେ ତାଙ୍କର ୨ ଏକର ଜମି ରହିଛି। ଧାନ ଫସଲରେ ପୋକ ମଧ୍ୟ ଲାଗିଛି। ଗତ କିଛି ଦିନ ହେଲା ରୋହିତ ମାନସିକ ଦୁଶ୍ଚିନ୍ତାରେ ରହିଥିଲେ।

## ଏନ୍‌ଡିଆର୍‌ଏଫ୍ ଦ୍ୱାରା ସୁରକ୍ଷା ପ୍ରଶିକ୍ଷଣ



**ବଲାଙ୍ଗିର,୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଲୁହାସିଂହା ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇନ୍ସପେକ୍ଟର/ ଏକଜିକ୍ୟୁଟିଭ୍ ରଜିବ ଲୋଚନ ଆଚାର୍ଯ୍ୟ, ଟିବି ମଣ୍ଡଳ, ସୁନିଲ କୁମାର ପ୍ରମୁଖ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ବିପଦ ସମୟରେ ସ୍ୱୟଂସୁରକ୍ଷା, ଅଗ୍ନି ନିର୍ବାପକ ପ୍ରକ୍ରିୟା, ଭୂମିକମ୍ପ, ବନ୍ୟା, ଓ ଅନ୍ୟାନ୍ୟ ପ୍ରାକୃତିକ ବିପଦ ସମୟରେ କିପରି ସଜଗ ରହିହେବ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ କୌଶଳ ଦେଖାଇଥିଲେ। ବିଦ୍ୟାଳୟର ଭରପ୍ରାପ୍ତ ଅଧକ୍ଷା ରୀତା ତ୍ରିପାଠୀ, ଖପ୍ରାଖୋଲ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଠଙ୍ଗୀ, ଶିକ୍ଷକ ଅଶ୍ୱିନୀ ଷଡଙ୍ଗୀ, ଅମର ସାହୁ, ରାକେଶ ସାହୁ, ସୁଭାସିସ ଭୋଇ, ବିଦେଶୀ ସାହୁ, ଭାରତୀ ମହାନନ୍ଦ, ପୁଷ୍ପାଞ୍ଜଳି ପୁରୋହିତ, ପଦ୍ୟୁମ୍ନ ସାହୁ, ଲିଙ୍ଗରାଜ ସାହୁ, ମେଘା ସାହୁ, ଉମେଶ ବଡ଼େଇ ଓ ଚିନ୍ମୟୀ ସିଂହ, ଲଳିତା ଧରୁଆ ଓ ରବିନ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନବକୃଷ୍ଣ ଦେବତା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅଜଣା ଗାଡି ନେଲା ଦୁଇ ଜୀବନ

**ବଲାଙ୍ଗିର,୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ଭରସୁଜା ଛେଲିଆପାଟ ମନ୍ଦିର ନିକଟରେ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଗୁରୁବାର କରକଟିଆ ଛକରେ ରାସ୍ତାରୋକ କରାଯାଇଛି। ବାଇକ୍‌ରେ ଯାଉଥିବା ୨ ଜଣଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥଲା। ସମ୍ପୃକ୍ତ ଗାଡିକୁ ଧରିବାରେ ପୁଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ବହୁ କଷ୍ଟରେ ଚାଷବାସ କରି ପରିବାର ଚଳାଉଥିବା ୨ ଜଣଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାର ପାଇଁ ସମସ୍ୟା ବଢି ଯାଇଛି। ଏଣୁ କ୍ଷତିପୂରଣ ଦାବିରେ ଏହି ରାସ୍ତାରୋକ କରାଯାଇଥିଲା।



ବୁଧବାର ସନ୍ଧ୍ୟାରେ ଲୋଇସିଂହା-ପଦମପୁର ରାସ୍ତା ଭରସୁଜା ନିକଟସ୍ଥ ଛେଲିଆପାଟ ମନ୍ଦିରରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା। ଏହି ଘଟଣାରେ ବାଇକରେ ଥିବା ୨ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିମାନେ ନିକଟସ୍ଥ ସାହାଜଛାପର ଗାଁର ଚେରୁ ବେହେରା ଓ ସୁରେଶ ପଧାନ ବୋଲି ଜଣାପଡିଥିଲା। ଆଗଲପୁର ପୁଲିସ ମୃତଦେହ ଉଦ୍ଧାର କରି ରାତିରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଗୁରୁବାର ଉଭୟଙ୍କ ବ୍ୟବଚ୍ଛେଦ ସରିବା ପରେ ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା; କିନ୍ତୁ ଯେଉଁ ଗାଡି ଏହି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା ସେହି ଗାଡିକୁ ପୁଲିସ ଧରିବାରେ ବିଫଳ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଗୁରୁବାର ଗାଁରେ ମୃତଦେହ ପହଞ୍ଚିବା ପୂର୍ବରୁ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଦାବିରେ ଲୋକେ ରାସ୍ତାରୋକ କରିଥିଲେ। ବାରମ୍ବାର ଏହିଭଳି ଭାବେ ଲୋଇସିଂହା ଓ ଆଗଲପୁର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟାଉଥିବା ଗାଡି ଫେରାର ହୋଇଯାଉଛି। ସେହି ଗାଡିକୁ ଠାବ କରିବାରେ ପୁଲିସ ବିଫଳ ହେଉଛି। ଏହାଫଳରେ ପରିବାର ଲୋକଙ୍କୁ କୌଣସି କ୍ଷତିପୂରଣ ମିଳିପାରୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ୩ ଘଣ୍ଟା ପରେ କ୍ଷତିପୂରଣ ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିଲା। ଘଟଣାସ୍ଥଳରେ ଡିଏସପି ଜ୍ୟୋତ୍ସ୍ନାରାଣୀ ବେହେରା, ଲୋଇସିଂହା ତହସିଲଦାର ଟିକିନୁ ପୁଟା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା। ତେବେ ରାସ୍ତାକାମରେ ନିୟୋଜିତ ଥିବା ଏକ ଠିକା ସଂସ୍ଥାର ଜେସିବି ଦୁର୍ଘଟଣା ଘଟାଇଛି। ତାକୁ ପୁଲିସ ସୁରକ୍ଷା ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଦେବା ପରେ ମଧ୍ୟ ପୁଲିସ ଚୁପ୍ ରହିବା ଲୋକଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ ପୁଲିସ ଓ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ ନ କଲେ ପୁଣି ଆନ୍ଦୋଳନ କରିବାକୁ ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

**■ କ୍ଷତିପୂରଣ ଦାବିରେ ଲୋଇସିଂହା-ପଦମପୁର ରାସ୍ତା ଅବରୋଧ**
**■ ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବାରେ ବିଫଳ ପୁଲିସ**

## ଭାରତୀୟ ମହିଳା କ୍ରିକେଟ ଟିମ୍‌କୁ ଶୁଭେଚ୍ଛା




**ବଲାଙ୍ଗିର,୬ ।୧୧(ସମିସ):** ଭାରତୀୟ ମହିଳା କ୍ରିକେଟ ଟିମ୍‌ର ବିଶ୍ୱ ବିଜୟ ପାଇଁ ସ୍ୱାତୀ ସୁପର ସ୍ପେସାଲିଟି କ୍ଲିନିକ୍ ଏବଂ ବୈଭବ ମଲଟି ସ୍ପେସାଲିଟି କ୍ଲିନିକ୍ ଶୁଭେଚ୍ଛା ଜଣାଇଛି। ରାଧାରାଣୀପଡାସ୍ଥିତ ସ୍ୱାତୀ ସୁପର ସ୍ପେସାଲିଟି କ୍ଲିନିକ୍ ପରିସରରେ ବିଜୟ ଦିବସ ପାଳିତ ହୋଇଛି। ଏଥିରେ କ୍ଲିନିକ୍‌ର ସତ୍ତ୍ୱାଧିକାରୀ ମୁନା ଗୋୟଲ, ମାରୱାଡି ମହିଳା ସମ୍ମେଳନର ଅଧକ୍ଷା ଲକ୍ଷ୍ମୀ ଅଗ୍ରୱାଲ, ବଳରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରଶାସନ, ପୁଲିସକୁ ଦାୟୀ କଲା ରାଷ୍ଟ୍ରୀୟ ହିନ୍ଦୁ ପରିଷଦ




**ବଲାଙ୍ଗିର,୬ ।୧୧(ସମିସ):** ଦେଓଗାଁ ଅଞ୍ଚଳରେ ଦୀର୍ଘ ୧ ମାସ ଧରି ଅଶାନ୍ତିକର ତଥା ହିଂସାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପରିସ୍ଥିତି ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ପ୍ରଶାସନର ହାଲୁକା ମନୋଭାବ ଦାୟୀ। ବଲାଙ୍ଗିର ସହରର କୃଷି ଭବନ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ସଂଗଠନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ କରିଛି। ପରିଷଦ ଅଧକ୍ଷା ସନ୍ତୋଷ ଭୋଲଙ୍କ ଅଭିଯୋଗ ଅନୁଯାୟୀ, ଦେଓଗାଁ ଅଞ୍ଚଳରେ ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀକୁ ସୁରକ୍ଷା ଦେବା ପାଇଁ ସେଠିକାର କିଛି ସ୍ଥାନୀୟ ରାଜନେତା ଏବଂ ପୁଲିସ ପ୍ରଶାସନର କାର୍ଯ୍ୟରତ କିଛି ପୁଲିସ ଅଧିକାରୀଙ୍କ ସଂପୃକ୍ତି ପ୍ରମାଣ ସହ ସାମ୍ନାକୁ ଆସିଛି। ସେମାନେ ସେହି ବାଂଲାଦେଶୀଙ୍କ ପରିବାରଠାରୁ ଟଙ୍କା ନେଇ ତାକୁ ସୁରକ୍ଷା ଦେବା ପାଇଁ ହିନ ପ୍ରୟାସ କରିଥିଲେ। ଏହା ପୂର୍ବରୁ ସଂପୃକ୍ତ ବ୍ୟକ୍ତି ଜଣକ ଦେଓଗାଁ ଅଞ୍ଚଳରେ ଖଣ୍ଡା, ଭୁଜାଲି ଏବଂ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିବା ବେଳେ ସେ ଅନ୍ୟ ସହଯୋଗୀମାନଙ୍କ ସହ ଗିରଫ ମଧ୍ୟ ହୋଇଥିଲା। ପୁଲିସ ସଂପୃକ୍ତ ବ୍ୟକ୍ତିକୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ଦେଓଗାଁ ଅଞ୍ଚଳରେ ହିଂସାଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା; କିନ୍ତୁ ଏହି ଘଟଣାରେ ପୁଲିସ ନିରୀହଙ୍କୁ ନାଲିଆଖି ଦେଖାଉଥିବା ଶ୍ରୀ ଭୋଲ ଅଭିଯୋଗ କରିଛନ୍ତି। ଏହାକୁ ସେ ନିନ୍ଦା କରିଛନ୍ତି। ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଯଥାଶୀଘ୍ର ଦେଓଗାଁ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବାକୁ ସେ ଦାବି କରିଛନ୍ତି। ରାଜ୍ୟ ଉପସଭାପତି ପ୍ରଦୀପ ଦାଶ, ରାଜ୍ୟ ସମ୍ପାଦକ ଶଙ୍କର୍ଷଣ ଆଚାର୍ଯ୍ୟ, ରାଜ୍ୟ ପ୍ରବକ୍ତା ଦେବାନନ୍ଦ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ପୁରୋହିତ, ସନତ ପାତ୍ର, ପ୍ରଦୀପ ବେହେରା, ବୁଲୁ ପଡରିଆ ପ୍ରମୁଖ ଉପସ୍ଥିତ ଥିଲେ।

**● ଆଖି ବୁଜି ଦେଇଛି ପ୍ରଦୂଷଣ ବିଭାଗ**

## ରାଇସ୍ ମିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ

**ସଇଁତଲା,୬ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ୍ କେରମେଲି ପଞ୍ଚାୟତ ଲାଟୁଟ ଗାଁ ମଝିରେ ଅବସ୍ଥିତଏକ ରାଇସ୍ ପ୍ରତି ପ୍ରଶାସନ ତଥା ପ୍ରଦୂଷଣ ବିଭାଗ ଆଖି ବୁଜି ଦେଇଛି। ଏହି ରାଇସ୍ ମିଲ୍‌ର ପାଉଁଶ ଓ ମଇଳା ପାଣି ପାଇଁ ଗାଁ ଲୋକଙ୍କୁ ଅତିଷ୍ଠ କରୁଛି। ରାଇସ୍ ମିଲ୍ ପଛ ପଟେ ଥିବା ପଡ଼ାଗୁଡିକର ଲୋକେ ମଇଳା ପାଣି ପାଇଁ ରହି ପାରୁ ନାହାନ୍ତି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏଥିଯୋଗୁ ଲୋକେ ଲୋକେ ଚର୍ମ ତଥା ଶ୍ୱାସ ରୋଗର ଶିକାର ହେଉଛନ୍ତି। ସରକାରୀ ନିୟମ ମୁତାବକ ରାଇସ୍ ମିଲ୍‌ରେ ବନୀକରଣ ହେବା କଥା। ମିଲ୍‌ରୁ ନିର୍ଗତ ପାଣିର ୩୦ ପ୍ରତିଶତ ବ୍ୟବହାର କରାଯିବା ଉଚିତ୍। ନିର୍ଗତ ପାଣିକୁ ମିଲ୍ ବାହାରେ ନ ଛାଡି ମିଲ୍ ଭିତରେ ଏକ ଟାଙ୍କି ତିଆରି କରି ସେଥିରେ ପକାଇବା କଥା। ମିଲରୁ ବାହାରୁଥିବା ପାଉଁଶ ଗୁଣ୍ଡକୁ ମିଲ୍ ଭିତରେ ଡମ୍ପ କରିବା କଥା; ହେଲେ ସମସ୍ତ ନିୟମକୁ ଏହି ରାଇସ୍ ମିଲ୍ ଖୋଲାଖୋଲି ଉଲ୍ଲଂଘନ କରୁଛି। ମିଲ୍ ବାହାରକୁ ଦୁର୍ଗନ୍ଧଯୁକ୍ତ ପାଣି ଛଡାଯାଉଛି। ଏହା ପିଇ ବୁଲା ଗାଈଗୋରୁ, କୁକୁର, ପକ୍ଷୀ ରୋଗର ଶିକାର ହେଉଛନ୍ତି। ମିଲ୍‌ରୁ ବାହାରୁ ଥିବା ପାଉଁଶ ଗୁଣ୍ଡ ଲୋକଙ୍କ ଆଖି, ନାକରେ ପଶୁଛି। ଯଦି ପ୍ରଦୂଷଣ ବିଭାଗର କୌଣସି ନିୟମକୁ ରାଇସ୍ ମିଲ୍ ପାଳନ କରୁନାହିଁ ତାହା ହେଲେ ତାହାକୁ ବିଭାଗ କିପରି ଅନୁମତି ପ୍ରଦାନ କରୁଛି ତାହା ଲୋକଙ୍କ ଭିତରେ ପ୍ରଶ୍ନ ଉଠିଛି।



## ପାଣି ପାଇଁ ଜାତୀୟ ରାଜପଥ ଅବରୋଧ




**ସଇଁତଲା,୬ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କେରମେଲି ପଞ୍ଚାୟତ ଲାଟୁଟ ଗ୍ରାମରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ତାତିଛନ୍ତି। ୨୬ ନମ୍ବର ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଛନ୍ତି। ଗ୍ରାମବାସୀ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଦାବି କରି ଆସୁଛନ୍ତି। ମେଗା ପ୍ରକଳ୍ପ ଯୋଜନାରେ ପାଇପ ଯୋଗେ ପାନୀୟ ଜଳ ଆସିବ ପାଇଁ ବ୍ୟବସ୍ଥା ହୋଇଥିଛି; ହେଲେ ଠିକାଦାର ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ଗ୍ରାମବାସୀ ଏ ନେଇ ବିଡ଼ିଓଙ୍କୁ ଲିଖିତ ଦାବି ପତ୍ର ପ୍ରଦାନ କରିଥିଲେ। ତାହା ସତ୍ତ୍ୱେ ବିଡିଓ କର୍ଣ୍ଣପାତ କରି ନ ଥିଲେ। ଏହାକୁ ନେଇ ଲାଟୁଟ ଗ୍ରାମବାସୀ ଗୁରୁବାର ଲାଟୁଟ ଛକରେ ଗରା, ବାଲ୍ଟି ଧରି ରାସ୍ତାରୋକ କରିଥିଲେ। ଦୀର୍ଘ ବର୍ଷ ହେବ ଗ୍ରାମବାସୀ ବାଲି ଚୁଆ ଭରସାରେ ରହିଛନ୍ତି। ପାଣି ପାଇଁ ଗୋଟିଏ କିଲୋମିଟର ଯିବାକୁ ପଡ଼ିଥାଏ। ତେବେ ଦୀର୍ଘ ସମୟ ଧରି ଜାତୀୟ ରାଜପଥ ଅବରୋଧ କରିବା ପରେ ପ୍ର।ସନିକ ଅଧିକାରୀ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ୨ ମାସ ମଧ୍ୟରେ ଜଳ ଯୋଗାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

# ଦେଓଗାଁରେ ଶାନ୍ତି ପାଇଁ ନରସିଂହଙ୍କ ଆଲୋଚନା

**ବିଶ୍ୱାସ ହରାଇଛି ଦେଓଗାଁ ପୁଲିସ** | **ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଦାବି**


ବଲାଙ୍ଗିର,୬ ।୧୧(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବହୁତ ଖରାପ ଆଡକୁ ଗତି କରୁଛି। ଦେଓଗାଁ ପୁଲିସର ଅପାରଗତା ପାଇଁ ଛୋଟରୁ ଛୋଟ ଘଟଣା ଉଗ୍ର ରୂପ ନେଉଛି। ଦେଓଗାଁବାସୀ ଏପରି ପରିସ୍ଥିତିକୁ ଠିକ୍ ହିସାବରେ ଧୈର୍ଯ୍ୟ ଓ ବୁଦ୍ଧିମତାର ସହ ପରିଚାଳନା କଲେ। ନ ହେଲେ ଏହା ଆହୁରି ଉଗ୍ର ରୂପ ନେଇ କେଉଁ ଆଡକୁ ଗତି କରିଥାନ୍ତା। ଅଞ୍ଚଳରେ ରହୁଥିବା ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଆବାଳ ବୃଦ୍ଧ ବିନୀତା ଶାନ୍ତି ସ୍ଥାପନ କରିବାକୁ ଚେଷ୍ଟା କରିବାକୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ପରାମର୍ଶ ଦେଇଛନ୍ତି। ସେ ଦେଓଗାଁରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ଏଭଳି ନିବେଦନ କରିଛନ୍ତି।

ଦେଓଗାଁର ଏକ ଗଣ୍ଡଗୋଳ ଘଟଣାକୁ ରଫାଦଫା କରିବା ନେଇ ସ୍ଥାନୀୟ ଜରେ ରାଜନେତା ଜେଣେ ମହିଳାଙ୍କଠୁ ଟଙ୍କା ନେବା ଅଡିଓ/ଭିଡିଓ ଭାଇରାଲ ଘଟଣା ପୁଲିସର ସମ୍ପୃକ୍ତି ଓ କାର୍ଯ୍ୟକଳାପ ଉପରେ ଜନସାଧାରଣ ସନ୍ଦେହ କରୁଛନ୍ତି। ଦେଓଗାଁ ପୁଲିସ ମହିଳାମାନଙ୍କ ଅଭିଯୋଗ ଗ୍ରହଣ ନ କରି ସେମାନଙ୍କୁ ଅସଭ୍ୟ ଭାଷା ପ୍ରୟୋଗ କରୁଥିବା ମହିଳାମାନେ ଅଭିଯୋଗ କରିଥିବା ଶ୍ରୀ ମିଶ୍ର କହିଛନ୍ତି। ଏପରି ଏକ ଲଜ୍ଜାଜନକ ଘଟଣାରୁ ଦେଓଗାଁ ପୁଲିସ ନଜର ହଟାଇବା ପାଇଁ ଦେଓଗାଁବାସୀଙ୍କ ଉପରେ ଜୁଲୁମ କରୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଲୋକଙ୍କ ବିଶ୍ୱାସ ଭାଜନ ହୋଇ କାମ କରିବା ଉଚିତ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହା ସହ ଦେଓଗାଁ ଅଶାନ୍ତ ଘଟଣାରେ ଏତଲାରେ ଏପରି କିଛି ନାଁ ଅଛି ଯିଏ କି ଘଟଣା ସ୍ଥଳରେ ନ ଥିଲେ। ଏପରି କି ସେଥିରୁ କିଛି ଗତ ୬ ମାସ ହେଲା ରାଜ୍ୟ ବାହାରେ ରହୁଛନ୍ତି। ତଥାପି ମଧ୍ୟ ଏତଲାରେ ସେମାନଙ୍କ ନାଁ କେମିତି ଆସିଲା ବୋଲି ଭୟାତୁର ଦେଓଗାଁବାସୀ ଶ୍ରୀ ମିଶ୍ରଙ୍କ ଆଗରେ ଅଭିଯୋଗ କରିଛନ୍ତି। ତା ସହ ସେମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ଏତଲାରେ ନାଁ ନ ଥିବା ଅନେକ ଲୋକଙ୍କୁ ପୁଲିସ ଭୟଭୀତ କରିବା ପାଇଁ ଖୋଜୁଛି। ତେଣୁ ଏ ସବୁର ଏକ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। ଏତଲାରେ ନାଁ ନ ଥିବା ଲୋକ କିମ୍ବା ଘଟଣା ସ୍ଥଳରେ ଉପସ୍ଥିତ ନ ଥିବା ଲୋକଙ୍କ ବାବଦରେ ତଦନ୍ତ କରିବା ପାଇଁ ଏକ ଉଚ୍ଚସ୍ତରୀୟ ପୁଲିସ ଅଧିକାରୀ ଦେଓଗାଁ ଆସି ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହା ସହ ଯେହେତୁ ଦେଓଗାଁ ପୁଲିସ ଉପରେ ଦେଓଗାଁ ଅଞ୍ଚଳ ଲୋକଙ୍କ ବିଶ୍ୱାସ ତୁଟି ଯାଇଛି ତେଣୁ ସେପରି ଅଧିକାରୀଙ୍କୁ ଏଠାରୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ମଧ୍ୟ ସେ ଏସପିଙ୍କ ସହ ଆଲୋଚନା କରିବେ ବୋଲି ଗ୍ରାମବାସୀ ଙ୍କୁ କହିଛନ୍ତି। ଗାଁରେ ଯେପରି ପ୍ରତ୍ୟେକ ଜାତି, ଧର୍ମ, ବର୍ଣ୍ଣର ଲୋକେ ଶାନ୍ତିପୂର୍ଣ୍ଣ ଭାବେ ସହାବସ୍ଥାନ କରିପାରିବେ ସେଥିପାଇଁ ଏକ ଶାନ୍ତି କମିଟି ଗଠନ ପାଇଁ ଏସ୍‌ପିଙ୍କୁ ଅନୁରୋଧ କରିବେ ଶାନ୍ତିପୂର୍ଣ୍ଣ ପରିସ୍ଥିତି ଫେରାଇ ଆଣିବା ପାଇଁ ଦେଓଗାଁ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ କରିବାକୁ ଏସ୍‌ପିଙ୍କୁ ଭେଟି ପ୍ରସ୍ତାବ ଦେବେ ବୋଲି ଶ୍ରୀ ମିଶ୍ର ଲୋକଙ୍କୁ କଥା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଭାରତୀୟଙ୍କ ପାଖରେ ବିଶ୍ୱବାସୀ ଅନେକ ଦୃଷ୍ଟିରୁ ଋଣୀ
-ଆଲବର୍ଟ ଆଇନଷ୍ଟାଇନ୍

## ମମ୍‌ଦାନୀ ମଡେଲ୍

ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମମ୍‌ଦାନୀ ଅନେକ ସଂଘର୍ଷ, ଉତ୍‌ଥାନ-ପତନ ପରେ ଶେଷରେ ଆମେରିକାର ସମ୍ଭ୍ରାନ୍ତ ସହର ନ୍ୟୁୟର୍କର ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ଆମେରିକାର ରାଜନୈତିକ ଇତିହାସରେ ଅନେକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ଏହି ପଦ ପାଇଁ ନିର୍ବାଚିତ ହେବାରେ ସେ ସର୍ବକନିଷ୍ଠ ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ ମୁସଲିମ୍। ଇସ୍ରାଏଲ୍ ବିରୋଧୀ ଓ ପାଲେଷ୍ଟାଇନ୍ ସପକ୍ଷବାଦୀ ଭାବେ ଜଣାଶୁଣା ମମ୍‌ଦାନୀଙ୍କୁ ହରାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାଣପଣେ ଚେଷ୍ଟା କରି ବିଫଳ ହୋଇଛନ୍ତି ଏବଂ ତାଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଥିସହିତ ଆମେରିକାର ସଦ୍ୟ ଜନ୍ମିତ ସାମ୍ପ୍ରଦାୟିକ-ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ଡେମୋକ୍ରାଟିକ୍ ପ୍ରାର୍ଥୀ ମମ୍‌ଦାନୀଙ୍କ କାର୍ଯ୍ୟଶୈଳୀ ସାମ୍ପ୍ରତିକ ଆମେରିକାରେ ମୁଣ୍ଡ ଟେକିଥିବା ନୂଆ ଚିନ୍ତାଧାରା ସହିତ କିଭଳି ଖାପ୍ ଖୁଆଇ ପାରିବ ଏବଂ ଟ୍ରମ୍ପଙ୍କ ସହିତ ସେ କିଭଳି ସମନ୍ୱୟ ଓ ସହଯୋଗ ରକ୍ଷା କରି କାମ କରିପାରିବେ ତାହା ଦେଖିବାକୁ ବିଶ୍ୱ ରାଜନୀତି ବିଶାରଦମାନେ ଉତ୍ସୁକତାର ସହିତ ଚାହିଁ ରହିଛନ୍ତି। ବିଶେଷକରି ମମ୍‌ଦାନୀଙ୍କ ବିଜୟ ଭାରତୀୟଙ୍କ ପାଇଁ ସେଠାରେ ସୃଷ୍ଟି ହୋଇଥିବା ଆଶଙ୍କା ଭିତରେ ଆଶାର କିରଣଟିଏ ସୃଷ୍ଟି କରିଛି।

ସାମ୍ପ୍ରତିକ ବିଶ୍ୱରେ ପ୍ରବାସୀ ଭାରତୀୟମାନଙ୍କ ପ୍ରତି ଆମେରିକା ସମେତ କାନାଡ଼ା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଆଦି ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଦେଶମାନଙ୍କରେ ଅସୂୟା ବଢ଼ିବାରେ ଲାଗିଛି। ବିଶେଷକରି ହିନ୍ଦୁ ବୈଦିକ ସମାଜରେ ପ୍ରଚଳିତ ରକ୍ଷଣଶୀଳତାର ଦ୍ୱାହି ଦେଇ ଏବେ ଖ୍ରୀଷ୍ଟିଆନ୍‌ବହୁଳ ରାଷ୍ଟ୍ରବାସୀ ପ୍ରବାସୀ ହିନ୍ଦୁମାନଙ୍କୁ ଶାରୀରିକ ଓ ମାନସିକତା ନିର୍ଯାତନା ଦେବାର ନୂଆ ଧାରା ଆରମ୍ଭ ହୋଇଛି। ଯୁଦ୍ଧଗ୍ରସ୍ତ ଅସ୍ଥିର ଓ ଅଶାନ୍ତ ବିଶ୍ୱରେ ରକ୍ଷଣଶୀଳତାର ଅସୂୟା ନୁହେଁ, ବରଂ ଧର୍ମନିରପେକ୍ଷତାର ଉଦାରତା ହିଁ ବିକାଶ ପାଇଁ ଅପରିହାର୍ଯ୍ୟ, ଏଥିପ୍ରତି ଦୃଷ୍ଟି ଦେବାକୁ ସତେଯେପରି କେହି ଚାହାନ୍ତି ନାହିଁ। ଏକଦା ଇସ୍‌ଲାମ୍ ରାଷ୍ଟ୍ରମାନଙ୍କରେ ପ୍ରଚଳିତ କଟ୍ଟର ରୂଢ଼ିବାଦ ଧାରା ଏବେ ପାଶ୍ଚାତ୍ୟ ଦେଶମାନଙ୍କରେ କାୟାବିସ୍ତାର କରିବାରେ ଲାଗିଛି ଏବଂ ଏଥିରେ ପ୍ରବାସୀ ଭାରତୀୟମାନେ ହିଁ ସବୁଠାରୁ ଅଧିକ ବିପନ୍ନ ଓ ପ୍ରଭାବିତ ହେଉଛନ୍ତି। ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ସଭ୍ୟ, ବିକଶିତ ଓ ଶକ୍ତିଶାଳୀ ଦେଶ ଆମେରିକା ମଧ୍ୟ ଏଭଳି ରୂଢ଼ିବାଦୀ ପରିବେଶ ଗଠନ ପ୍ରୟାସରୁ ନିଜକୁ ଦୂରେଇ ରଖିପାରିନାହିଁ।

ଆମେରିକାର ରାଜନୈତିକ-ସାମାଜିକ ପରିବେଶ କ୍ରମଶଃ ଅନୁଦାର ଓ ରକ୍ଷଣଶୀଳ ହେଉଛି। କେବଳ ଧର୍ମାନ୍ଧତା ନୁହେଁ, ଆବ୍ରାହମ୍ ଲିଙ୍କନ୍‌ଙ୍କ ପୂର୍ବସମୟର କଳା-ଗୋରା ଭେଦଭାବ ବା ବର୍ଣ୍ଣବୈଷମ୍ୟର ଉଗ୍ର ମାନସିକତା ପୁଣି ଥରେ ଆମେରିକୀୟଙ୍କ ମନରେ ଜମାଟ ବାନ୍ଧୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରବାଦୀ ଆଭିମୁଖ୍ୟ ଏହାକୁ ଇନ୍ଧନ ଯୋଗାଉଛି। ତେଣୁ ପ୍ରବାସୀମାନେ ଖ୍ରୀଷ୍ଟିଆନ୍ ଧର୍ମଗ୍ରହଣ କଲେ ମଧ୍ୟ ସେମାନେ ଯେ କଳା-ଗୋରା ଭେଦଭାବରୁ ସୁରକ୍ଷିତ ରହିବେ ସେହି ବିଶ୍ୱାସ ଆସୁନାହିଁ।

ପୂର୍ବରୁ ପ୍ରବାସୀ ଭାରତୀୟମାନେ ଆମେରିକାବାସୀଙ୍କ ଦୃଷ୍ଟିରେ କମ୍ ଖର୍ଚ୍ଚରେ ଅଧିକ କାମ କରିପାରୁଥିବା ସଂଖ୍ୟାଲଘୁ ବର୍ଗର ଅଣରାଜନୈତିକ ମାନବ ସମ୍ବଳ ଭାବେ ବିବେଚିତ ହୋଇଆସୁଥିଲେ। କିନ୍ତୁ ଏବେ ଭାରତୀୟମାନଙ୍କୁ ଆମେରିକାର ସାଂସ୍କୃତିକ-ରାଜନୈତିକ-ସାମାଜିକ ପରମ୍ପରା ପ୍ରତି ବିପଦ ଭାବେ ସେଠାକାର ଅଧିବାସୀ ମନେ କରୁଛନ୍ତି। ଗତ ଦୀପାବଳୀ ଅବସରରେ ପ୍ରବାସୀ ଭାରତୀୟମାନଙ୍କ ବାଣଫୁଟା ପରମ୍ପରାକୁ ଆମେରିକୀୟମାନେ 'ସାଂସ୍କୃତିକ ଉପଦ୍ରବ' ଭାବେ ଅଭିହିତ କରିଛନ୍ତି। ଭାରତୀୟଙ୍କ ପ୍ରତି ଆମେରିକାର ଅସହିଷ୍ଣୁତା ଏତେ ବଢ଼ିଯାଇଛି ଯେ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବମାନଙ୍କର ଧର୍ମାନ୍ତରୀକରଣ ସପକ୍ଷରେ ନିର୍ବିକାରରେ ମୁକ୍ତ ଭାବେ ମତ ପ୍ରକାଶ ପାଉଛି। ଖୋଦ୍ ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀଙ୍କୁ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବାକୁ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଆମେରିକାର ସାମାଜିକ-ସାଂସ୍କୃତିକ-ରାଜନୈତିକ ପରିବେଶର ଏଭଳି ଏକ ଘଡ଼ିସନ୍ଧି ବେଳାରେ ମୁସ୍‌ଲିମ୍ ଧର୍ମାବଲମ୍ବୀ ମମ୍‌ଦାନୀ କିଭଳି ଭାବେ ସେ ସବୁ ଆହ୍ୱାନର ମୁକାବିଲା କରିପାରିବେ ତାହା ଉପରେ ଆମେରିକାର ରାଜନୀତି ଓ ଭାବମୂର୍ତ୍ତି ଅନେକାଂଶରେ ନିର୍ଭର କରୁଛି।

ଭାରତୀୟ ନିର୍ବାଚନୀ ରଣନୀତି ଅନୁକରଣରେ ଗରିବ ଲୋକଙ୍କୁ ରିହାତି ଦରରେ ରାସନ୍, ସ୍କୁଲ୍ ପିଲାମାନଙ୍କ ପାଇଁ ମାଗଣା ବସ୍ ସେବା, ମାଗଣା ଶିଶୁ ଯତ୍ନ ଭଳି ରେବିଡ଼ି ଯୋଜନାମାନ ଘୋଷଣା କରି ନିର୍ବାଚନରେ ଜିତାପଟ ହାସଲ କରିଥିବା ମମ୍‌ଦାନୀଙ୍କ ବିଜୟୀ ସମ୍ଭାଷଣରେ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଉଦ୍ଧୃତି ସ୍ଥାନ ପାଇଥିବା ବେଳେ ଭାରତୀୟ ଲୋକପ୍ରିୟ ହିନ୍ଦୀ ସଂଗୀତ 'ଧୂମ୍ ମଚାଲେ...'ର ସଂଗୀତ ପ୍ରଚ୍ଛଦପଟ୍ଟରେ ଶୁଭିଥିଲା। ତେଣୁ ଭାରତୀୟମାନେ ମମ୍‌ଦାନୀଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି। ଏହାଛଡ଼ା ମମ୍‌ଦାନୀ ଆପଣେଇଥିବା ନେହେରୁଙ୍କ ପ୍ରଣୀତ ସାମାଜବାଦ-ଗଣତାନ୍ତ୍ରିକ ମଡେଲ୍ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାରେ କେତେଦୂର ସଫଳ ଓ ପ୍ରଭାବଶାଳୀ ହୋଇପାରୁଛି ତାହାର ପରୀକ୍ଷା ନିରୀକ୍ଷା ପାଇଁ ନ୍ୟୁୟର୍କ ଏକ ପ୍ରୟୋଗଶାଳା ହୋଇଛି।

ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ନ୍ୟୁୟର୍କ ଭଳି ମହଙ୍ଗା ସହରରେ ମମ୍‌ଦାନୀ କିଭଳି ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିପାରିବେ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ। ପ୍ରବାସୀ ଭାରତୀୟ ଓ ଭାରତୀୟଙ୍କ ପ୍ରଥମ ପସନ୍ଦର ସହର ହେଉଛି ନ୍ୟୁୟର୍କ। କିନ୍ତୁ ଟ୍ରମ୍ପଙ୍କ କଠୋର ପ୍ରବାସନ ନୀତିରେ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ପଠାଇ ଦିଆଯାଉଥିବା ପ୍ରବାସୀ ଭାରତୀୟଙ୍କ ଯନ୍ତ୍ରଣା ପ୍ରବାସୀ ମମ୍‌ଦାନୀ କେତେ ଅନୁଭବ କରିପାରିବେ ଏବଂ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଭାବରେ ମୁସ୍‌ଲିମ୍ ସମ୍ପ୍ରଦାୟର ମମ୍‌ଦାନୀ ଆମେରିକାର ସାମ୍ପ୍ରଦାୟିକ ନବଉନ୍ମେଷରେ ହିନ୍ଦୁମାନଙ୍କ ବିରୋଧରେ ବୃଦ୍ଧି ପାଉଥିବା ଆକ୍ରୋଶକୁ ଅନ୍ତତଃ ତାଙ୍କ ସହରରେ କିଭଳି ମୁକାବିଲା କରିପାରୁଛନ୍ତି ତାହା ଉପରେ ଭାରତ, ଆମେରିକା ସମେତ ସମଗ୍ର ବିଶ୍ୱ ଚାହିଁ ବସିଛି। ନ୍ୟୁୟର୍କ ପରି ଆମେରିକାର ଉନ୍ନତ ଓ ସମ୍ଭ୍ରାନ୍ତ ସହରରେ ଯଦି 'ମମ୍‌ଦାନୀ ମଡେଲ୍' ଉଦାର ସାମାଜିକ-ରାଜନୈତିକ ସମୀକରଣର ନୂଆ ସୂତ୍ର ସୃଷ୍ଟି କରିପାରିଲା ତାହା ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶିକା ହେବ। ●

## ଅସ୍ଥିର ଓ ଅଶାନ୍ତିର ଦୂତ

ସରୋଜ କାନ୍ତ ଚୌଧୁରୀ

ଚଳିତ ବର୍ଷର ମର୍ଯ୍ୟାଦାଜନକ ଶାନ୍ତି ନୋବେଲ୍ ପୁରସ୍କାର ପାଇବା ପାଇଁ ଭେନେଜୁଏଲାର ଗଣତନ୍ତ୍ରବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ମନୋନୀତ କରାଯାଇଛି। ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାର ଗଣତନ୍ତ୍ରବାଦୀ ବିରୋଧୀ ଦଳର ନେତ୍ରୀ ମାରିଆ ସେଠିକାର କ୍ଷମତାରେ ଥିବା ଏକଛତ୍ରବାଦୀ ଶାସକଙ୍କ ବିରୁଦ୍ଧରେ ଦୀର୍ଘବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ୧୮୦୧ମସିହାରୁ ପ୍ରଦାନ କରା ହୋଇ ଆସୁଛି। କିନ୍ତୁ ୨୦୨୫ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରାର୍ଥିତ୍ୱ ସପକ୍ଷରେ ଯେପରି ଭାବେ ଚାପ ସୃଷ୍ଟି ଓ ପ୍ରଚାର କରିଥିଲେ ତାହା ଅଭୂତପୂର୍ବ। ଟ୍ରମ୍ପ ୨୦୨୫ ଜାନୁୟାରୀ ୨୦ରୁ ରାଷ୍ଟ୍ରପତି ପଦରେ ଦ୍ୱିତୀୟ ବାର ଅଧିଷ୍ଠିତ ହେବା ପରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇବାରେ ତାଙ୍କର ବ୍ୟକ୍ତିଗତ ଅଭିଳାଷ ଏବଂ ଆମେରିକାକୁ ପୁନଃ ଶ୍ରେଷ୍ଠ ପ୍ରତିପାଦିତ କରାଇବା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ଦିଗରେ ତାଙ୍କର ନିର୍ବାଚନୀୟ ପ୍ରତିଶ୍ରୁତିକୁ ସାର୍ଥକ କରିବା ପାଇଁ ସମଗ୍ର ବିଶ୍ୱ ରାଜନୀତିକୁ ସେ ବର୍ତ୍ତମାନ ସମୟରେ ଗୋଳମାଳିଆ କରିଦେଇଛନ୍ତି।

ବାରାକ୍ ଓବାମା ଆମେରିକାର ୪୪ତମ ରାଷ୍ଟ୍ରପତି ହିସାବରେ କାର୍ଯ୍ୟାରମ୍ଭ କରିବାର ମାତ୍ର ନଅ ମାସ ଭିତରେ ୨୦୦୯ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଅନ୍ତର୍ଜାତୀୟ କୂଟନୀତିକ ସମ୍ପର୍କ ଓ ସଂହତି ବୃଦ୍ଧିରେ ଅନନ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିଲା। ଓବାମାଙ୍କ ପରେ କ୍ଷମତାସୀନ ହୋଇଥିବା ରିପବ୍ଲିକାନ ନେତା ଡୋନାଲ୍ଡ ଟ୍ରମ୍ପ ଓବାମାଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ତାଚ୍ଛଲ୍ୟ କରି କହିଥିଲେ ଯେ ତାଙ୍କର ନାମ ଓବାମା ହୋଇଥିଲେ ସେ ମାତ୍ର ଦଶ ସେକେଣ୍ଡରେ ନୋବେଲ ଶାନ୍ତି ପୁରସ୍କାର ପାଇଥା'ନ୍ତେ। ଅର୍ଥାତ୍ ସେହିଦିନଠାରୁ ଟ୍ରମ୍ପଙ୍କର ବ୍ୟକ୍ତିଗତ ଅଭିଳାଷ ଜାଗ୍ରତ ହୋଇଥିଲା ଯେ ତାଙ୍କର ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ସେ ନିଶ୍ଚିତ ହକଦାର ହେବେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ। ତେଣୁ ତାଙ୍କର ଦ୍ୱିତୀୟ ଦଫା କାର୍ଯ୍ୟକାଳର ଆଠ ମାସ ମଧ୍ୟରେ ବିଭିନ୍ନ ସମୟରେ ଗଣମାଧ୍ୟମ ଆଗରେ କେତେବେଳେ ଛଅଟି, କେତେବେଳେ ସାତଟି ଆଉ କେତେବେଳ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିପାରିଛନ୍ତି ବୋଲି ତାଲିକା ଜାରି କରି ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜକୁ ସବୁଠାରୁ ଯୋଗ୍ୟ ବୋଲି ପ୍ରମାଣିତ କରିବାରେ ଲାଗିଲେ।

ତଥାକଥିତ ସେଇ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବା ସମ୍ବନ୍ଧରେ ନିରପେକ୍ଷ ବିଶେଷଜ୍ଞଙ୍କ ପର୍ଯ୍ୟାଲୋଚନା ସଂକ୍ଷେପରେ ଏହିପରି। ଆଠଟି ଯୁଦ୍ଧରୁ ଦୀର୍ଘ ଦିନ ଧରି ଚାଲିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂଘର୍ଷ, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟି ଚାଲିଛି, ତାହାହେଲା ରୁଷ-ୟୁକ୍ରେନ ଯୁଦ୍ଧ(ଆରମ୍ଭ ୨୪ ଫେବୃୟାରୀ୨୦୨୨) ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧ (ଆରମ୍ଭ ୭ଅକ୍ଟୋବର୨୦୨୩)। କିନ୍ତୁ ଏହି ଯୁଦ୍ଧ ଦୁଇଟି ବନ୍ଦ କରିବା ଦିଗରେ ଟ୍ରମ୍ପଙ୍କ ମଧ୍ୟସ୍ଥତା ଲାଭପ୍ରଦ ହୋଇପାରି ନାହିଁ। କେବଳ ସେ କିଛିଟା ହାକିମାତି କରି ଯଥାକ୍ରମେ ପ୍ରାଥମିକ ଭାବରେ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ତାଙ୍କ ସହିତ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁଙ୍କୁ ହମାସ ପ୍ରତିପକ୍ଷଙ୍କ ସହ ଆଲୋଚନା ଟେବୁଲକୁ ଆଣିଛନ୍ତି। ଆମେରିକାର ମଧ୍ୟସ୍ଥତାରେ ଅକ୍ଟୋବର ପ୍ରଥମ ସପ୍ତାହରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ରାଜିନାମା ହୋଇ ସାମୟିକ ଭାବରେ ଗାଜାର କିଛି ଇଲାକାରୁ ଇସ୍ରାଏଲ ସୈନ୍ୟ ଅପସାରଣ କରିଥିଲା ଏବଂ ତା'ବଦଳରେ ହମାସ୍ କିଛି ମୃତ ଓ ଜୀବିତ ଇସ୍ରାଏଲୀ ନାଗରିକଙ୍କୁ ବନ୍ଧକରୁ ମୁକ୍ତ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ରାଜିନାମାକୁ ଉଲ୍ଲଂଘନ କରିବା ଦ୍ୱାରା ସଂଘର୍ଷ ଜାରି ରହିଛି।

ସେମିତି ଆର୍ମେନିଆ ଓ ଆଜର୍ବାଇଜାନ୍ ମଧ୍ୟରେ, ରୁଆଣ୍ଡା ଓ କଙ୍ଗୋ ମଧ୍ୟରେ ବିବାଦ। ଯଦିଓ ପଡ଼ୋଶୀ ଦେଶ ହିସାବରେ ସେମାନଙ୍କ ମଧ୍ୟରେ ଅନେକ ଦିନ ହେଲା ବିବାଦ ରହି ଆସିଛି, ବର୍ତ୍ତମାନ ସମୟରେ ସେମିତି ପୂର୍ଣ୍ଣଯୁଦ୍ଧ ହୋଇ ଧନଜନ କ୍ଷୟ ଘଟି ନଥିଲା। ହୁଏତ ଟ୍ରମ୍ପ ନିଜ ସପକ୍ଷରେ ନୋବେଲ ଶାନ୍ତି ପୁରସ୍କାର ସୁପାରିସ ପାଇଁ ବାଣିଜ୍ୟରେ ସେହି କ୍ଷୁଦ୍ର ଦେଶମାନଙ୍କୁ ସୁବିଧା ଦେବା ଭିତ୍ତିରେ କିଛି ଗୋଟେ ରାଜିନାମା କରାଇ ନେଇଥିଲେ, ଯାହା କୌଣସି ଦୀର୍ଘମିଆଦୀ ବ୍ୟବସ୍ଥା ନଥିଲା। ଏବେ ସ୍ଥିତି 'ଯଥା ପୂର୍ବଂ ତଥା ପରଂ'। ଚଳିତ ବର୍ଷ ଜୁନ୍ ମାସରେ ସମାପ୍ତ ହୋଇଥିବା ଇରାନ୍-ଇସ୍ରାଏଲ ଯୁଦ୍ଧରେ ଆମେରିକା ଇରାନକୁ ପରମାଣୁ ଶକ୍ତି ବିକଶିତ କରିବାରୁ ବଞ୍ଚିତ କରିବାକୁ ତା'ଉପରେ ଇସ୍ରାଏଲ ସହିତ ମିଶି ବୋମାମାଡ଼ କରି ସଫଳ ହୋଇଥିଲା ଏବଂ ବାରଦିନର ଯୁଦ୍ଧ ପରେ ଏଥିରୁ ବିରତ ରହିଥିଲା। ଏଥିରେ ମଧ୍ୟ ଟ୍ରମ୍ପ ନୋବେଲ ପୁରସ୍କାର ପାଇଁ ଅନୁଗତ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କଠାରୁ ସୁପାରିସ ଆଦାୟ କରିଥିଲେ। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଗୋଟିଏ ସପ୍ତାହର ଯୁଦ୍ଧ ପରେ ଯୁଦ୍ଧ ବିରତି ଘୋଷଣା କରିଥିଲେ, ଯାହା ଅବଶ୍ୟମ୍ଭାବୀ ଥିଲା ମାଲେସିଆର ମଧ୍ୟସ୍ଥତା ଦ୍ୱାରା। କିନ୍ତୁ ଯେହେତୁ ଦୁଇ ଦେଶର ଅର୍ଥନୀତି ଆମେରିକା ସହିତ ବାଣିଜ୍ୟ ଉପରେ ନିର୍ଭରଶୀଳ ତେଣୁ ଟ୍ରମ୍ପ ବାଣିଜ୍ୟ ରାଜିନାମା କରେଇ ସେମାନଙ୍କଠାରୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାଇଥିଲେ ସୁପାରିସପତ୍ର।

ଭାରତର 'ଅପରେସନ ସିନ୍ଦୂର' ଥିଲା ପାକିସ୍ତାନରେ ଲୁଚିଥିବା ଆତଙ୍କବାଦୀଙ୍କ ବିପକ୍ଷରେ ଏକ ସଂକ୍ଷିପ୍ତ ବାୟୁସେନା କାର୍ଯ୍ୟାନୁଷ୍ଠାନ। ମେ' ମାସ ୭ ତାରିଖରୁ ମେ ୧୦ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ଅଭିଯାନର ଲକ୍ଷ୍ୟ ପୂରଣ ହେବା ପରେ ପାକିସ୍ତାନର ସାମରିକ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଭାରତୀୟ ସେନା ଦ୍ୱାରା ଯୁଦ୍ଧ ବିରତି କରାଯାଇଥିଲା। ଏହା ଦ୍ୱିପାକ୍ଷିକ ରାଜିନାମା ଥିଲା ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟକ୍ତିଗତ ଭାବରେ କିଛି ଭୂମିକା ନଥିଲା ବୋଲି ଭାରତ ସରକାରଙ୍କ ଦ୍ୱାରା କୁହାଯାଇଛି। ପାକିସ୍ତାନ ଆମେରିକା ସହିତ ବାଣିଜ୍ୟ ସୁବିଧା ପାଇବା ଲକ୍ଷ୍ୟରେ ଟ୍ରମ୍ପଙ୍କୁ ଯୁଦ୍ଧ ବିରତିର ଶ୍ରେୟ ଦେଇ ତାଙ୍କ ନାମକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେଠିକାର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସାକ୍‌ଦାର ସ୍ୱୀକାର କରିଥିଲେ ଯେ ଏହା ଦୁଇ ଦେଶର ସାମରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଥିଲା ଏକ ଦ୍ୱିପାକ୍ଷିକ ବିଷୟ।

ଆଉ ଦୁଇଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବାର ଦାବି କରିଥିଲେ ଟ୍ରମ୍ପ। ସେଗୁଡ଼ିକ ହେଲା ଇଜିପ୍ଟ ଓ ଇଥିଓପିଆ ମଧ୍ୟରେ ନୀଳ ନଦୀର ଜଳ ବଣ୍ଟନ ସମ୍ବନ୍ଧୀୟ ଏବଂ ସର୍ବିଆ ଓ କୋଶୋଭ ମଧ୍ୟରେ ସୀମା ସମ୍ବନ୍ଧୀୟ ବିବାଦ। ପ୍ରକୃତ ପକ୍ଷେ ଏହି ଦେଶମାନଙ୍କ ପରସ୍ପର ମଧ୍ୟରେ ସମସ୍ୟା ଥିଲେ ମଧ୍ୟ ସେମାନେ ଯୁଦ୍ଧ କରିନଥିଲେ। ତେଣୁ ଯୁଦ୍ଧ ବନ୍ଦ କରିବାର ପ୍ରଶ୍ନ ନଥିଲା। ତେଣୁ ଏହିସବୁ ଆଲୋଚନାରୁ ପ୍ରତୀୟମାନ ହେବା କଥା ଟ୍ରମ୍ପଙ୍କ ତଥାକଥିତ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିଥିବାର ଦାବି କେବଳ ନରୱେ ନୋବେଲ କମିଟି ଉପରେ ଚାପ ପାଇଁ ଉଦ୍ଦିଷ୍ଟ ଥିଲା। ଅନ୍ୟଥା ବିଶ୍ୱରେ ସ୍ଥାୟୀ ଶାନ୍ତି ବାହାଲ ସମ୍ଭାବନା ଅନେକ ଦୂରରେ ଅଟକି ଯାଇଥିଲା। ଅବଶ୍ୟ ବଡ଼ଭାଇ ପଣିଆ ଦେଖାଇ ଅନେକ ଛୋଟଛୋଟ ଦେଶ ସହିତ ଆମେରିକାର ସ୍ୱାର୍ଥ ଅନୁଯାୟୀ ବାଣିଜ୍ୟ ଚୁକ୍ତି କରିବାରେ ସଫଳ ହୋଇପାରିଥିଲେ ଡୋନାଲ୍ଡ ଟ୍ରମ୍ପ।

ଗଣମାଧ୍ୟମରେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ବନ୍ଦ କରିବାର ଆକର୍ଷକ ଭାଷଣ ଦେଉଥିବା ଡୋନାଲ୍ଡ ଟ୍ରମ୍ପ କାର୍ଯ୍ୟକ୍ଷେତ୍ରରେ ବିପରୀତ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ରହିଛି। ସେ ୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣାରୁ ଓହରି ଆସିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରି ଯାଇଛନ୍ତି, ଯୁଦ୍ଧାସ୍ତ୍ର ନିରସ୍ତ୍ରୀକରଣ ପାଇଁ ହୋଇଥିବା ରାଜିନାମାକୁ ଉଲ୍ଲଂଘନ କରିଛନ୍ତି, ଯାହା ବିଶ୍ୱରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ପଥ ପରିଷ୍କାର କରିଦେଇଛି। ଅଧିକନ୍ତୁ ନାଟୋର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇ ତା'ର ଭୂମିକାକୁ ପରିହାସ କରୁଥିଲା ବେଳେ ମିଳିତ ଜାତିସଂଘକୁ ନ୍ୟୂନ କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ କମାଇ ଦେଇଛନ୍ତି। ସର୍ବୋପରି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଟାରିଫ୍ ଯୁଦ୍ଧର ଆହ୍ୱାନ ଦେଇ ଅସ୍ଥିରତା ସୃଷ୍ଟି କରିଛନ୍ତି। ଭାରତ ଭଳି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଓ ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି ଏବଂ ଆମେରିକାର ଏପର୍ଯ୍ୟନ୍ତ ବନ୍ଧୁଭାବାପନ୍ନ ବିବେଚିତ ହେଉଥିବା ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ ବିଶ୍ୱ ରାଜନୀତିରେ ଜଣେ ସ୍ୱେଚ୍ଛାଚାରୀ ଅସ୍ଥିରତା ସୃଷ୍ଟିକାରୀ ବିବାଦୀୟ ବ୍ୟକ୍ତି ଭାବେ ପରିଚିତ କରାଇଛି। ତାଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ଚିତ୍ର ବିଶ୍ୱ ଐକବଦ୍ଧତା ପାଇଁ ଉଦ୍ଦିଷ୍ଟ ନ ହୋଇ ବରଂ ସେଥିରେ ବିଭେଦ ଆଣିଲା ଭଳି ପ୍ରତୀୟମାନ ହେଉଛି। ●

କଟକ, ମୋ: ୯୪୩୭୩୬୦୯୮୧

## ଭାରତରେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ

ଇଂ ମାୟାଧର ସ୍ୱାଇଁ

ପୃଥିବୀର ଅନେକ ଦେଶରେ ଅନୁମୋଦିତ ମାତ୍ରାଠାରୁ ବାୟୁ ପ୍ରଦୂଷଣ ଅଧିକ ଥିଲେ ସୁଦ୍ଧା ଭାରତରେ ଏହା ସାଙ୍ଘାତିକ ରୂପ ନେଇଛି। ଦେଶର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଅନେକ ସମୟରେ ସ୍କୁଲ ଓ କଲେଜ ବନ୍ଦ କରିବାକୁ ପଡୁଛି। ଏହାର ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ନିକଟରେ କୃତ୍ରିମ ବର୍ଷା କରିବା ପାଇଁ ଚେଷ୍ଟା କରିଥିଲେ। ପୃଥିବୀର ଅତିପ୍ରଦୂଷିତ କୋଡ଼ିଏଟି ସହର ମଧ୍ୟରେ ଭାରତର ପନ୍ଦରଟି ସହର ରହିଛି।

ବାୟୁ ପ୍ରଦୂଷଣ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ନିକଟରେ ଲାନସେଟ୍ ସଂସ୍ଥା ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ସମଗ୍ର ପୃଥିବୀରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ଭାରତର। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଓ ଲଣ୍ଡନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ପ୍ରସ୍ତୁତ କରିଥିବା ଏହି ରିପୋର୍ଟ ଅନୁଯାୟୀ ମନୁଷ୍ୟକୃତ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ପ୍ରାୟ ସତର ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏହି ସଂଖ୍ୟା ହେଉଛି ୨୦୧୦ ମସିହା ତୁଳନାରେ ୩୮ ପ୍ରତିଶତ ଅଧିକ। ତୁଳନାତ୍ମକ ଭାବେ ସମଗ୍ର ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୨୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ।



ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନର ଦହନ। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ବିଭିନ୍ନ କଳକାରଖାନାରେ କୋଇଲା ବ୍ୟବହାର ଯୋଗୁଁ ଅଧିକ ପରିମାଣରେ ବାୟୁ ପ୍ରଦୂଷଣ ହୋଇଥାଏ। ଯାନବାହନରେ ପେଟ୍ରୋଲ, ଡିଜେଲ ଆଦିର ବ୍ୟବହାରରୁ ବାୟୁମଣ୍ଡଳକୁ ପିଏମ ୨.୫ ସମେତ ଅନ୍ୟ ପ୍ରଦୂଷଣ ନିର୍ଗତ ହୋଇଥାଏ। ରାସ୍ତା ଓ କୋଠାବାଡ଼ି ନିର୍ମାଣ, ଜଙ୍ଗଲ ପୋଡ଼ି, ନଡ଼ା ପୋଡ଼ି ମଧ୍ୟ ବାୟୁପ୍ରଦୂଷଣର ଅନ୍ୟ କାରଣ। ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ ଫସଲ ଅମଳ ପରେ ଏହାର ଅବଶେଷଗୁଡ଼ିକୁ ଜାଳିଦେବା ଦ୍ୱାରା ଦିଲ୍ଲୀ ସମେତ ଆଖପାଖରେ ପ୍ରଦୂଷଣ ମାତ୍ରା ବଢୁଛି।

ଲାନସେଟ୍ ରିପୋର୍ଟ ଅନୁଯାୟୀ ଭାରତରେ ବାୟୁ ପ୍ରଦୂଷଣ ମୃତ୍ୟୁରେ କୋଇଲା ଓ ତରଳ ଗ୍ୟାସ୍ ଇନ୍ଧନ ୪୪ ପ୍ରତିଶତ ପାଇଁ ଦାୟୀ। ଏଥିଯୋଗୁଁ ବର୍ଷକୁ ୭୫୨୦୦୦ ମୃତ୍ୟୁ ଘଟୁଛି। ଯାନବାହନ ପ୍ରଦୂଷଣ ଯୋଗୁଁ ୨୬୯୦୦ ମୃତ୍ୟୁ ହେଉଛି। ୨୦୨୦-୨୦୨୪ ମସିହା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ପ୍ରଦୂଷଣ ଯୋଗୁଁ ବର୍ଷକୁ ହାରାହାରି ୧୦୨୦୦ ଲୋକଙ୍କ ମୃତ୍ୟୁ ହୋଇଛି। ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟା ଜନିତ ଓ ହୃତ୍‌ପିଣ୍ଡ ରୋଗ ହୋଇଥାଏ। ଏହା ଫୁସଫୁସରେ କର୍କଟ ରୋଗ ମଧ୍ୟ ସୃଷ୍ଟି କରିଥାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ବାୟୁ ପ୍ରଦୂଷଣ ବିଶେଷଭାବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅଧିକ କ୍ଷତି କରିଥାଏ। ଏହା ଆଲଜେମିର ଓ ପାର୍କିନସନ ଭଳି ମାନସିକ ରୋଗ ସୃଷ୍ଟି କରିଥାଏ।

ଆମ ଦେଶରେ ସମଗ୍ର ବିଦ୍ୟୁତ୍ ଉତ୍ପାଦନର ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସୁଛି। ତାପଜ ବିଦ୍ୟୁତ୍ ହେଉଛି ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ କାରଣ। ଏଣୁ ଅନ୍ତର୍ଜାତୀୟ ସ୍ତରରେ ଏହାର ପରିମାଣକୁ ହ୍ରାସ କରି ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦିଆଯାଇଛି। ଖୁସିର କଥା ଯେ ୨୦୨୫ ମସିହାର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱରେ ଅକ୍ଷୟ ଶକ୍ତିରୁ ଅଧିକ ବିଦ୍ୟୁତ୍ ଉତ୍ପାଦିତ ହୋଇଛି। ଭାରତ ସରକାର ୨୦୩୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତିର ପ୍ରତିଷ୍ଠିତ କ୍ଷମତା ୫୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପରିମାଣ ଯେତେ ଅଧିକ ହେବ ଜଳବାୟୁ ପରିବର୍ତ୍ତନ ହ୍ରାସ ହେବା ସହିତ ବାୟୁ ପ୍ରଦୂଷଣ ମଧ୍ୟ କମ ହୋଇ ପାରିବ।

ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସ ହେଉଛି ଯାନବାହନ। ଏହାର ନିରାକରଣ ପାଇଁ ବିଦ୍ୟୁତ୍‌ଚାଳିତ ଯାନର ବିକାଶ କରାଯାଇଛି। କିନ୍ତୁ ଅଧିକ ମୂଲ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଯୋଗୁଁ ଏହା ଅଧିକ ଲୋକଙ୍କୁ ଆକୃଷ୍ଟ କରିପାରିନାହିଁ। ମାତ୍ର ପ୍ରଯୁକ୍ତି ବିଦ୍ୟାର ବିକାଶ ସହିତ ଏହି ଅସୁବିଧାଗୁଡ଼ିକ କ୍ରମଶଃ ଦୂର ହୋଇପାରିବ। ୨୦୩୦ ମସିହା ପରେ ଭାରତରେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହନର ଉତ୍ପାଦନ ବନ୍ଦ କରିଦେବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ଉଦଜାନ ଇନ୍ଧନ ମଧ୍ୟ ହେଉଛି ଯାନବାହନ ପାଇଁ ଅନ୍ୟ ଏକ ବିକଳ୍ପ ଉତ୍ସ। ଏହାର ବିକାଶ ପାଇଁ ଯୋଜନା ଚାଲିଛି।

ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶୁଦ୍ଧ ଜଳ ଶୁଦ୍ଧ ବାୟୁ ଦେବା ହେଉଛି ସରକାରଙ୍କ ନୈତିକ କର୍ତ୍ତବ୍ୟ। ଏବେ ମଧ୍ୟ ଗ୍ରାମାଞ୍ଚଳରେ ଅନେକ ରୋଷେଇ ଘରେ କାଠ ଓ କୋଇଲା ଚୁଲି ବ୍ୟବହୃତ ହେଉଛି ଏବଂ ଏଥିଯୋଗୁଁ ଅନେକ ମହିଳା ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତ କେତେବର୍ଷ ଧରି ସମସ୍ତଙ୍କୁ ଗ୍ୟାସ୍ ଚୁଲା ଦେବାର ପ୍ରୟାସ ଚାଲିଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇପାରିନାହିଁ। ମୋଟାମୋଟି କହିଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଚେଷ୍ଟା ଚାଲିଛି ଏବଂ ବିଚାରାଳୟର ନିର୍ଦ୍ଦେଶ ମଧ୍ୟ ଆସୁଛି। ଲୋକମାନଙ୍କର ସୁସ୍ଥ ଜୀବନଯାପନ ପାଇଁ ଏହାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ) ●

ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## 'ଘଟକୁଦେବତା' ଭାବେ ପୂଜା ପାଆନ୍ତି ଘଟୋତ୍କଚ

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପଞ୍ଚୁପାଣ୍ଡବଙ୍କ ବନବାସ ସମୟରେ ବଳଶାଳୀ ଭୀମଙ୍କର ବିବାହ ଘଟଣାକ୍ରମେ ଅସୁରୁଣୀ ହିଡ଼ିମ୍ବାଙ୍କ ସହିତ ହୋଇଥିଲା। ସେମାନଙ୍କ ଔରସରୁ ଘଟୋତ୍କଚ ନାମକ ଅତ୍ୟନ୍ତ ବଳଶାଳୀ ପୁତ୍ରର ଜନ୍ମ ହେଲା। ଘଟୋତ୍କଚ ବଳବାନ ସହିତ ସମସ୍ତ ତନ୍ତ୍ରମନ୍ତ୍ର ଓ ମାୟାବୀ ଶକ୍ତିର ଅଧିକାରୀ ଥିଲେ। ତାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ଇନ୍ଦ୍ରଜାଲ ବିଦ୍ୟା ସିଦ୍ଧିର ବରଦାନ ମଧ୍ୟ ମିଳିଥିଲା। ତେଣୁ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। କାଳାନ୍ତରରେ ଘଟୋତ୍କଚ ଦେବତା ଭାବେ ପୂଜା ପାଇଥିଲେ।

ଭାରତର ଅନେକ ସ୍ଥାନରେ ଘଟୋତ୍କଚଙ୍କ ମନ୍ଦିର ଥିଲେ ମଧ୍ୟ ଉତ୍ତରାଖଣ୍ଡର ଚମ୍ପାବତଠାରେ ଥିବା ଘଟୋତ୍କଚ ମନ୍ଦିର ମୁଖ୍ୟ ବୋଲି କୁହାଯାଏ। ଚମ୍ପାବତଠାରୁ ମାତ୍ର ୨ କିଲୋମିଟର ଦୂର ଚମ୍ପାବତ-ତାମିଲ ମାର୍ଗସ୍ଥିତ ମଲ୍ଲୀଚୌକ୍‌ଠାରେ ଏହି ମନ୍ଦିର ଅବସ୍ଥିତ। ସ୍ଥାନୀୟ ଲୋକମାନେ ଘଟୋତ୍କଚଙ୍କୁ 'ଘଟକୁ ଦେବତା' ଭାବେ ପୂଜା କରି ଆସୁଛନ୍ତି। ତେଣୁ ମନ୍ଦିରଟି 'ଘଟକୁ ମନ୍ଦିର' ଭାବେ ପରିଚିତ। କେତେକ ଐତିହାସିକଙ୍କ ମତାନୁସାରେ ଏହି ମନ୍ଦିର ୧୭ ଶତାବ୍ଦୀରେ ଚନ୍ଦ୍ରବଂଶର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ଅମୋଘ ଶକ୍ତି ପ୍ରୟୋଗ ଫଳରେ ଘଟୋତ୍କଚଙ୍କ ଶିରଚ୍ଛେଦ ହୋଇଥିଲା। ଘଟୋତ୍କଚଙ୍କ ଶିର ଯେଉଁ ସ୍ଥାନରେ ପଡ଼ିଥିଲା, ସେଠାରେ ଏହି ମନ୍ଦିର ନିର୍ମାଣ ହୋଇଛି ବୋଲି ଜନଶ୍ରୁତି ଅଛି। ମନ୍ଦିର ନିକଟରେ ଗୋଟିଏ ନୌଳା ଅର୍ଥାତ୍ ଛୋଟ କୁଣ୍ଡ ଅଛି, ଯାହା ଭିତରକୁ ପୂଜାରୀ ହାତ ବଢ଼ାଇଲେ କେଶ ଭଳି ଅନୁଭବ ହୋଇଥାଏ। ଏହି କୁଣ୍ଡର ଆଉ ଏକ ଅଲୌକିକତା ହେଉଛି, ଏଥିରେ ଯେତେ ପାଣି ଭର୍ତ୍ତି କଲେ ମଧ୍ୟ ଏହା ପୂର୍ଣ୍ଣ ହୁଏନାହିଁ। କିନ୍ତୁ ବର୍ଷା ହେବାର ପୂର୍ବ ସୂଚନା ଭାବେ ଏହି କୁଣ୍ଡରେ ପାଣି ଆପେ ଆପେ ଭରିଯାଇ ବାହାରକୁ ବୋହି ଚାଲେ। ଏହି ମନ୍ଦିର ନିକଟରେ ମାତା ହିଡ଼ିମ୍ବାଙ୍କ ଏକ ମନ୍ଦିର ମଧ୍ୟ ଅଛି।

ଅନ୍ୟ ଏକ ଲୋକକଥା ରହିଛି ଯେ, ଘଟୋତ୍କଚଙ୍କ ଶିର ଯେଉଁଠି ପଡ଼ିଥିଲା, ସେଠାରେ ଗୋଟିଏ ବିଶାଳ ଜଳାଶୟ ସୃଷ୍ଟି ହୋଇଥିଲା। ଯୁଦ୍ଧ ପରେ ପଞ୍ଚୁପାଣ୍ଡବ ଘଟୋତ୍କଚଙ୍କ ଛିନ୍ନଶିର ସନ୍ଧାନ କରିଥିଲେ ମଧ୍ୟ ସଫଳ ହେଲେ ନାହିଁ। ପରବର୍ତ୍ତି ସମୟରେ ଘଟୋତ୍କଚ ସ୍ୱପ୍ନରେ ଦେଇଥିବା ସୂଚନା ଅନୁଯାୟୀ ଭୀମ ଉକ୍ତ ସ୍ଥାନକୁ ଯାଇଥିଲେ। ସେ ସେଠାରେ ପ୍ରଥମେ ଭଗବତୀ ଅଖିଳତାରିଣୀଙ୍କୁ ସୁମରଣା କରି ଗଦା ଦ୍ୱାରା ଜଳାଶୟର କୂଳକୁ ପ୍ରହାର କଲେ। ଜଳ ନିଷ୍କାସିତ ହେବା ପରେ ଘଟୋତ୍କଚଙ୍କ ଶିରକୁ ଉଦ୍ଧାର କରି ସେଠାରେ ଶ୍ରାଦ୍ଧ କର୍ମ କରିଥିଲେ। ଭୀମ ଯେଉଁଠି ଶ୍ରାଦ୍ଧ କରିଥିଲେ, ସେହି ଯଜ୍ଞକୁଣ୍ଡ, ଦୀପ ଓ ଶ୍ରାଦ୍ଧସ୍ଥାନ ଆଜି ମଧ୍ୟ ସେଠାରେ ପଥରଖଣ୍ଡ ଆକାରରେ ରହିଛି। ଯେଉଁ ଶିଳା ଉପରେ ଭୀମ ଶ୍ରାଦ୍ଧକର୍ମ କରିଥିଲେ, ତାହାକୁ ବର୍ତ୍ତମାନ 'ଧର୍ମଶିଳା' ଭାବେ ପୂଜା କରାଯାଉଛି। ବିଭିନ୍ନ ପର୍ବପର୍ବାଣୀରେ ଏହି ଶିଳା ଉପରେ ସ୍ନାନ କଲେ ଅଶେଷ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି।

ମନାଲିଠାରେ ହିଡ଼ିମ୍ବା ମନ୍ଦିର ନିକଟରେ ଘଟୋତ୍କଚ ଗୋଟିଏ ବିଶାଳ ବୃକ୍ଷ ରୂପରେ ପୂଜା ପାଉଛନ୍ତି। ତେଣୁ ଏହି ମନ୍ଦିରକୁ 'ଘଟୋତ୍କଚ ବୃକ୍ଷ ମନ୍ଦିର' ବୋଲି କୁହାଯାଉଛି। ଏହି ବିଶାଳ ବୃକ୍ଷ ଅନେକ ରହସ୍ୟରେ ପରିପୂର୍ଣ୍ଣ। ବୃକ୍ଷର ଗଣ୍ଡିରେ ଅଗଣିତ ଶିଂଘ (ମଇଁଷି ଶିଂଘ ଭଳି) ଲାଗିରହିଛି। ଏହା କିଭଳି ଓ କାହିଁକି ରହିଛି, ସେ ସମ୍ପର୍କରେ ପ୍ରାୟ ସମସ୍ତେ ଅଜ୍ଞ। ଏହାବ୍ୟତୀତ ବୃକ୍ଷ ଚାରିପଟେ ଲୌହନିର୍ମିତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ କୁହନ୍ତି ଯେ, ଘଟୋତ୍କଚ ଜଣେ ବୀର ହୋଇଥିବାରୁ ଲୋକମାନେ ମାନସିକ ପୂରଣ ପାଇଁ ତାଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଭେଟି ଦେଉଥିଲେ। କାଳକ୍ରମେ ଏହା ଏକ ପରମ୍ପରାରେ ପରିଣତ ହୋଇଛି ଏବଂ ଏବେ ମଧ୍ୟ ଅନେକ ଲୋକ ଲୌହନିର୍ମିତ ଧାରୁଆ ଅସ୍ତ୍ରଶସ୍ତ୍ର ଏଠାରେ ଅର୍ପଣ କରୁଛନ୍ତି। ଅନ୍ୟମତରେ ଶତାଧିକ ବର୍ଷ ପୂର୍ବରୁ ଘଟୋତ୍କଚ ମନ୍ଦିରରେ ବଳି ପ୍ରଥାର ପ୍ରଚଳନ ଥିଲା। ଲୋକମାନେ ଘଟୋତ୍କଚଙ୍କୁ ପ୍ରସନ୍ନ କରି ମାନସିକ ପୂରଣ କରିବା ପାଇଁ ପଶୁମାନଙ୍କୁ ବଳି ଦେଉଥିଲେ ଏବଂ ସେଥିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେଠାରେ ରଖି ଦେଇ ଆସୁଥିଲେ।

ଇଣ୍ଡୋନେସିଆରେ ମଧ୍ୟ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜା କରାଯିବା ସହିତ ତାଙ୍କୁ 'ସାତ୍ରିଆ ଓଟୋଟ କାବତ ବାଲୁଙ୍ଗ ୱେସି'ର ଉପନାମ ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଉଛି 'ଶକ୍ତ ତାରର ମାଂସପେଶୀ ଓ ଲୁହାର ହାଡ଼ଯୁକ୍ତ ମହାନ ବଳଶାଳୀ ଯୋଦ୍ଧା'। ଜାଭାନିସ୍ ଓ ବାଲିର ଲୋକମାନେ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜିବା ସହିତ ବିଭିନ୍ନ ପାରମ୍ପରିକ କଳାକୃତିରେ ମଧ୍ୟ ଘଟୋତ୍କଚଙ୍କୁ ରୂପ ଦେଇଥା'ନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମାତ୍ରାଧିକ ମୂଲ୍ୟ ବୃଦ୍ଧି

# ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ

### ପୁଣି ସଂଶୋଧିତ ଏସ୍ଓପି ଜାରି କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ, ୬।୧୧(ସମିସ): ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ। ମାତ୍ରାଧିକ ମୂଲ୍ୟବୃଦ୍ଧି ଯୋଗୁଁ ଶ୍ରଦ୍ଧାଳୁ ଏହାକୁ କିଣିବାକ ପଛଘୁଞ୍ଚା ଦେଉଛନ୍ତି। ୨୦୨୩ ମସିହାରେ ଗୋଟିଏ ଚକ (ଯେକୌଣସି ରଥ)ର ଦର ରହିଥିଲା ୫୦ ହଜାର ଟଙ୍କା। ସେହିପରି ପ୍ରଭାଗୁଡ଼ିକର ଦର ଥିଲା ୨୫ହଜାର ଟଙ୍କା। ଅଂଶୁଆରୀ



ଓ କୋଣଗୁଜର ଦର ରହିଥିଲା ଗୋଟା ପ୍ରତି ୧୦ ହଜାର ଟଙ୍କା। କିନ୍ତୁ ଏବର୍ଷ ଏହା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ ରଥଯାତ୍ରା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ଜୁନ୍‌ରେ ଜାରି ଏସ୍ଓପି ଅନୁଯାୟୀ, ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦେଢ଼ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଥିଲା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ଦାମ୍ ୧୫ହଜାର ଟଙ୍କା, ପ୍ରଭା ପିଛା ୨୫ହଜାର ଟଙ୍କା ରହିଥିଲା। ଯଦି କେହି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ ନିଅନ୍ତି, ତେବେ ୬ ଲକ୍ଷ ଟଙ୍କା ଦେବାକୁ ସ୍ଥିର କରାଯାଇଥିଲା। ଏହି ଆବେଦନର ଶେଷ ତାରିଖ ଗତ ସେପ୍ଟେମ୍ବର ୧୫ତାରିଖ ରହିଥିଲା। ହେଲେ ଚକଗୁଡ଼ିକର ଦାମ୍ ଏତେ ଅଧିକ ଥିବାରୁ କିଣିବାକୁ କେହି ଆଗ୍ରହ ଦେଖାଉନାହାନ୍ତି।

ତେଣୁ ପୁଣିଥରେ ସଂଶୋଧିତ ଏସ୍ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଦର ପ୍ରାୟ ସମାନ ଥିବା ବେଳେ କେବଳ ଆବେଦନର ତାରିଖ ବୃଦ୍ଧି କରାଯାଇ ନଭେମ୍ବର ୧୦ତାରିଖ ରଖାଯାଇଛି। ଆବେଦନର ଶେଷ ତାରିଖ ପର ୧୫ ଦିନ ଭିତରେ ରଥ ଉପକରଣଗୁଡ଼ିକ ଦିଆଯିବା ନେଇ ଏସ୍ଓପିରେ ସୂଚନା ଦିଆଯାଇଛି।

ଚକଗୁଡ଼ିକର ମାତ୍ରାଧିକ ଦରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ ଓ ସେବାୟତ। ଏହାଦ୍ୱାରା ଚକଗୁଡ଼ିକ ନେବାକୁ ବିଭିନ୍ନ ଧର୍ମପୀଠ ଅସାମର୍ଥ୍ୟ ପ୍ରକାଶ କରୁଛନ୍ତି। ଏଣୁ, ମୂଲ୍ୟକୁ ନେଇ ପୁନର୍ବାର ବିଚାର କରିବାର ଆବଶ୍ୟକତା ରହିଛି। ମହାପ୍ରଭୁଙ୍କ ମହିମା ଓ ଗରିମାକୁ ନେଇ ଚକ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାକୁ ବଜାୟ ରଖିବା ପାଇଁ ସେବାୟତ ମତ ଦେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ସହ ଅଙ୍ଗାଙ୍ଗୀ ଜଡ଼ିତ ଧର୍ମସ୍ଥଳୀକୁ ମାଗଣାରେ ପ୍ରଦାନ କରାଯାଉ ବୋଲି ଦାବି ରଖିଛନ୍ତି। ପୁରୀର ଅନେକ ମନ୍ଦିର ରହିଛି, ଯାହା ମହାପ୍ରଭୁଙ୍କ ରୀତିନୀତି ସହ ସମ୍ପୃକ୍ତ। ସେହି ମନ୍ଦିରକୁ ଅଗ୍ରାଧିକାର ଭିତ୍ତିରେ ନିଃଶୁଳ୍କ ଚକ ଯୋଗାଇ ଦିଆଯିବା ଦରକାର। ଫଳରେ ଚକଗୁଡ଼ିକର ପବିତ୍ରତା ରକ୍ଷା ସହିତ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ଯୁକ୍ତି ବାଢ଼ିଛନ୍ତି।

# ନବୀନଙ୍କ ନିର୍ବାଚନୀ ସଭା ଭଣ୍ଡୁର କରିବାକୁ ବିଜେପି ଚକ୍ରାନ୍ତ କରୁଛି: ବିଜେଡି

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ନୂଆପଡ଼ା ଓ ଖରିଆର ରୋଡ୍‌ରେ ରୋଡ୍ ସୋ' କରିବେ ଏବଂ ଏକ ନିର୍ବାଚନ ସଭାକୁ ସମ୍ବୋଧନ କରିବେ। କିନ୍ତୁ ଏହି



- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲା ବିଜେଡି
- ନବୀନଙ୍କ ପ୍ରଚାର ବେଳେ ବିଜେପି କର୍ମୀ ବିଶୃଙ୍ଖଳା କରିବା ନେଇ ଆଶଙ୍କା
- ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି

ରୋଡ୍ ସୋ' ଓ ନିର୍ବାଚନୀ ସଭାକୁ ଭଣ୍ଡୁର କରିବା ପାଇଁ ବିଜେପି ଚକ୍ରାନ୍ତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ବିଜେପିର ଆଜି ଆୟୋଜିତ ନିର୍ବାଚନ ସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ବିଜେଡିର ଏକ ପ୍ରତିନଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ରାଜ୍ୟସଭା ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ସୁଲତା ଦେଓ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଆସନ୍ତା ଶୁକ୍ରବାର ଦଳର ସଭାପତି ନବୀନପଟ୍ଟନାୟକଙ୍କ ନିର୍ବାଚନୀସଭା ଓ ରୋଡ୍ ସୋ'କୁ ଭଣ୍ଡୁର କରିବା ପାଇଁ ବିଜେପି ନେତା ଓ କର୍ମୀମାନେ ଚକ୍ରାନ୍ତ କରୁଛନ୍ତି। ରୋଡ୍ ସୋ'ରେ ବିଶୃଙ୍ଖଳା କରିବା, ପଥରମାଡ଼ କରିବା ଓ ଉତ୍ତେଜନା ସୃଷ୍ଟି କରିବା ପାଇଁ ଯୋଜନା କରୁଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ବିଜେଡି ଅଭିଯୋଗ କରିଛି। ଆସନ୍ତାକାଲି ହେବାକୁ ଥିବା ନିର୍ବାଚନୀସଭା ଓ ରୋଡ୍ ସୋ'କୁ ଶୃଙ୍ଖଳିତ ତଥା ନିରାପଦ ଭାବେ ଆୟୋଜନ କରିବା ଏବଂ ବିରୋଧୀ ଦଳ ନେତାଙ୍କ ସୁରକ୍ଷାର ସମସ୍ତ ବ୍ୟବସ୍ଥା କରିବା ପାଇଁ ବିଜେଡି ପ୍ରତିନିଧିଦଳ ଏକ ସ୍ମାରକପତ୍ର ଦେଇ ଅନୁରୋଧ କରିଛନ୍ତି। ଅନ୍ୟପଟେ ଆଜି ଆୟୋଜିତ ବିଜେପିର ବିଭିନ୍ନ ସାଧାରଣ ସଭା ପାଇଁ ନୂଆପଡ଼ାରେ ଟ୍ରାଫିକ୍ ବିଶୃଙ୍ଖଳା, ବେଆଇନ ଭାବେ ରାସ୍ତା ଅବରୋଧ କରି ବିଜେପି ଖୋଲାଖୋଲି ଭାବେ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ କରିଛି। ଏହି ସମସ୍ତ ନିର୍ବାଚନ ସଭା ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବୋଧିତ ହୋଇଥିବାରୁ ଆଚରଣ ବିଧିର ଉଲ୍ଲଂଘନକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଜ୍ୟୋସ୍ନା ପରିଡ଼ା, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ଉପକୂଳ ଓ ରେଳବାଇ ସୁରକ୍ଷା ଭିତ୍ତିଭୂମିର ଆଧୁନିକୀକରଣ ଯୋଜନା

# ଉପକୂଳ ସୁରକ୍ଷା ପାଇଁ ବ୍ୟୟ ହେବ ୧୪୯.୯୫ କୋଟି

ଭୁବନେଶ୍ୱର,୬।୧୧(ସମିସ): ଉପକୂଳ ସୁରକ୍ଷା ନିମନ୍ତେ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଖୁବ ଶୀଘ୍ର ରିୟଲ୍-ଟାଇମ୍ ସର୍ଭେଲାନ୍ସ ପାଇଁ ଏକ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ଗଠନ କରାଯିବ ବୋଲି ପୁଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି। ଭୁବନେଶ୍ୱର ପୁଲିସ ଭବନଠାରେ ପୁଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ

- ୧୫ ଜିଆର୍‌ପିଏସ୍‌ରେ ହେବ ସିସିଟିଭି ମନିଟରିଂ ସେଣ୍ଟର
- ଗଠନ ହେବ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର

ଦକ୍ଷତା ବୃଦ୍ଧି କର୍ମଶାଳାଯୋଗ ଦେଇ ସେ କହିଛନ୍ତି ଯେ ୩୨ଟି ମାଛ ଧରା ବନ୍ଦର ଓ ଫିଶିଂ ହାର୍ବର୍‌କୁ ସିସିଟିଭି ସିଷ୍ଟମ୍‌ରେ ଆବୃତ କରିବା ପାଇଁ କାମ ଚାଲିଛି। ଏହା ସହିତ ନୂଆ ନୌକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳବାଇ ପୁଲିସକୁ ଅଧିକ ଆଧୁନିକୀକରଣ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀ ଖୁରାନିଆ ଅଧିକାରୀମାନଙ୍କୁ ନିଜ ଦକ୍ଷତାକୁ ନିରନ୍ତର ଅପଡେଟ୍ ରଖିବା ସହ ନୂଆ ଚାଲେଞ୍ଜ ସମ୍ପର୍କରେ ସବୁବେଳେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଏହି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯.୯୫ କୋଟି ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ଏହା ସହ ସମସ୍ତ ୧୫ଟି ଜିଆର୍‌ପିଏସ୍‌ରେ ସିସିଟିଭି ମନିଟରିଂ ସେଣ୍ଟର ସ୍ଥାପନ ପାଇଁ ମଧ୍ୟ ଅର୍ଥ ଅନୁମୋଦନ ହୋଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି।

ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗ ଦେଇ ଅର୍ନ୍ତଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗୁଜୁରାଟର ଅବସରପ୍ରାପ୍ତ ଡିଜିପି ଡା. କେଶବ କୁମାର ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ବିଷୟରେ ଆଲୋଚନା କରି ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହାସହ ରେଳବାଇ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଆଇଜିପି ଆର୍‌ପିଏଫ୍ ଅଲୋକ ବୋହରା ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି (ରେଳବାଇ ଓ ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୮୪ତମ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ

# ଆଜି ଉଦ୍‌ଘାଟନ କରିବେ ଗଡ଼କରୀ

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ୮୪ତମ ଇଣ୍ଡିଆନ ରୋଡ କଂଗ୍ରେସ(ଆଇଆରସି)କୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଉଦ୍‌ଘାଟନ କରିବେ। ୨୦୧୫ ପରେ ପୁଣି ଏକ ଦଶନ୍ଧି ବ୍ୟବଧାନରେ ଓଡ଼ିଶା ଆଇଆର୍‌ସି ଆୟୋଜନ କରିବାକୁ ଯାଉଛି। ସଡ଼କ ଭିତ୍ତିଭୂମିକୁ ନେଇ ଏହି ବୃହତ୍ ସମ୍ମିଳନୀ ବିଶେଷଜ୍ଞ ଓ ଯନ୍ତ୍ରୀଙ୍କ ମଧ୍ୟରେ

- ଯୋଗଦେବେ ୩୫୦୦ ପ୍ରତିନିଧି
- ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ଲକ୍ଷ୍ୟ
- ଷ୍ଟଲ୍‌ରେ ପ୍ରଦର୍ଶିତ ହେବ ସଡ଼କ ନିର୍ମାଣର ଅତ୍ୟାଧୁନିକ ଜ୍ଞାନକୌଶଳ

ଜ୍ଞାନ ଆଦାନପ୍ରଦାନର ସେତୁ ପାଲଟିବ ବୋଲି ଗୁରୁବାର ଜନତା ମଇଦାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଇଆ୍‌ସି ସଂପର୍କରେ ବିସ୍ତୃତ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ। ସମଗ୍ର ଭାରତରେ ସଡ଼କ ଭିତ୍ତିଭୂମିର ବିକାଶ ତଥା ଏ ନେଇ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଆଇଆର୍‌ସି ଭଳି ଜାତୀୟ ସମ୍ମିଳନୀ ଆୟୋଜନ ହେଉଛି। ଏହି ସମ୍ମିଳନୀ ଇଞ୍ଜିନିୟର, ନୀତି ନିର୍ଦ୍ଧାରକ, ଗବେଷକ, ଶିଳ୍ପ ବୃତ୍ତିଗତ ଏବଂ ଶିକ୍ଷାବିତ୍‌ଙ୍କ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ ରହିଛି 'ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା ଏବଂ




ନୀତିରେ ପ୍ରମୁଖ ଉନ୍ନତି'। ଆଇଆର୍‌ସି ଦେଶର ସଡକ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃତ୍ତିଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ଏଥିରେ ସଂଶ୍ଳିଷ୍ଟ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରୋତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ ବିଭାଗ ପ୍ରମୁଖ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ (ଆଇଏଏସ୍), ସ୍ଥାନୀୟ ସଂଚାଳକ ଇଂ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟମ୍‌ଟା, ହର୍ଷ ମଲହୋତ୍ରା, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ତ୍ତ ମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ। ଉଦ୍‌ଘାଟନୀ ସମାରୋହ ପରେ ଆଇଆର୍‌ସିର ୨୩୫ତମ କାଉନସିଲ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଆଇଆଇଟି, ଏନ୍‌ଆଇଟି, ଇଂଜିନିୟରିଂ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ବୈଜ୍ଞାନିକ ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସଂଗଠନର ଅଧିକାରୀଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହେବ। ଠିକାଦାର, ପରାମର୍ଶଦାତା ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନ୍ୟ ଗୋଟିଏ ବୈଷୟିକ ଅଧିବେଶନ ଆୟୋଜିତ ହେବ ବୋଲି ଜଣାପଡ଼ିଛି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

By virtue of an affidavit sworn before Executive Magistrate, Kujang, dated 06-11-2025 I, **RASHMIREKHA SAHOO,** W/o Ganeswar Sahoo Permanent resident- At- Talapada (Bhaliapatana), Po- Rahama, Ps- Tritol, Dist- Jagatsinghpur, PIN- 754140, State- Odisha declare that I have changed the name of my daughter's from **DIBYANISHA SAHOO** (Old name) to **DIBYA ANISHA SAHOO** (New name), Henceforth, she shall be known as **DIBYA ANISHA SAHOO** for all purposes.

Sd-( **RASHMIREKHA SAHOO**)

**AFFIDAVIT**

I, Golekha Chandra Swain, aged about 65 years, S/o- Late Netrananda Swain, resident of Vill: Sundarkani, PO: Japabhuan, PS: Erasama, Dist: Jagatsinghpur, PIN: 754139, Odisha declared by this affidavit No. 4780, dtd- 01/11/2025 that now onwards I shall be known as **GOLEKHA SWAIN** for all future purposes.

**AFFIDAVIT**

By virtue of an affidavit No.2669 sworn before the Executive Magistrate, Champua on dtd- 06/11/2025. I, **Bhupendra Kumar Mishra,** S/o- Krushna Chandra Mishra, permanent resident of Vill- Bdnpur Sasan, Champua, Po/Ps- Champua, Dist-Keonjhar, Odisha, Pin- 758041. I have changed my minor daughter's name from **Susree Arpita Mishra** (old name) to **Arpita Mishra** (new name). Henceforth, she shall be known as **ARPITA MISHRA** (new name) for all future purposes.

**Bhupendra Kumar Mishra**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୩ ବର୍ଷରେ...

କରିଛନ୍ତି ଗରିବ ଓ ସଂଖ୍ୟାଲଘୁ ସଂପ୍ରଦାୟ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଇତିମଧ୍ୟରେ କେତେକ ବିଜେପି ନେତା ଦୁଇଟି ରାଜ୍ୟରେ ମତଦାନ କରୁଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଆର୍‌ଏସ୍‌ଏସ୍ ନେତା ତଥା ରାଜ୍ୟସଭା ସାଂସଦ ରାକେଶ ସିହ୍ନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଗତ ଫେବୃଆରୀରେ ଦିଲ୍ଲୀ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ସିହ୍ନା ଭୋଟ୍ ଦେଇଥିବା ବେଳେ ଆଜି ପୁଣି ବିହାର ବିଧାନସଭା ନିର୍ବାଚନରେ ମତଦାନ କରିଛନ୍ତି। ସିହ୍ନା ନିଜେ ସେୟାର କରିଥିବା ଫଟୋକୁ ଆଜି କଂଗ୍ରେସ ଦେଖାଇଛି। କଂଗ୍ରେସ କହିଛି ଯେ ଦିଲ୍ଲୀରେ ମତଦାନ କରିଥିବା ସିହ୍ନା ବିହାରରେ କେମିତି ମତଦାନ କଲେ। କେବଳ ସିହ୍ନା ନୁହେଁ, ବିଜେପିର ଆଉ କେତେକ ନେତା ମଧ୍ୟ ଏଭଳି ମତଦାନ କରିଥିବା କଂଗ୍ରେସ କହିଛି। ଏହା ଭୋଟଚୋରି ନୁହେଁ ତ ଆଉ କ'ଣ ବୋଲି ପ୍ରଶ୍ନ କରିଛି କଂଗ୍ରେସ।

### ବେତନ ଓ ପେନ୍‌ସନରେ...

୨୦୨୫-୨୬ରେ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱ ଆୟର ୫୦ ପ୍ରତିଶତ ଅର୍ଥ ଦରମା, ପେନସନ ଏବଂ ସୁଧ ଦେୟ ପାଇଁ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ, କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୭୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନେକ ରାଜ୍ୟକୁ ତୁରନ୍ତ ଖର୍ଚ୍ଚ ପାଇଁ ମଧ୍ୟ ଋଣ ନେବାକୁ ବାଧ କରିଛି। ଏହା ଫଳରେ ମୋଟ ଋଣ ଜିଡିପିର ୨୭.୫ ପ୍ରତିଶତରେ ପହଞ୍ଚିଛି, ଯାହା ସୁପାରିଶ କରାଯାଇଥିବା ୨୦ ପ୍ରତିଶତ ସୀମାଠାରୁ ବହୁତ ଅଧିକ। ଏହା ରାଜ୍ୟଗୁଡିକର ଋଣ ବାବଦ ସୁଧ ପୈଠ ପରିମାଣ ବୃଦ୍ଧି କରିଛି, ଯାହା ଆର୍ଥିକବର୍ଷ ୨୦୨୪ରେ ରାଜସ୍ୱ ପ୍ରାପ୍ତିର ୧୩ ପ୍ରତିଶତ ଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଯୋଗୁଁ ନିରନ୍ତର ସ୍ଥାନାନ୍ତର ହ୍ରାସ ରାଜ୍ୟଗୁଡ଼ିକର ଖର୍ଚ୍ଚ ସ୍ୱାୟତ୍ତତାକୁ ଆହୁରି ହ୍ରାସ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିକଟରେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଏକ କର୍ମଶାଳାରେ କେନ୍ଦ୍ରଅର୍ଥମନ୍ତ୍ରୀ ଅନେକ ରାଜ୍ୟ ସେମାନଙ୍କ ଆୟର ପ୍ରାୟ ୭୦ ପ୍ରତିଶତ ଦରମା ଏବଂ ପେନସନରେ ଖର୍ଚ୍ଚ କରୁଛନ୍ତି, କେବଳ ୩୦ ପ୍ରତିଶତ ବିକାଶ ଆବଶ୍ୟକତା ରହୁଥିବା ଉଲ୍ଲେଖ କରି ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହିଳାଙ୍କ ପାଇଁ ନିରନ୍ତର ନଗଦ ହସ୍ତାନ୍ତର (ୟୁସିଟି) ଯୋଜନାର ପ୍ରସାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଛି। ୨୦୨୩ ମାତ୍ର ୨ଟି ରାଜ୍ୟ ମହିଳାଙ୍କୁ ମାଗଣା ସହାୟତା ଯୋଜନା ପ୍ରଚଳନ କରିଥିବାବେଳେ ଏବେ ଏହା ୧୨ଟି ରାଜ୍ୟରେ ପ୍ରଚଳିତ ହେଉଛି। ଏଥିପାଇଁ ଏହି ରାଜ୍ୟଗୁଡ଼ିକ ଗୋଟିଏ ବର୍ଷରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହା ଫଳରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ବୃଦ୍ଧି କରିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

### ଉତ୍ତରାଖଣ୍ଡରେ ରାୟଗଡ଼ା...

ବାନ୍ଧି ନଦୀରେ ଫିଙ୍ଗି ଦେଇଥିଲା। ଅପରପକ୍ଷେ, ପୁଲିସ ସୃଷ୍ଟିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରୁଦ୍ରପୁର ମେଡିକାଲକୁ ପଠାଇଛି।

ସୂଚନା ଅନୁଯାୟୀ, ସୃଷ୍ଟି ଉତ୍ତରାଖଣ୍ଡର ଲାଲପୁରସ୍ଥିତ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀରେ ୬ ମାସ ହେଲା ଇଣ୍ଟର୍ଣ୍ଣସିପ୍ କରୁଥିଲେ। ସେ ଲାଲପୁରର ଭାରତୀୟମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପଛରେ କାମେଶ୍ୱର ସିଂହଙ୍କ ଘରେ ଏକ କୋଠରି ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଅପରାହ୍ନରୁ ସୃଷ୍ଟିଙ୍କ ଫୋନ ବନ୍ଦ ରହିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ତେଣୁ ପରେ ବାଧ ହୋଇ ସେ ଭଡ଼ାରେ ରହୁଥିବା ଘରର ମାଲିକ ଓ ତାଙ୍କ ପୁଅ ଅମିତଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ସେମାନେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ପରେ ସୃଷ୍ଟିଙ୍କ ସମ୍ପର୍କୀୟ ଭାଇ ଅମୃତ କୁମାର ତାଙ୍କ ବନ୍ଧୁ ସୂରଜ ଏବଂ ମନୀଷଙ୍କ ସହ ଲାଲପୁରଠାରେ ପହଞ୍ଚିଥିଲେ। ସେ ଲାଲପୁର ପୁଲିସ ଷ୍ଟେସନରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ।

ପୁଲିସ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ସେମାନେ କାମେଶ୍ୱର ସିଂହଙ୍କ ଘର ବିପରୀତରେ ଥିବା ପୂର୍ବତନ ଜିଲ୍ଲା ପଞ୍ଚାୟତ ସଦସ୍ୟ ରଞ୍ଜିତ ସିଂହଙ୍କ ଘରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଘର ମାଲିକଙ୍କ ପୁଅ ଅମିତ କୁମାରଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନଙ୍କର ସନ୍ଦେହ ହେବାରୁ ପୁଲିସକୁ କହିଥିଲେ। ପୁଲିସ ଘର ମାଲିକଙ୍କ ପୁଅକୁ ପଚରାଉଚରା କରିବା ପରେ ଏହି ହତ୍ୟାକାଣ୍ଡ ଉପରୁ ପରଦା ଉଠିଥିଲା। ପୁଲିସ ଅମିତଙ୍କୁ ପଚରାଉଚରା ପରେ ସେ ହିଁ ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ସୃଷ୍ଟିଙ୍କ ମୃତଦେହକୁ ଏକ ଚାଦରରେ ଗୁଡ଼ାଇ ସେଥିରେ ପଥର ବାନ୍ଧି ବାଡୋର ନଦୀରେ ଫିଙ୍ଗି ଦେଇଥିବା କହିଥିଲେ। ଏହି ସୂଚନା ପାଇବା ପରେ ପୁଲିସ ଆଜି ଅପରାହ୍ନରେ ନଦୀରୁ ମୃତଦେହ ଉଦ୍ଧାର କରିଛି। ତେବେ ହତ୍ୟାକାଣ୍ଡର କାରଣ ସଂପର୍କରେ ଜଣାପଡ଼ିନାହିଁ।

## ନୂଆପଡ଼ା ପାଇଁ କଂଗ୍ରେସର ଇସ୍ତାହାର ପ୍ରକାଶ

# ନ୍ୟାୟ ଓ ବିକାଶ ପାଇଁ ମୃତ୍ୟୁ ମଧ୍ୟ ଗ୍ରହଣୀୟ: ଘାସିରାମ

ନୂଆପଡ଼ା/ଭୁବନେଶ୍ୱର,୫।୧୧(ସମିସ): ନଆପଡ଼ା ଉପନିର୍ବାଚନରେ ଲୋକଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ପାଇଁ ଦଳ ଇସ୍ତାହାର ଜାରି କରିଛି। ନୂଆପଡାସ୍ଥିତ ଖୁଣ୍ଟିଆ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଓ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି ଇସ୍ତାହାର ଜାରି ହୋଇଛି। ଇସ୍ତାହାର ଚାରିଟି ପର୍ଯ୍ୟାୟକୁ ନେଇ



ଘୋଷଣା ହୋଇଛି। ମୁଖ୍ୟତଃ କଂଗ୍ରେସର ଅବଦାନ, ବିଜେଡି-ବିଜେପି, ମାଟିର ପୁଅ ଘାସିରାମ, ପ୍ରତିକାର ଲୋଡ଼ା ଆଦିରେ ବିଭକ୍ତ କରାଯାଇଛି।

ଏଥିରେ ଆଗାମୀ ଦିନରେ ଦଳର କଣ ସବୁ ବିକାଶମୂଳକ କାର୍ଯ୍ୟକ୍ରମ ଏଜେଣ୍ଡା ରହିଛି, ତାହା ଦର୍ଶାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସରକାର ସୃଷ୍ଟି କରୁଥିବା ଅଚଳବସ୍ଥାକୁ ସୁଧାରି ଏସବୁ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରିବା ଆଦି ବିଷୟରେ କୁହାଯାଇଛି। ସେହିପରି ବିଜେପି ସରକାର କିଭଳି ପ୍ରତ୍ୟେକ ଦିନ କଞ୍ଚା ମିଛ କହୁଛନ୍ତି ଏସବୁ ବିଷୟ ଲୋକଙ୍କ ଗୋଚରାର୍ଥେ ଏଥରେ ତଥ୍ୟ ପ୍ରଦାନ କରାଯାଇଛି। କଂଗ୍ରେସ ପ୍ରାର୍ଥୀ ଶ୍ରୀ ମାଝୀ କିଭଳି ବିଗତ ୪୦ ବର୍ଷଧରି ଜନତାଙ୍କ ସେବାରେ ଅବିରାମ ସଂଘର୍ଷ କରି ଲୋକଙ୍କ ସୁଖ ଦୁଃଖର ସାଥୀ ହୋଇ ପାରିଛନ୍ତି ଆଲୋଚନା କରାଯାଇଛି। କଂଗ୍ରେସ ଦଳ ଓ ଦଳର ନେତୃବୃନ୍ଦ ନୂଆପଡା ବିକାଶକୁ ନେଇ କେତେ ଗମ୍ଭୀର ତାହା ଏଥିରେ ଦର୍ଶାଇବା ପାଇଁ ଦଳ ଚେଷ୍ଟା କରିଛି।

ଶ୍ରୀ ମାଝୀ କହିଛନ୍ତି ଯେ ଦୀର୍ଘ ୪୦ ବର୍ଷର ରାଜନୈତିକ ଜୀବନକୁ ଲୋକେ ଅତି ନିକଟରୁ ଦେଖି ଆସିଛନ୍ତି। ଲୋକଙ୍କ ଅଧିକାର ପାଇଁ ସାଲିସବିହୀନ ସଂଗ୍ରାମ କରି ଆସିଛି। ଲୋଭ ବା ଲାଭର ବଶବର୍ତ୍ତୀ ହୋଇନାହିଁ। ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୋର ଲଢେଇ ଜାରି ରହିବ। ଏହି ଉପନିର୍ବାଚନରେ ଆପଣଙ୍କ ଆଶୀର୍ବାଦ ମୋର ଲଢେଇକୁ ଆହୁରି ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସି କୋଷାଧକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଡ ଲଲାଟେନ୍ଦୁ ମହାପାତ୍ର, ବିଧାୟକ ସି ଏସ ରାଜେନ୍ ଏକ୍କା, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ପଞ୍ଜୀକରଣରେ ଅବହେଳା ପାଇଁ ଡିଲରଙ୍କୁ ୧ଲକ୍ଷ ଟଙ୍କା ଜରିମାନା

# ଗାଡ଼ି ମାଲିକଙ୍କୁ ପଇଠ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୬।୧୧(ସମିସ): ଟ୍ରାକ୍ଟର୍ ବିକ୍ରି ପରେ ଏହାର ପଞ୍ଜୀକରଣରେ ଅବହେଳା ଜଣେ ଡିଲରଙ୍କୁ ମହଙ୍ଗା ପଡ଼ିଛି। ଏଥିପାଇଁ ବାଲେଶ୍ୱର ଅଞ୍ଚଳର ସମ୍ପୃକ୍ତ ଡିଲରଙ୍କଠାରୁ ଟ୍ରାକ୍ଟର୍ କ୍ରୟ କରିଥିବା ସମ୍ପୃକ୍ତ କ୍ରେତାଙ୍କୁ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟ୍ରାକ୍ଟର୍ ପଞ୍ଜୀକରଣ ପାଇଁ ସମସ୍ତ ନଥିପତ୍ର ଆବେଦନକରୀଙ୍କୁ ୧୫ଦିନ ଭିତରେ ପ୍ରଦାନ କରିବାକୁ ଅଦାଲତ କହିଛନ୍ତି। ଅନ୍ନପୂର୍ଣ୍ଣା ବେହେରାଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ଡିଲର୍ ଏଥିରେ ବିଫଳ ହୁଅନ୍ତି, ତେବେ ସେ ଅଦାଲତ ଅବମାନନା ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେବେ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟରେ ଔପଦା ଥାନାରେ ଜବତ ହୋଇ ରହିଥିବା ଟ୍ରାକ୍ଟରକୁ ଆବେଦନକାରୀଙ୍କ ଜିମାରେ ଛଡ଼ାଯିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ସଂପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ଗାଡ଼ିକୁ ବ୍ୟାବସାୟିକ ବା ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ରେ ଆବେଦନକାରୀ ଡିଲର୍‌ଙ୍କ ନିକଟରୁ ଏକ ଟ୍ରାକ୍ଟର୍ କିଣି ଏହାର ପଞ୍ଜୀକରଣ ପାଇଁ ଟଙ୍କା ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ ଟ୍ରାକ୍ଟର୍‌ର ପଞ୍ଜୀକରଣ ହୋଇନଥିଲା। ବିନା ପଞ୍ଜୀକରଣରେ ଚାଲୁଥିବାରୁ ଟ୍ରାକ୍ଟର୍‌କୁ ଔପଦା ଥାନା ପୁଲିସ ଜବତ କରିଥିଲା। ପଞ୍ଜୀକରଣରେ ଅବହେଳା ପାଇଁ ଅଯଥାରେ ହଇରାଣ ହୋଇଥିବା ପ୍ରସଙ୍ଗ ନେଇ ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

**ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତ୍‌ସିଂହପୁର**

F- 84

ବିଜ୍ଞାପନ ସଂଖ୍ୟା: ୪୧୩୭, ତା. ୨୩.୧୦.୨୦୨୫

**ଜମି ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତସିଂହପୁରଙ୍କ Execution Case No. 01/2016 (arising out of Certificate Case No. 1/2015)ର ଆଦେଶ ମୁତାବକ ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ ଓ ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥଙ୍କ ଠାରୁ ଦେୟଟ.୧,୦୭,୧୬,୮୧୭.୦୦ ଟଙ୍କା (ଏକ କୋଟି ସାତ ଲକ୍ଷ୍ୟ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।

ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା.୧୪.୧୧.୨୦୨୫ ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲ ଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ ବା:ତେରମାଣପୁର, ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥ, ଜା: ଯୋଗି ବା: କୁଜଙ୍ଗ ଥା- କୁଜଙ୍ଗ |
| | | ୮୯୨ | ୦.୫୦ | ଘରବାରି | |

ସ୍ୱା/- ତହସିଲଦାର, ତିର୍ତ୍ତୋଲ

**AFFIDAVIT**

By virtue of an affidavit No-2841 sworn before the Executive Magistrate, Sukinda, Jajpur on dt 02/11/2025. I, **Sanjukta Mohanta**, W/o- Sanjay Kumar Mohanta resident of At- Kabata, Po- Lembo, Ps- Sukinda, Dist- Jajpur, Pin- 755018. My son's birth certificate vide No. 4079/2017, issue dtd- 7/12/2017, name has been written **Himanshu Mohanta,** S/o- Sanjaya Mohanta (father) & Sanjukta Mohanta (mother) but in Aadhar card No. 676576991853 name has been written as **Sridhartha Mohanta,** I have declared that Himanshu Mohanta, S/o- Sanjaya Mohanta (father) & Sanjukta Mohanta (mother) and Sridhartha Mohanta, S/o Sanjaya Mohanta is same & one person. He will known as **Himanshu Mohanta** for all future purposes.

**Sanjukta Mohanta**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated- 01/11/2025. I, **Susena Nayak,** S/o Kanhu Charan Nayak, permanent resident of At- Sabak Dhanurjaypur, PO- Silitia, PS- Baria, Dist- Keonjhar, Odisha, PIN- 758032 declare that I have changed my daughter's name from **Khiramani Nayak** to **Sunayana Nayak.** Henceforth, she shall be known as **Sunayana Nayak** (new name) for all purposes.

**Susena Nayak**

# କନିଷ୍ଠ ଯନ୍ତ୍ରୀ ନଥିବାରୁ କାର୍ଯ୍ୟ ବନ୍ଦ



**ବିନିକା,୬ ।୧୧(ସମିସ):** ସହରର ବିକାଶ ପାଇଁ ସରକାର ଯୋଜନା ଉପରେ ଯୋଜନା ତିଆରି କରୁଛନ୍ତି। ସେଥିପାଇଁ ପ୍ରଚୁର ପରିମାଣରେ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ଖୋଦ୍ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସେହି ବିଭାଗର କନିଷ୍ଠ ଯନ୍ତ୍ରୀ ନ ଥିବାରୁ ଆସିଥିବା ଅନୁଦାନ ବିନିଯୋଗ ହୋଇ ନ ପାରି ପଡ଼ି ରହିଛି। ଫଳରେ ସହରବାସୀଙ୍କ ଠାରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ କୁଆଡେ ବିନିକା ଏନ୍ଏସିକୁ ପ୍ରାୟ ୨କୋଟି ଟଙ୍କା ଆସିଛି। ହେଲେ କାର୍ଯ୍ୟ ତଦାରଖ ପାଇଁ କନିଷ୍ଠ ଯନ୍ତ୍ରୀ ନ ଥିବାରୁ ଉକ୍ତ ଟଙ୍କା ପଡ଼ିରହିଛି। ସେହିପରି ଜୁନିଅର ଆସିଷ୍ଟାଣ୍ଟ ପଦ ଖାଲି ରହିଛି। ଦୀର୍ଘ ଦେଢ଼ବର୍ଷ ପରେ ଜଣେ ରେଭେନ୍ୟୁ ବିଭାଗରୁ ଆସି ଜୁନିଅର ଆସିଷ୍ଟାଣ୍ଟ କାର୍ଯ୍ୟ ତୁଲାଉଛନ୍ତି।

ତେଣୁ ଶୀଘ୍ର ବିନିକା ଏନ୍ଏସିର ଉନ୍ନୟନ କାର୍ଯ୍ୟକୁ ତ୍ୱରାନିତ କରିବା ଦିଗରେ ଉଚ୍ଚ ବିଭାଗ କର୍ତ୍ତୃପକ୍ଷ ପଦକ୍ଷେପ ନେବା ସହିତ ଖାଲିଥିବା ପଦପୂରଣ କରିବାକୁ ଦାବି ହେଉଛି।

## ସାଇବର ସୁରକ୍ଷା ଅଭିଯାନ

# 'ଲିଙ୍କ୍ କ୍ଲିକ୍ ପୂର୍ବରୁ ସତର୍କତା ଜରୁରୀ'

**ତରଭା,୬ ।୧୧(ସମିସ)**

ଇଣ୍ଟରନେଟ ଦୁନିଆରେ ସର୍ବଦା ସତର୍କ ରୁହନ୍ତୁ ଏବଂ କୌଣସି ଲିଙ୍କକୁ କ୍ଲିକ୍ କରିବା ପୂର୍ବରୁ ଭଲଭାବେ ଭାବନ୍ତୁ ବୋଲି ଗୁରୁବାର ତରଭା ପୁଲିସ ତରଫରୁ ଆୟୋଜିତ ସାଇବର ସୁରକ୍ଷା ଅଭିଯାନରେ ଉପସ୍ଥିତ ବକ୍ତାମାନେ ଏଭଳି ମତ ଦେଇଥିଲେ।

ତରଭା ବାଳକ ହାଇସ୍କୁଲ ପରିସରରେ ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ମୁରଲୀଧର ବିଶ୍ୱାଳ ମୁଖ୍ୟ ଅତିଥି, ସାମ୍ବାଦିକ ସଂଘ ସଭାପତି ଅଶୋକ ସାହୁ, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କବିତା ବରେଇ, ମେଣ୍ଡା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆ, ଅବସରପ୍ରାପ୍ତ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ, ସାମ୍ବାଦିକ କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ଏସ୍ଆଇ ଟେରସା କିଣ୍ଡୋ, କମସରା ଫାଣ୍ଡି ଅଧିକାରୀ ସୁରଞ୍ଜି ସେଠୀ, ଏଏସ୍ଆଇ ସୁଧୀର ଜେନା, ଏଏସ୍ଆଇ ଶୁଭେନ୍ଦୁ ସିଂ ବାବୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।



ଏସ୍ଆଇ ଶ୍ରୀ ଛତ୍ରିଆ ଛାତ୍ରଛାତ୍ରୀ ମାନଙ୍କୁ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ଶଲ/କଷ୍ଟମ ଠକେଇ, ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ/ତତ୍କାଳ କ୍ରେଡିଟ ଆପ, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଓ ଘରୁ କାମ କରିବାର ଠକେଇ, ଇ-କମର୍ସ ରିଫଣ୍ଡ/ଅଫର ଠକେଇ ପ୍ରଭୃତି ସାଇବର ଠକେଇ ଓ ସେଥିରୁ ବର୍ତ୍ତିବାର ଉପାୟ ବତାଇବା ସହ ସାଇବର ଠକେଇର ଶିକାର ହେଲେ ହେଲ୍ପଲାଇନ ନମ୍ବର ୧୯୩୦କୁ ଜଣାଇବାକୁ କହିଥିଲେ।

ଏଉପଲକ୍ଷେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ସଠିକ ଉତ୍ତର ଦେଇ ବାଳକ ହାଇସ୍କୁଲର ଛାତ୍ର ସୌରଭ ମିଶ୍ର, ପଞ୍ଚାନନ ସାହୁ, ଅଭିଷେକ ସାହୁ, ରୋଶନ ଦୀପ, ପ୍ରିୟାଂସୁ ଚନ୍ଦନ ବାଳିକା ହାଇସ୍କୁଲର ଛାତ୍ରୀ ସୌଭାଗିନୀ ଛତ୍ରିଆ,ଶର୍ମିଷ୍ଠା ପ୍ରିୟଦର୍ଶିନୀ ମେହେର, ନନ୍ଦିନୀ ମେହେର, ଶ୍ରାବଣୀ ନାଏକ ପୁରସ୍କୃତ ହୋଇଥିଲେ। ସାମ୍ବାଦିକ ସଂଘ ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଏଏସ୍ଆଇ ଶ୍ରୀ ସିଂବାବୁ ଧନ୍ୟବାଦ ଦେଇଥିଲେ।

# ମିର୍ଦ୍ଧା ସମାଜର ବାର୍ଷିକ ସମ୍ମିଳନୀ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକଉ ମିର୍ଦ୍ଧା ସମାଜର ବାର୍ଷିକ ସମ୍ମିଳନୀ ଓ ସାମୂହିକ ଅସ୍ଥି ବିସର୍ଜନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସମାଜର ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ଆସି କଣ୍ଟିଆପାଲି ଓ ମଧୁପୁରର ମଧ୍ୟସ୍ଥଳରେ ଇଷ୍ଟଦେବତା ବୁଢ଼ାରଜାଙ୍କ ପୀଠରେ ଯୋଗ ଦେଇଥିଲେ। ସମାଜର ପୂଜକ ପରମେଶ୍ୱର ବାଘ ରୀତିନୀତି ଅନୁଯାୟୀ ପୂଜାପାଠ କରିଥିଲେ। ପରେ ଉଦ୍‌ଘାଟନୀ ସଭାରେ ବଲାଙ୍ଗୀର ଜିଲ୍ଲା ସଭାପତି ଗୋପାଳ ପ୍ରଧାନ କଳାହାଣ୍ଡି ଜିଲ୍ଲା ସଭାପତି ସ୍ୱୟମ୍ବର ମିର୍ଦ୍ଧା ସୁବର୍ଣ୍ଣପୁର ଜିଲ୍ଲା ଗୁଡି ସଭାପତି ବାଲକୀ ମାଝୀ ଓ ବଗଡ଼ା ଗୁଡ଼ି ସଭାପତି ବିବସ୍ୱ ମିର୍ଦ୍ଧା ସମାଜର ସାଙ୍ଗଠନିକ ବାର୍ତ୍ତା ପ୍ରଦାନ କରିଥିଲେ। ଅନେକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ପରଦିନ ଉଦ୍‌ଯାପନୀ ଦିବସରେ ୧୭ଟି ଗ୍ରାମର ଇହଧାମ ତ୍ୟାଗ କରିଥିବା ପୂର୍ବପୁରୁଷଙ୍କ ସାମୂହିକ ଅସ୍ଥି ବିସର୍ଜନ ନିକଟସ୍ଥ ତେଲନଦୀ ସୁନାମୁହିଁ କୁଣ୍ଡିଘାଟିରେ କରାଯାଇଥିଲା। ସମାଜର ଆଭ୍ୟନ୍ତରୀଣ ଆଲୋଚନା ସଭାରେ ଜିଲ୍ଲା ସଂପାଦକ ସ୍ୱାଧୀନ ମିର୍ଦ୍ଧା ଗୁଡ଼ି ସଭାପତି ବୃନ୍ଦାବନ ମିର୍ଦ୍ଧା ଉପସଭାପତି ଲିଙ୍ଗରାଜ ଛତ୍ରିଆ ସଂପାଦକ ଉସ୍ତ ବାଘ ସମାଜର ଉନ୍ନତି ନିମନ୍ତେ ମତବ୍ୟକ୍ତ କରିଥିଲେ। ସଭାକୁ ଲମ୍ବୋଦର ମିର୍ଦ୍ଧା ସଂଯୋଜନା କରିଥିବା ବେଳେ ଲବ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀପୁରୁଷୋତ୍ତମ ଦିବ୍ୟଧାମ ଜଗନ୍ନାଥଙ୍କ ପ୍ରତିଷ୍ଠା ଓ ନବଗ୍ରହ ବିଗ୍ରହ ସ୍ଥାପନ

**ପୁରୁଣାକଟକ,୬ ।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୌଦ୍ଧ ଜିଲ୍ଲାର ଚାରିଛକସ୍ଥିତ ଶ୍ରୀପୁରୁଷୋତ୍ତମ ଦିବ୍ୟଧାମ ଜଗନ୍ନାଥ ମହାପ୍ରଭୁଙ୍କ ୧୫ତମ ପ୍ରତିଷ୍ଠା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କ ସକାଳ ଧୂପ ପରେ କଳସ ଯାତ୍ରାରେ ଭକ୍ତମାନେ ଯାଇ ନଦୀରୁ ପାଣି ଆଣି ନିଜ ମାନସିକ ପୂରଣ ନିମନ୍ତେ ଶୁଭକଳସ ସ୍ଥାପନ କରିଥିଲେ। ପରେ ଭକ୍ତଙ୍କ ମାନସିକ ପୂରଣ ନିମିତ୍ତ ହୋମଯଜ୍ଞ, ବିଷ୍ଣୁସହସ୍ର ନାମ ଓ ହନୁମାନ ଚାଳିଶା ପାଠ ସହ ୧୦୮ଆଳତି କରାଯାଇଥିଲା। ପରେ ଶନିଦେବଙ୍କ ମନ୍ଦିରରେ ନବଗ୍ରହ ମୂର୍ତ୍ତି ଯଥା ରୀତିନୀତି ଓ ହୋମଯଜ୍ଞ ସହ ସ୍ଥାପନ କରାଯାଇଥିଲା। କର୍ତ୍ତା ଅର୍ଜୁନ କହଁର ଓ ଦିଲ୍ଲୀପ ପ୍ରଧାନଙ୍କ ଦ୍ୱାରା ସମସ୍ତ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କୃଷ୍ଣଚନ୍ଦ୍ର ପାଢ଼ୀ, ଜିତେନ୍ଦ୍ର ନାଥ ଦାଶ, ମନ୍ଦିର ପୁରୋହିତ ନାରାୟଣ ନନ୍ଦ, ଚନ୍ଦ୍ରଶେଖର ପୁରୋହିତ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଠିଡିକାଯୋର ଗାଁ କମିଟି, କେଦାରେଶ୍ୱ ଶିବ ମନ୍ଦିର କମିଟି, ଗଣେଶ ପୂଜା କମିଟି, ରାମସେନା, ମାଦୁର୍ଗା ବଣିକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ମହେଶ୍ୱର ନାୟକ, ସମ୍ପାଦକ ବାମଦେବ ଦାଶ, ବେଦବର ପ୍ରଧାନ, ସିକନ ନାୟକ, ଲୋକନାଥ ନାୟକ, ଚନ୍ଦ୍ରମଣି କହଁର, ସ୍ୱପ୍ନେଶ୍ୱର ଯାନୀ, ସୁବାସ ପ୍ରଧାନ, ମାନସ ବେହେରା, ଆଶିଷ ସାହୁ, କୃଷ୍ଣଚନ୍ଦ୍ର ମଲ୍ଲିକ, ଅନାଦି ସାହୁ, ଦିଲ୍ଲୀପ ସାହୁ ଅନ୍ୟ ସମସ୍ତ ଅଞ୍ଚଳବାସୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ପ୍ରଧାନ, ସୁବାଷ ପ୍ରଧାନ, ମନ୍ଦିର ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ନାଏବ ସରପଞ୍ଚ ସୌଦାମିନୀ ମଲ୍ଲିକ, ବେଦବର ପ୍ରଧାନ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବିଶ୍ୱର ମଙ୍ଗଳ ନିମନ୍ତେ ଭକ୍ତମାନଙ୍କ ଦ୍ୱାରା ୧ ହଜାର ୮ଟି ଦୀପ ଦାନ କରାଯାଇଥିଲା।



# ଅଷ୍ଟପ୍ରହର ନାମଯଜ୍ଞ ସହ ଛାଡ଼ଖାଇ ଯାତ୍ରା ସମ୍ପନ୍ନ

ବୌଦ୍ଧ,୬ ।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳୀପଦର ପଞ୍ଚାୟତ ଗବଯୋରରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ସହ ଛାଡ଼ଖାଇ ଯାତ୍ରା ସମ୍ପନ୍ନ ହୋଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ନିକଟସ୍ଥ ତେଲନଦୀରୁ କଳସୀରେ ପାଣି ନେଇ ଯଜ୍ଞ ସ୍ଥଳକୁ ଏକ ଶୋଭାଯାତ୍ରାରେ ଆସିଥିଲେ। ପୂଜାର୍ଚ୍ଚନା ସହ ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରା ଯାଇଥିଲା। ସଞ୍ଜୀବ ମେହେର ଓ ତାଙ୍କ ପତ୍ନୀ ଜୁଲି ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଚିତ୍ତରଞ୍ଜନ ମହାପାତ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ପ୍ରତିବର୍ଷ ଭଳି ଏବର୍ଷ ଛାଡ଼ଖାଇ ଯାତ୍ରା ଉପଲକ୍ଷେ ରାବଣ ଦରବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ତଥା ଅବସରପ୍ରାପ୍ତ ସେନା ଅଧିକାରୀ ମନୋଜ ମହାନ୍ତି ରାବଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନକୁ ଆକୃଷ୍ଟ କରିଥିଲେ। ଗ୍ରାମବାସୀଙ୍କ ସହ କଙ୍କାଳି ବୁଢ଼ା ଛାଡଖାଇ କମିଟିର ସଭ୍ୟମାନଙ୍କ ମିଳିତ ସହଯୋଗରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଦୁର୍ଯ୍ୟୋଧନ ମେହେରଙ୍କ ତତ୍ତ୍ୱାବଧାନରେ ଚିତ୍ତରଞ୍ଜନ ସାହୁ, ଉପେନ୍ଦ୍ର ମେହେର, ମୁନୁ ମେହେର, ରଞ୍ଜନ ମେହେର, ଯୋଗେଶ୍ୱର ମେହେର, ନାରାୟଣ ମେହେର, ଘନଶ୍ୟାମ ମେହେର, ଛବି ମେହେର, ପ୍ରଦୀପ ମେହେର, ମନରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଚାରିଶମ୍ଭୁରେ ଏକାଦଶୀ ବ୍ରତ ଉଦ୍‌ଯାପିତ



**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ବ୍ଲକ୍ ଐତିହାସିକ ଚାରିଶମ୍ଭୁ ପୀଠରେ ଅଞ୍ଚଳର ଚବିସା ଏକାଦଶୀ ବ୍ରତ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନନ୍ତମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ନାରାୟଣ ମିଶ୍ର ଓ ତାଙ୍କ ପତ୍ନୀ କୌଶଲ୍ୟା ମିଶ୍ର ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ସୁଶୀଳ ପାଣିଗ୍ରାହୀ ପୂଜାକାର୍ଯ୍ୟ କରିଥିଲେ। ପ୍ରଭାତ ଶତପଥୀ, ହନି ଶତପଥୀ, ଧ୍ରୁବଚରଣ ପାଣିଗ୍ରାହୀ, ପ୍ରତିମା ପାଣିଗ୍ରାହୀ, ଚିତ୍ତରଞ୍ଜନ ପୁରୋହିତ, ସାବିତ୍ରୀ ପୁରୋହିତ, ମନରଞ୍ଜନ ପୁରୋହିତ, ଭାରତୀ ପୁରୋହିତ, ଅଶୋକ ପାଣ୍ଡିଆ, ସୁଶୋଭିତା ପାଣ୍ଡିଆ, ମଧୁସୂଦନ ପଣ୍ଡା, ଗୌରୀ ପଣ୍ଡା, ରଞ୍ଜନ ମିଶ୍ର, ପ୍ରଭାତୀ ତ୍ରିପାଠୀ, ମନ୍ଦାକିନୀ ପୁରୋହିତ, ସୀତାଞ୍ଜଳି ପୁରୋହିତ, ପ୍ରେମାନନ୍ଦ ବେହେରା, ବିଜୟଲକ୍ଷ୍ମୀ ମିଶ୍ର, ଜନାର୍ଦ୍ଦନ ପଣ୍ଡା, ଜ୍ୟୋତିର୍ମୟୀ ତ୍ରିପାଠୀ ପ୍ରମୁଖ ବ୍ରତଧାରୀ ଥିଲେ।

# ପୂଜାରୀ ସାହାଜବାହାଲରେ ନାମଯଜ୍ଞ

**ବିନିକା,୬।୧୧(ସମିସ):** ବିନିକା ବ୍ଲକ୍ ଅଧୀନ ପୂଜାରୀ ସାହାଜବାହାଲ ଗ୍ରାମର ୨ଟି ସ୍ଥାନରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ଲକ୍ଷ୍ମୀନାରାୟଣ ପୂଜାରୀ ଦାୟିତ୍ୱ ତୁଲାଇଥିବାବେଳେ ଯଜ୍ଞ କାର୍ଯ୍ୟକ୍ରମକୁ ବିଭୁତି, ସୀତାରାମ, ବଳରାମ, ଲମ୍ବୋଦର, ବ୍ରହ୍ମା, ଲକ୍ଷ୍ମୀ ନାରାୟଣ, କେଦାର, ଶ୍ରୀତମ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି ଟିକ୍ରାପଡ଼ାଠାରେ ଅନୁଷ୍ଠିତ ନାମଯଜ୍ଞରେ ୬ଟି କିର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ସ୍ୱସ୍ତିକ କ୍ଲବ କମିଟି କର୍ମକର୍ତ୍ତା ଚୟନ

**ପଲଶାଗୋରା,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ଗଜଲକ୍ଷ୍ମୀ ପୂଜା ସ୍ୱସ୍ତିକ କ୍ଲବର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶାନ୍ତନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତ ପୂଜା ବିଷୟରେ ଆଲୋଚନା କରିବା ସହ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ ବିଷୟରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ସଭାପତି ଭାବେ କୁନ୍ଦନ କୁମାର ଦନ୍ତା, ଉପସଭାପତି ରଞ୍ଜନ ପଣ୍ଡା, ସମ୍ପାଦକ ସତ୍ୟନାରାୟଣ ପ୍ରଧାନ, ସହସମ୍ପାଦକ ମୁନା ସାହୁ, କୋଷାଧ୍ୟକ୍ଷ ଭାବେ କୁନାଭୋଇଙ୍କୁ ଚୟନ କରାଯାଇଥିଲା।

# ଯୋଗାଣ ସହାୟକ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଡୁଙ୍ଗୁରିପାଲି,୬ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଧୀନ ଗାଜବନ୍ଧ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି କରିବା ଦାବିରେ ଆଜି ଡୁଙ୍ଗୁରିପାଲି ବିଡିଓଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଜବନ୍ଧ ପଞ୍ଚାୟତରେ ଯୋଗାଣ ସହାୟକ ପଦ ଖାଲି ଥିବାରୁ ପଞ୍ଚାୟତର ହିତାଧିକାରୀମାନେ ଅନେକ ସମୟରେ ରାସନ ସାମଗ୍ରୀ ଗ୍ରହଣବେଳେ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଆଉ ମଧ ଦର୍ଶାଇଛନ୍ତି ଯେ ଜଣେ ବେସରକାରୀ ଲୋକ ପଞ୍ଚାୟତରେ ଚାଉଳ ବଣ୍ଟନରେ ନିୟୋଜିତ ରହୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଣୁ ପିଡିଏସ୍ ବଣ୍ଟନକୁ ଠିକ୍ ଭାବରେ ପରିଚାଳିତ କରିବା ପାଇଁ ନୂତନ ଯୋଗାଣ ସହାୟକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଦାବି ହେଉଛି।

# ବୌଦ୍ଧ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ ଓ ବାର୍ଷିକ ଅଧିବେଶନ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ ଓ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କର୍ଷଣ ସାହୁଙ୍କ ତତ୍ତ୍ୱାବଧାନ ଏବଂ ସମ୍ପାଦକ ବିଜୟ ସାହୁଙ୍କ ନେତୃତ୍ୱରେ ମହାନଦୀ ଆଳତୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତୈଳିକ ବୈଶ୍ୟ ସମାଜର ସମସ୍ତ ପରିବାର ବର୍ଗ ଉପସ୍ଥିତ ହୋଇ ଏକ ବିରାଟ ସୁସଜ୍ଜିତ ବୋଇତର ପୂଜାର୍ଚ୍ଚନା କରି ବନ୍ଦାଣ କରିଥିଲେ। ତତ୍ପରେ ସମାଜର ସମସ୍ତ କାର୍ଯ୍ୟକର୍ତ୍ତା ବୋଇତକୁ ନେଇ ମହାନଦୀ ଜଳରେ ଭସାଇଥିଲେ। ମଧ୍ୟାହ୍ନରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶଙ୍କର୍ଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ସହ ସମ୍ପାଦକ ଶତ୍ରୁଘ୍ନ ସାହୁଙ୍କ ମା' ଦୁଃଖି ସାହୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତତ୍ପରେ ସମାଜ ଦ୍ୱାରା ବର୍ଷ ତମାମ ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷ ପାଇଁ ଯୋଜନା କରାଯାଇ ବାର୍ଷିକ ଆୟବ୍ୟୟ ଅଟକଳ କରାଯାଇଥିଲା। ସମସ୍ତେ ସଂଗଠିତ ହୋଇ ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପାଇଁ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଦିଲ୍ଲୀପ ସାହୁ ସଂଯୋଜନା କରିଥିଲ। ବେଳେ ଜୟ ସାହୁ, ସନାତନ ସାହୁ, ଖଗେଶ୍ୱର ସୁବୁଦ୍ଧି, ଭୋଳା ସାହୁ, ବୀଣାପାଣି ସାହୁ, ଭ୍ରମରବର ସାହୁ, ପ୍ରଶାନ୍ତ ସାହୁ, ଅଶୋକ ସାହୁ, ଚକ୍ରଧର ସାହୁ, ପ୍ରଭାସଚନ୍ଦ୍ର ପୃଷ୍ଟି, ଅର୍ଜୁନ ସାହୁ, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ସିଂହପାଲିରେ ଅଷ୍ଟପ୍ରହର ନାମଯଜ୍ଞ

ବୌଦ୍ଧ,୬ ।୧୧(ସମିସ): ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ସିଂହପାଲି ଗ୍ରାମରେ କାର୍ତ୍ତିକ ମାସ ପଞ୍ଚୁକ ଚତୁର୍ଦ୍ଦଶୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞରେ ପୂଜକ ପ୍ରବୋଧ ରଥ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଗୌନ୍ତିଆ ପଞ୍ଚାନନ ମଲ୍ଲିକ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ। ଯଜ୍ଞ କମିଟିର ଆବାହକ ଯୀଶୁ ପଧାନ, ଗ୍ରାମ କମିଟି ସଭାପତି ରଥ ସିଂହ, କୋଷାଧ୍ୟକ୍ଷ ଭରତ ପଧାନ, ମୃତ୍ୟୁଞ୍ଜୟ ସିଂହ, ହେମନ୍ତ ମହାକୁଳ, ଜଗାନନ୍ଦ ମହାକୁଳ, ସଞ୍ଜୟ ସିଂହଙ୍କ ସହିତ ସମସ୍ତ ଗ୍ରାମବାସୀ ନାମଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଉଦ୍‌ଯାପିତ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ କଂକଲା ଶ୍ରୀ ସିଦ୍ଧଗୁରୁ ବାବା ମଠରେ ଚାଲଇଥିବା ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ମଠର ମହନ୍ତ ସର୍ବେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଏହି ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଗତ ଦୁଇ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଗୋ ପୂଜନ ଓ ଘୃତ ଯଜ୍ଞ, ପ୍ରବଚନ, ଅନ୍ନଯଜ୍ଞ ଅନୁଷ୍ଠିତ ହେଉଥିଲା। ଯଜ୍ଞର ମୁଖ୍ୟ ମାର୍ଗଦର୍ଶକ ଭାବେ ଚେନାଇ ସତ୍ୟ ଚେତନା ଆଶ୍ରମର ସଦଗୁରୁ ସ୍ୱାମୀ ଆତ୍ମନନ୍ଦଜୀ ମହାରାଜଙ୍କ ମାର୍ଗଦର୍ଶନରେ ଉଦ୍‌ବକ୍ତା ମାନସ ସୁନ୍ଦର ଶତପଥୀ ଯଜ୍ଞର ମୁଖ୍ୟ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ଅଞ୍ଚଳର ୨୬ ଯୋଡି ଯଜ୍ଞ କର୍ତ୍ତା ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଯଜ୍ଞ ଆଚାର୍ଯ୍ୟ ଭାବେ ବାମନ ଦାଶ, ଯଜ୍ଞ ପରିଚାଳକ ସର୍ବେଶ୍ୱର ମହାପାତ୍ରଙ୍କ ସମେତ ୧୮ ଜଣ ଚତୁର୍ବେଦୀ କର୍ମକାଣ୍ଡୀ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ସୁଦୂର ଆମେରିକା ମୂଳ ନିବାସୀ ତଥା ବର୍ତ୍ତମାନ ଚେନାଇ ସତ୍ୟ ଚେତନା ଆଶ୍ରମର ଦାୟିତ୍ୱରେ ଥିବା ବିଷ୍ଣୁ ଦାସ, ବିଶ୍ୱପ୍ରିୟା ଦାସ ଓ ତୁଳସୀ ଦାସ ଅଂଶଗ୍ରହଣ କରିଥିଲେ। ବେଦ ମହାତ୍ମ୍ୟ ଉପରେ ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ଆତ୍ମନନ୍ଦଜୀ ମହାରାଜ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ ହରିହାର କାନୁନଗୋ, ଡ. ଲଳିତ ନାରାୟଣ ରଥ, ରାଧାମାଧବ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ଆଦିତ୍ୟ ଦାସ, ପୂର୍ବ ଯଜ୍ଞ କମିଟି ସଭାପତି ତଥା ପ୍ରବକ୍ତା ଗୌରୀ ପ୍ରସାଦ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାସୁଦେବ ପାତ୍ର, ପ୍ରବୀର ଦାସ, ସତ୍ୟନାରାୟଣ ପାଣି, ଶମ୍ଭୁ ଗିରି ଓ କୃତ୍ତିବାସ ପଲିଆ ପ୍ରମୁଖ ଭାଗ ନେଇଥିଲେ। ପୟୋଧର ମହାକୁଳ, ପ୍ରଶାନ୍ତ ସେଠି ଓ ଧନମାଳୀ ଦେହୁରୀ, ମୟସେନ ରଣା, ଶ୍ରୀପତି ମହାକୁଡ଼, ମନୋଜ ମହାକୁଡ଼, ଶିବ କର୍ମୀ, ରମେଶ ସାହୁ, ରବୀନ୍ଦ୍ର ଦେଓ, ବୈକୁଣ୍ଠ ପ୍ରଧାନ, ରାଜୁ ମେହେର, ଦିଲ୍ଲୀପ ସାହୁ, ଶ୍ରୀକ୍ଷେତ୍ର ମହାକୁଡ଼, ଦୁଷ୍ମନ୍ତ ପୃଷ୍ଟି, ପିଣ୍ଟୁ ମହାକୁଡ଼, ଗଜାନନ ଗାଇଗୌରିଆ, ଦୁର୍ବାସା ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ଭୋଇ, ଶଶୀ ମହାକୁଡ଼, ବସନ୍ତ ଭୋଇ, ପ୍ରଦୀପ ଦେହୁରୀ, ବିରେନ ମହାକୁଡ଼, ସୁବାସ ଚନ୍ଦ୍ର ଗୁରୁ, ଗଙ୍ଗାଧର ମହାକୁଡ଼, ଶମ୍ଭୁ ଗିରି, କୃତ୍ତିବାସ ପଲିଆ, ସାମ୍ବାଦିକ ମହେଶ ପ୍ରସାଦ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।



## ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# କନାପଡା ଓ ମୁରୁଶୁଣ୍ଢୀ ବିଜୟୀ




**ବୌଦ୍ଧ,୬ ।୧୧(ସମିସ)**

ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ ବଲାସିଙ୍ଗା ସାଲୁଙ୍କି ଫୁଟବଲ ପଡିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ବଲାସିଙ୍ଗା ଆନୁକୂଲ୍ୟରେ ଚାଲିଥିବା ୩୭ତମ ନକ୍ ଆଉଟ୍ ଫୁଟବଲ କପ୍ ପ୍ରତିଯୋଗିତାର ଚତୁର୍ଥ ଦିନ ମ୍ୟାଚ୍ ବଲାସିଙ୍ଗା ଓ କନାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନାପଡା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ତିଳେଶ୍ୱର ଓ ମୁରୁଶୁଣ୍ଢୀ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇ ବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ମୁରୁଶୁଣ୍ଢୀ ୩-୨ ଗୋଲରେ ବିଜୟୀ ହୋଇଥିଲା। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ବଢ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉଦ୍ୟୋଗପତି ରାଜା ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରେମାନନ୍ଦ ଭଞ୍ଜ, ୱାର୍ଡସଭ୍ୟ ବୁଦ୍ଧଦେବ ଅଦର ଯୋଗ ଦେଇଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା ଓ ବଳରାମ ବେହେରା ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ

**ବିନିକା,୬।୧୧(ସମିସ):** ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସେବା ଯୋଗାଇ ଦେଉଥିବା ଡେଙ୍ଗୁରା ଦେଉଛନ୍ତି। ହେଲେ କେତେକ ଦୁର୍ନୀତିଖୋର କର୍ମଚାରୀଙ୍କ ଯୋଗୁଁ ଲୋକେ ଠିକ ଭାବେ ଉପକୃତ ହୋଇ ପାରୁନାହାନ୍ତି। ଟଙ୍କା ଦେଲେ ଯାଇ କୁଆଡ଼େ ତାଙ୍କ କାମ ହେଉଥିବା ସାଧାରଣଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି। କିଛି ମାସ ତଳେ ଜିଲ୍ଲାପାଳ ନୃପରାଜ ସାହୁ ଯୋଗଦାନ କରିବା ପରେ ସେ ଅଚାନକ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରି କର୍ମଚାରୀଙ୍କୁ ତାଗିଦ କରିବା ସହ ଦରକାର ପଡିଲେ କାର୍ଯ୍ୟାନୁଷ୍ଠାନ ମଧ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ସାହୁ ଅଚାନକ ବିନିକା ସବରେଜିଷ୍ଟ୍ରି ଓ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ପରିଦର୍ଶନ ବେଳେ ତହସିଲ କାର୍ଯ୍ୟାଳୟ ଭିତରେ ଓ ବାହାରେ ଅପରିଷ୍କାରକୁ ନେଇ କ୍ଷୋଭବ୍ୟକ୍ତ କରିଥିଲେ। କାର୍ଯ୍ୟାଳୟ କୋଠରିରେ ପାନ ଛେପ ଆବର୍ଜନା, ଏଣେତେଣେ ବିଦ୍ୟୁତ ତାର ଝୁଲୁଥିବା ଦେଖି କେମିତି କାମ କରୁଛ ଘର ତୁମର ନୁହେଁ କି ବୋଲି କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। କାର୍ଯ୍ୟାଳୟକୁ ତୁରନ୍ତ ପରିଷ୍କାର ପରିଚ୍ଛନ୍ନ ରଖିବାକୁ କହିଥିଲେ। ବିଭିନ୍ନ କାମର ସମାଧାନ କେତେଦିନ ଭିତରେ ହେବା କଥା ସେନେଇ କୌଣସି ଠାରେ ସୂଚନାଫଳକ ନଥିବାରୁ ଜିଲ୍ଲାପାଳ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ବିଭିନ୍ନ କାମ ନେଇ ଆସୁଥିବା ଲୋକଙ୍କୁ ହଇରାଣ ହରକତ ନକରି ତାଙ୍କର କାମ ଶୀଘ୍ର କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କର୍ମଚାରୀ ଦାୟିତ୍ୱରେ ଅବହେଳା କରୁଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି କର୍ତ୍ତଙ୍ଗ ଗ୍ରାମରୁ ଆସିଥିବା ଜଣେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ପରେ ସ୍ଥାନଟି ସରକାରୀ ହୋଇଥିବାରୁ ଆସନ୍ତାକାଲି ଡିମାରକେସନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଅଜଣା ରୋଗରେ ଛଟପଟ ସସ୍ମିତା

# ସରକାରୀ ସହାୟତା ଅପେକ୍ଷାରେ ପରିବାର

**ଲାଞ୍ଜିଗଡ଼,୬ ।୧୧ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଦୋରାସାର୍ଲି ଗାଁର ଶୁକନାଭଟାପଡ଼ାର ଅତ୍ୟନ୍ତ ଗରିବ ଖଟିଖିଆ ଶ୍ରେଣୀର ସସ୍ମିତା ସାହୁ(୨୧) ମାରାତ୍ମକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ପରିବାର କହିଲେ ମାଆ ସେମନ୍ତି ସାହୁ ଓ ସ୍ୱାମୀ ନରେନ୍ଦ୍ର ସାହୁ ତିନି କୁଟୁମ୍ବ ହସଖୁସିରେ କୁଲି ମଜୁରୀ କରି ଚଳିଆସୁଥିଲେ। ହେଲେ ହଠାତ୍ ତାଙ୍କ ପରିବାରକୁ କଳା ବାଦଲ ଢାଙ୍କି ଦେଇଛି । ସସ୍ମିତାକୁ ଡାହାଣ ଗୋଡରେ ସାମନ୍ୟ ବଥ ବାହାରି ଥିଲା ହେଲେ ଏତେ ବଡ ରୋଗ ହେବ ବୋଲି କେହିଁ ଜାଣି ନଥିଲେ । ସ୍ୱାମୀ ନରେନ୍ଦ୍ର ଯାହା ସଞ୍ଚିତ ଅର୍ଥ, ସୁନା ଗହଣା, ଧାର କରଜ କରି ଭବାନୀପାଟଣା ମୁଖ୍ୟ ଡାକ୍ତଖାନା ସମେତ ବିଭିନ୍ନ ଡାକ୍ତରଖାନରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ହେଲେ ଅର୍ଥ ଅଭାବ ଯୋଗୁଁ ସସ୍ମିତାଙ୍କୁ ଭଲ ଚିକିତ୍ସା କରାଇ ପାରି ନଥିଲେ। ଫଳରେ ଏବେ ସସ୍ମିତା ୬ମାସ ହେବ ମରଣ ସହ ସଂଘର୍ଷ କରି ଶଯ୍ୟାଶାୟୀ ହୋଇ ପଡ଼ିରହିଛନ୍ତି। ତାଙ୍କୁ ଉଚ୍ଚ ଚିକିତ୍ସାରେ ଅର୍ଥ ବାଧକ ସାଜୁଥିବାରୁ ରୋଗୀଣା ସ୍ତ୍ରୀଙ୍କୁ ଛାଡି ସ୍ୱାମୀ ଏବେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ଏପଟେ ସ୍ତ୍ରୀ ଜୀବନ ମରଣ ସହ ସଂଘର୍ଷ କରୁଛି । ତେବେ ଏମାନଙ୍କୁ ସରକାରୀ ସୁବିଧା କହିଲେ ରାସନକାର୍ଡରେ ମାତ୍ର ୧୦କିଲୋ ଚାଉଳ ମିଳୁଛି। ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକାର୍ଡ ହୋଇପାରି ନାହିଁ। ଯାହାଦ୍ୱାରା ଉଚ୍ଚ ଚିକିତ୍ସାରେ ପ୍ରତିବନ୍ଧକ ଲାଗୁଥିବା ବେଳେ ସ୍ୱାସ୍ଥ୍ୟକାର୍ଡ ପାଇଁ କେବଳ ପ୍ରତିଶ୍ରୁତି ମିଳୁଛି ବୋଲି କୋହଭରା କଣ୍ଠରେ ପରିବାର ଅଭିଯୋଗ ଆଣିଛନ୍ତି ।ଏହି କାର୍ଡ ମିଳିଲେ କୌଣସି ବଡ଼ ଡାକ୍ତରଖାନା ଯାଇ ଉଚ୍ଚ ଚିକିତ୍ସା କରି ପାରନ୍ତେ। ସସ୍ମିତାଙ୍କ ଉତ୍ତମ ଚିକିତ୍ସା ପାଇଁ ସହାୟତା ଯୋଗାଇବାକୁ ସରକାର, ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ବ୍ୟକ୍ତିବିଶେଷଙ୍କୁ ପରିବାର ସମେତ ଗ୍ରାମବାସୀ ପକ୍ଷରୁ ନିବେଦନ କରିଛନ୍ତି ।



ନୂତନ ପଞ୍ଚାୟତ ଭବନ ନିର୍ମାଣ ବିବାଦ

# ପଞ୍ଚାୟତବାସୀ ପ୍ରଶାସନର ଦ୍ୱାରସ୍ଥ

**ବୌଦ୍ଧ, ୬ ।୧୧(ସମିସ):** କଣ୍ଟାମାଳ ପଞ୍ଚାୟତ ଭବନ ନିର୍ମାଣ ସ୍ଥାନ ନିରୂପଣକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚିଛି। ଠିକ ସ୍ଥାନ ନିରୂପଣ ପାଇଁ କଣ୍ଟାମାଳ ପଞ୍ଚାୟତର ୱାର୍ଡ ସଭ୍ୟ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପଞ୍ଚାୟତ ଭବନ ନିର୍ମାଣ ମଞ୍ଜୁର ମିଳିଛି; ମାତ୍ର କିଛି କୁଚକ୍ରୀ ଗୋଷ୍ଠୀ ସ୍ଥାନୀୟ ପ୍ରଶାସନକୁ ପ୍ରଭାବିତ କରି ଡୁମାଲପାଲି ଗ୍ରାମ ଅଞ୍ଚଳରେ କରିବା ପାଇଁ ସ୍ଥାନ ନିରୂପଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରହିଥିବା ସରକାରୀ ଜମିରେ ପଞ୍ଚାୟତ ଭବନ ନିର୍ମାଣ କରାଗଲେ ଲୋକଙ୍କ କାମରେ ଆସିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି ଓ ସହସ୍ରାଧିକ ଜନସାଧାରଣଙ୍କ ସ୍ୱାକ୍ଷରିତ ସମ୍ବଳିତ ଦାବିପତ୍ର ପ୍ରଶାସନକୁ ପ୍ରଦାନ କରାଯାଇଛି ।

# ଭାଗବତ ଏକାଦଶ ସ୍କନ୍ଦ ପଠନ

**ବୌଦ୍ଧ, ୬ ।୧୧(ସମିସ) :** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବ୍ରହ୍ମଚାରୀ ଗ୍ରାମରେ ଭାଗବତ ଏକାଦଶ ସ୍କନ୍ଦ ପଠନ ଓ ପ୍ରବଚନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାଣ ପାଠକ ତଥା ପ୍ରବଚକ ଅଜିତ ଦାଶ ଭାଗବତ ଏକାଦଶ ସ୍କନ୍ଦ ପଠନ ସହ ବ୍ୟାଖ୍ୟା କରିଥିଲେ। କର୍ତ୍ତା ଭାବେ ପ୍ରଦ୍ୟୁମ୍ନ ଭୁକ୍ତା ଓ ତାଙ୍କ ପତ୍ନୀ କ୍ରିଷ୍ଣା ଭୁକ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

# ଆଜି ବି ଗାଁକୁ ରାସ୍ତା ନାହିଁ

**କଣ୍ଟାମାଳ, ୬ ।୧୧(ସମିସ)**

ଏମିତି ବି ଗାଁ ଅଛି ଯେଉଁଠିକି ସ୍ୱାଧୀନତା ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ନାହିଁ ରାସ୍ତା। ପିଇବା ପାଇଁ ବିଶୁଦ୍ଧ ପାଣି ଟୋପେ ମିଳୁନାହିଁ। ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ରାଜନେତାମାନେ ଭୋଟ ସମୟ ଆସିଲେ ଗାଁକୁ ଯାଇ ଏଇଟା କରିବୁ ସେଇଟା କରିବୁ କହି କ୍ଷମତାକୁ ଆସିଥାନ୍ତି; କିନ୍ତୁ କ୍ଷମତାକୁ ଆସିଲେ ସବୁ ଭୁଲି ଯାଆନ୍ତି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ମାତାକୁପାର ଉତ୍ତୁଲା ଗାଁରେ ଏହି ସବୁ ସମସ୍ୟା ଦେଖିବାକୁ ମିଳିଛି । ଏହି ଗାଁକୁ ଭଲ ରାସ୍ତା ନ ଥିବାରୁ ଆବଶ୍ୟକବେଳେ ଆମ୍ବୁଲାନ୍ସ ପଶିପାରେନି । ଏଣୁ ରୋଗୀକୁ ଖଟିଆରେ ବୋହି ମୁଖ୍ୟ ରାସ୍ତା ମାତାକୁପାକୁ ବୁହାଯାଏ । ସେଠାରେ ଆମ୍ବୁଲାନ୍ସ ଆସି ଅଟକି ରହିଥାଏ । ସେହିଭଳି ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବର୍ଷା ଦିନରେ ସାପ କାମୁଡାରେ ଗାଁର ଲୋକଙ୍କ ଜୀବନ ଯାଉଛି । ଅବଶ୍ୟ ଗାଁରେ କିଛି ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇଛି। କିଛି ଜାଗାରେ କିନ୍ତୁ ଅଧା ପଡ଼ି ରହିଛି । ଅନ୍ୟପକ୍ଷେ ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବ୍ୟବସ୍ଥା ନାହିଁ। ଗାଁ ଲୋକଙ୍କ ଲାଗି ଝରଣା ପାଣି ଭରସା ପାଲଟିଛି । ଏଣୁ ଲୋକେ ନାଳ ନର୍ଦ୍ଦମା ପାଣି ପିଇ ବିଭିନ୍ନ ରୋଗରେ ପଡୁଛନ୍ତି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି ।



# ଦୋକାନ ଭିତରକୁ ପଶିଲା କାର, ବର୍ତ୍ତିଲେ ଯାତ୍ରୀ

**ତରଭା, ୬ ।୧୧(ସମିସ):** ବଲାଙ୍ଗିର-ସୋନପୁର ୫୭-ନମ୍ବର ଜାତୀୟ ରାଜପଥର ବୈରାସର ବସ୍‌ଷ୍ଟାଣ୍ଡରେ ଗୁରୁବାର ଭୋର ସମୟରେ ଗୋଟିଏ କାର୍ ଭାରସାମ୍ୟ ହରାଇ ଗୋଟିଏ ଦୋକାନ ଭିତରକୁ ପଶି ଯାଇଥିଲା । ଏଥିରେ କାର୍‌ର ଡ୍ରାଇଭର ଓ ଜଣେ ମହିଳା ଆହତ ହୋଇଛନ୍ତି । ସୂଚନାରୁ ପ୍ରକାଶଯେ ଦ୍ରୁତ ଗତିରେ ସୋନପୁର ପଟରୁ ବଲାଙ୍ଗିର ଆଡକୁ ଯାଉଥିବା କାର୍ ସାମ୍ବାଦିକ ଜିତେନ୍ଦ୍ର ମାହାଣାଙ୍କ ଦୋକାନ ଭିତରକୁ ପଶି ଯାଇଥିଲା । ଏଥିରେ କାର୍‌ର ସମ୍ମୁଖଭାଗ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦୋକାନର ସେଡ୍ ଭାଙ୍ଗି ଯାଇଛି । ପୁଲିସ ଆହତ ଶ୍ରୀନିବାସ ପତି ଓ ସରୋଜିନୀ ବେହେରାଙ୍କୁ ଉଦ୍ଧାର କରି ବଲାଙ୍ଗିର ଡାକ୍ତରଖାନାକୁ ପଠାଇଛି । ଏମାନେ କଟକରୁ ଉମରକୋଟ ଯାଉଥିବା ଜଣାଯାଇଛି । ଜାତୀୟ ରାଜପଥ ବୈରାସର ବସ୍‌ଷ୍ଟାଣ୍ଡରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ଦେଖାଯାଉଛି । ଏଠାରେ ସ୍ପିଡ୍ ବ୍ରେକର ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ହେଁ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି ।

# ବାର୍‌ହା ଉପଦ୍ରବରେ ଧାନ ଫସଲ ନଷ୍ଟ

**ବୀରମହାରାଜପୁର, ୬ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବାନାଞ୍ଚଳ ଯାଲୋଏ ସେକ୍ସନ ପଧାନ ପାଲି ଗାଁରେ ବାର୍‌ହା ଉପଦ୍ରବ ଯୋଗୁଁ ଚାଷୀଙ୍କ ବ୍ୟାପକ ଧାନଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଚଳିତବର୍ଷ ଅନେକ ପରିଶ୍ରମ ଫଳରେ ଧାନଫସଲ ଭଲ ହୋଇଥିବା ଦେଖି ଚାଷୀମାନଙ୍କ ମୁହଁରେ ହସ ଫୁଟିଥିଲା । ହେଲେ ଧାନ ଅମଳ ପୂର୍ବରୁ ବାର୍‌ହା ଉପଦ୍ରବ ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି । ବୁଧବାର ରାତିରେ ପଧାନପାଲି ଗାଁରେ ବାର୍‌ହା ପଲ ଚାଷ ଜମିକୁ ପଶି ଦୁର୍ବାସା ପଧାନଙ୍କ ସମେତ ଅନେକ ଚାଷୀଙ୍କ ଏକାଧିକ ଏକର ଧାନ ଫସଲ ଦଳିଚକଟି ନଷ୍ଟ କରିଦେଇଥିବା ଜଣାପଡ଼ିଛି । ବନବିଭାଗ କ୍ଷୟକ୍ଷତିର ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି ।

# ବୀରମହାରାଜପୁର ମୁଖ୍ୟଛକ ପ୍ରଶସ୍ତୀକରଣ ପାଇଁ ମାପଚୁପ

**ବୀରମହାରାଜପୁର, ୬ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମୁଖ୍ୟ ଛକର ଚାରିପାଖ ଜବରଦଖଲ ଯୋଗୁଁ ରାସ୍ତା ଦିନକୁଦିନ ସଂକୀର୍ଣ୍ଣ ହେବାରେ ଲାଗିଛି । ଫଳରେ ଟ୍ରାଫିକ ସମସ୍ୟା ତଥା ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନପକ୍ଷରୁ ବୀରମହାରାଜପୁର ମୁଖ୍ୟ ଛକ ରାସ୍ତାର ପ୍ରଶସ୍ତିକରଣ ପାଇଁ ବୀରମହାରାଜପୁର ତହସିଲ ଓ ପ୍ରଶାସନ ତରଫରୁ ମାପଚୁପ୍ କରାଯାଇଥିଲା । ଛକ ନିକଟକୁ ଲାଗି ଦୈନିକ ବଜାର ରହୁଥିବା ବେଳେ ମୁଖ୍ୟ ଛକରେ ଲୋକଙ୍କ ଭିଡ଼ ଜମିଛି । ଅଣଓସାରିଆ ରାସ୍ତାରେ ବହୁ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖା ଦେଇଛି । ତେଣୁ ମୁଖ୍ୟଛକର ଚାରି ପାର୍ଶ୍ୱରାସ୍ତାର ପ୍ରଶସ୍ତିକରଣ ପାଇଁ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପ ହୋଇଥିଲା । ମୁଖ୍ୟଛକ ରାସ୍ତା ଚାରିପାଖ ପ୍ରଶସ୍ତିକରଣ ସହ ସୁସଜ୍ଜିତ ଗୋଲେଇ ଛକ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ପ୍ରସ୍ତାବ ରହିଥିବା ଜଣାପଡ଼ିଛି । ପୂର୍ବରୁ ଏହି ଚରିଛକର ପ୍ରଶସ୍ତିକରଣ ପାଇଁ ଜବରଦଖଲ କାରୀଙ୍କୁ ଖାଲି କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଓ ରାଜସ୍ୱ କର୍ମଚାରୀ ରାସ୍ତାର ମାପ କରି ଚିହ୍ନଟ କରିଛନ୍ତି । ମାପଚୁପ ସମୟରେ ବୀରମହାରାଜପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଶତ୍ରୁଘ୍ନ ସିଂ, ଜେଇ ଶ୍ରୀକାନ୍ତ ମେହେର, ବିଭାଗୀୟ କର୍ମଚାରୀ ଏବଂ ସ୍ଥାନୀୟ ଅତିରିକ୍ତ ତହସିଲଦାର ଶ୍ରୀ ପଣ୍ଡା, ରାଜସ୍ୱ କର୍ମଚାରୀ, ସ୍ଥାନୀୟ ପୁଲିସ ଉପସ୍ଥିତ ଥିଲେ ।

# ବୌଦ୍ଧ ଇତିହାସ ସଂକଳନ କମିଟି ବୈଠକ



**ବୌଦ୍ଧ, ୬ ।୧୧(ସମିସ):** ଡମ୍ବରୁଗଡ଼ ଇକୋ ଟୁରିଜିମ ୪ନମ୍ବର କଟେଜରେ ବୌଦ୍ଧ ଇତିହାସ ସଂକଳନ କମିଟି ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚେନାଇ ବେଦ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ହରିହର କାନୁନଗୋ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ବାସୁଦେବ ପାତ୍ର, ଅଧ୍ୟାପକ ଡ. ପ୍ରବୀର ଦାସ, ଯୁବ ଗବେଷକ ସତ୍ୟନାରାୟଣ ପାଣି, ଶିକ୍ଷାବିତ ଶମ୍ଭୁ ଗିରି, ସାମାଜିକକର୍ମୀ କୃତ୍ତିବାସ ପଲିଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବ୍ଲକ୍ କୃଷକ ଉପଦେଷ୍ଟା କମିଟି ବୈଠକ




**କର୍ଲାମୁଣ୍ଡା, ୬ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଆତ୍ମା କାର୍ଯ୍ୟାଳୟରେ ବ୍ଲକ କୃଷକ ଉପଦେଷ୍ଟା କମିଟି (ଆଟା)ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଆତ୍ମା ଅଧକ୍ଷ ଗୌର କିଶୋର ରଣାଙ୍କ ଅଧ୍ୟକ୍ଷତାରେ କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ତଥା ଆତ୍ମା କମିଟି ଆବାହକ ଜିତେନ୍ଦ୍ର କୁମାର ସିଂ, ମତ୍ସ୍ୟ ଅଧିକାରୀ ଶକ୍ତି କାନ୍ତ ବେହେରା, ଉଦ୍ୟାନ ବିଭାଗ ସହକାରୀ ଉଦ୍ୟାନ ଅଧିକାରୀ ରୀଙ୍କୁ ପ୍ରଧାନ, ସିଡିପିଓ କଳ୍ପଲତା ତ୍ରିପାଠୀ, କର୍ଲାମୁଣ୍ଡା ଓଡ଼ିଶା ଜୀବନ ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ସରୋଜିନୀ ପ୍ରଧାନ, ପ୍ରାଣୀ ଚିକିତ୍ସା ବିଭାଗରୁ ସନ୍ତୋଷ ମାଝୀ ଓ ସମସ୍ତ ବ୍ଲକ କୃଷକ ଉପଦେଷ୍ଟା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ରାଶୀକୁ କୃଷକଙ୍କ ବିକାଶ କ୍ଷେତ୍ରରେ ଉପଯୁକ୍ତ ବ୍ୟବହାର କରାଯିବାକୁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ଉପଦେଷ୍ଟା କମିଟିର ସଦସ୍ୟ ପ୍ରଦୀପ କୁମାର ସାହୁ, ଚନ୍ଦ୍ର ଭାନୁ ସାହୁ, ନନ୍ଦି କିଶୋର ଭୋଇ, ପ୍ରକାଶ ରଣା, ଦୟା ମାଝୀ, ପ୍ରମୋଦ ସାହୁ, ଦୟା ରଣା, ବେଦ ବର ସାହୁ, ମଧୁ ରଣା, ବହାଦୁର ଧରୁଆ ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ଏଟିଏମ୍ ଶ୍ୟାମପଦ ଭଞ୍ଜ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଟିଏମ୍ ମିଳନ କୁମାର ଗୋଛାୟତ, ଓମ ପ୍ରକାଶ ମିଶ୍ର ସହଯୋଗ କରିଥିଲେ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଶଗଡ଼ା, ୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ରକ୍ସା ପଞ୍ଚାୟତ ଅଧୀନ ଦହ୍ୟା ଜୀବନ ବିକାଶ ଡିଗ୍ରୀ କଲେଜରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଇବର ସୁରକ୍ଷା ସଚେତନତା ରଥ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। କଲେଜ ପରିସରରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ସୌମ୍ୟରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ପରିଚାଳନା କମିଟି ସଭାପତି କିଶୋର ମେହେର, କଲେଜ ଅଧ୍ୟକ୍ଷ ସୁଶାନ୍ତ ଗୁରୁ, ଏସଆଇ ପିଙ୍କି ପାତ୍ର, ଏଏସଆଇ ଧରଣୀଧର ମହାକୁଡ଼, ହାବିଲଦାର ବିବଛ ସାହୁ ପ୍ରମୁଖ ଯୋଗଦେଇ ସାଇବର କ୍ରାଇମ ଓ ତାହାର ପ୍ରତିକାର ଉପରେ ବକ୍ତବ୍ୟ ରଖିଥିଲେ। ସାଇବର ଠକେଇରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଇଣ୍ଟରନେଟର ଉପକାରିତା ଓ ଅପକାରିତା ଉପରେ ବୁଝାଇଥିଲେ। କୌଣସି ସନ୍ଦେହଜନକ ଲିଙ୍କରେ କ୍ଲିକ ନ କରିବା, ଅନଲାଇନ ଗେମରୁ ଦୂରେଇ ରହିବା, ହ୍ୱାଟ୍ସଆପରେ ଆସୁଥିବା ଲୋଭଜନକ ଲିଙ୍କକୁ ଇଗନୋର କରିବାକୁ ବୁଝାଇଥିଲେ।




# କେରଳରୁ ଶବ ଆଣିବାରେ ସହଯୋଗ କଲା ପ୍ରଶାସନ

**ପୁରୁଣାକଟକ, ୬ ।୧୧(ସମିସ):** କେରଳରେ ମୃତ୍ୟୁ ଘଟିଥିବା ହରଭଙ୍ଗା ବ୍ଲକ ସମ୍ବଲପୁର ଗ୍ରାମର ଅନିଲ ନାଏକଙ୍କ ମୃତଦେହକୁ ବୌଦ୍ଧ ଜିଲ୍ଲା ପ୍ରଶାସନ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସେଠାରେ ସେ ଏକ ପ୍ଲାଏଉଡ କମ୍ପାନୀରେ କାମ କରୁଥିଲେ। ଗତ ୨ ତାରିଖ ତାଙ୍କ ମୃତ୍ୟୁ ଗଟିଥିଲା। ତାଙ୍କ ମୃତଦେହ ଆଣିବା ପାଇଁ ପରିବାର ପକ୍ଷେ ସମ୍ଭବ ନ ଥିଲା। ଏଣୁ ଘର ଲୋକେ ପ୍ରଶାସନକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ତତ୍ତ୍ୱାବଧାନରେ କୋଚି ବିମାନ ବନ୍ଦରରୁ ଭୁବନେଶ୍ୱର ବିମାନ ବନ୍ଦରରେ ଶବ ପହଞ୍ଚିଥିଲା । ସେଠାରୁ ଗାଁକୁ ଶବ ଆଣି ପରିବାରକୁ ପ୍ରଶାସନ ହସ୍ତାନ୍ତର କରିଥିବା ଜିଲ୍ଲା ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ କହିଛନ୍ତି ।



# ବସନ୍ତ ସୋସିଆଲ ଫାଉଣ୍ଡେସନ ତରଫରୁ କମ୍ପ୍ୟୁଟର ଦାନ

**ମନମୁଣ୍ଡା, ୬ ।୧୧(ସମିସ):** ଶିକ୍ଷା, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାୟତନ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ଓ ବିକାଶ ପାଇଁ କାମ କରି ଆସୁଥିବା ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ (ଶାଖା - ମନମୁଣ୍ଡା) ତରଫରୁକଣ୍ଟାମାଳ ବ୍ଲକର ଅନେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଚେୟାର ପର୍ସନ ରାଜଶ୍ରୀ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ କଣ୍ଟାମାଳ ବ୍ଲକର ଉଦେପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁଲାଲ ମହାକୁଡ, କଣ୍ଟାମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଘନଶ୍ୟାମ ବାଘ, ବରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାଚଳ ଭୋଇ, ଲୋକପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ହରିପାଲ, ଗବଜୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପବିତ୍ର ସାହୁଙ୍କୁ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେସବୁ ପ୍ରଦାନ କରିଥିଲେ। କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଆଶୋଭ ରଞ୍ଜନ ମାଳି ଏହି ଉଦ୍ୟମକୁ ପ୍ରଶଂସା କରି ଧନ୍ୟବାଦ ଜଣାଇଛନ୍ତି।




# ନୂତନ ପଞ୍ଚାୟତ ଗଠନ ପାଇଁ ପ୍ରସ୍ତୁତି



**କେସିଙ୍ଗା, ୬ ।୧୧(ସମିସ):** କେସିଙ୍ଗା ବ୍ଲକ କାଣ୍ଡେଲ ପଞ୍ଚାୟତ ତୁର୍ଲା, ବ୍ରାହ୍ମଣୀ ଓ କର୍ଲାଖୁଣ୍ଟା ଗ୍ରାମବାସୀଙ୍କ ଉପସ୍ଥିତରେ କର୍ଲାଖୁଣ୍ଟା ଭୁତେଶ୍ୱର ପୀଠରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତିନି ଖଣ୍ଡ ଗ୍ରାମର ୩୦୦୦ ସଂଖ୍ୟାରେ ଭୋଟର ରହିଥିବା ବେଳେ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ଆଲୋଚନା କରାଯାଇଛି। ଜନସଂଖ୍ୟା ଦୃଷ୍ଟିରୁ କାଣ୍ଡେଲ ପଞ୍ଚାୟତ କାଣ୍ଡେଲ, କର୍ଲାଖୁଣ୍ଟା, ସିନ୍ଧିବାହାଲି, ବ୍ରାହ୍ମଣୀ ଏବଂ ତୁର୍ଲାକୁ ନେଇ ପୂର୍ବରୁ କାଣ୍ଡେଲ ପଞ୍ଚାୟତ ଗଠିତ ହୋଇଥିଲା। ଯାହାର ମୋଟ ଜନସଂଖ୍ୟା ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଏକ ବଡ ପଞ୍ଚାୟତ ଭାବେ କାର୍ଯ୍ୟକାରୀ ହେଉଥିଲା ।ହେଲେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତଥା ସରକାରୀ ଯୋଜନା ଅଞ୍ଚଳରେ ଯେତେ ପରିମାଣର ଆସୁଥିଲା ତାହା ସଠିକ ଭାବେ ଉପଯୋଗ କରାଯାଉଥିଲେ ସୁଦ୍ଧା, ସବୁ ଗ୍ରାମରେ ଯୋଜନା ଅପହଞ୍ଚ ହେଉଥିବା ଭଳି ଅନୁମେୟ ହେଉଛି। ତେଣୁ ଅଞ୍ଚଳବାସୀ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ପ୍ରସ୍ତୁତି ବୈଠକ କରିଥିବା କଥା ଅଞ୍ଚଳବାସୀ କହିଛନ୍ତି ।ପ୍ରଶାସନ ଏହାକୁ ଗୁରୁତ୍ୱ ସହକାରେ ନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି ଉପସ୍ଥାପନ କରିଛନ୍ତି ।ସଭାରେ କାଣ୍ଡେଲ ପାକ୍ସ ସଭାପତି ତ୍ରିପୁର ନାୟକ ସଭାପତିତ୍ୱ କରିଥିବା ବେଳେ, ପୂର୍ବତନ ଜନପ୍ରତିନିଧି, ଗ୍ରାମର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ହୋଇଥିଲେ। ତିନି ଗ୍ରାମବାସୀଙ୍କୁ ନେଇ ଏକ ୩୦ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଛି । ଏଥିରେ ଜଗବନ୍ଧୁ ନାଏକ, ରୁପେନ୍ଦ୍ର କହଁର, ବ୍ରଜବନ୍ଧୁ ନାଏକ, ଚିନ୍ତାମଣି ମାଝୀ, ତ୍ରିଲକ୍ଷ ନାଏକ, କଳିଙ୍ଗ ନାଗ, ଲକ୍ଷ୍ମୀକାନ୍ତ ନାଏକ, ରୁମାନ ବାଗ, ଭବାନୀଶଙ୍କର ନାୟକ, ମେରୁ ବାଗ, ସୁରେନ୍ଦ୍ର ନାଏକ, ବେଣୁଧର ଶବର, ଲଛ ମାଝୀ, ଶାନ୍ତିଲତା ମାଝୀ, ଶୁସାନ୍ତ ନାୟକ, ବିନୋଦ ନାୟକ, ଦିବାକର ମାଝୀ, ଦେବରାଜ ନାୟକଙ୍କ ସମେତ ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ ।

# ବିଜୁପଟ୍ଟନାୟକ ଖେଳ ଭବନ ଲାଇଟ୍ ଜଳୁନି

**କେସିଙ୍ଗା, ୬ ।୧୧(ସମିସ)**

ଅଞ୍ଚଳର ଗ୍ରାମାଞ୍ଚଳ ଓ ସହର ଭିତରେ ଥିବା ଲୁକ୍କାୟିତ ଖେଳ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣି ପରବର୍ତ୍ତୀ ସମୟରେ ଭଲଖେଳାଳିଙ୍କୁ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଅଞ୍ଚଳକୁ ପରିଚୟ ପ୍ରଦାନ କରିବା ଲକ୍ଷ ନେଇ ଗତ ବିଜେଡି ସରକାର ଅମଳରେ ପ୍ରତି ବ୍ଲକରେ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ କରି ଗୋଟିଏ ଗୋଟିଏ ବିଜୁ ପଟ୍ଟନାୟକ ଖେଳ ଷ୍ଟାଡିୟମ ନିର୍ମାଣ କରାଯାଇଥିଲା। ସେହି ସମୟରେ କେସିଙ୍ଗାରେ ମଧ୍ୟ ପ୍ରାୟ ସାଢେ ଚାରି କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର ଇଣ୍ଡୋର୍ ଖେଳ ଭବନ ନିର୍ମାଣ କରି ଭିତରେ ସହରର ଅନେକ ଖେଳାଳି ରାତି ୯ ଟା ପର୍ଯ୍ୟନ୍ତ ଖେଳୁଥିଲେ। ହେଲେ ଗତ ଏକ ମାସରୁ ଅଧିକ ହେଲାଣି ଇଣ୍ଡୋର ଖେଳ ଭବନ ନ ଭିତରର ପ୍ରାୟ ୧୫ଟି ହାଇପାୱାର ଲାଇଟ ଅଚଳ ହୋଇଯାଇଛି ।ଫଳରେ ଖେଳାଳି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତ। ପ୍ରକାଶ ଥାଉକି ଉକ୍ତ ଖେଳ ଭବନର ରକ୍ଷଣା ବେକ୍ଷଣର ଦାୟୀତ୍ୱ ଜିଲ୍ଲା ଖେଳ ବିଭାଗ କୁ ଦିଆଯାଇଛି । ଆମେ ଉକ୍ତ ଅନ୍ଧାର ବିଷୟରେ ଜିଲ୍ଲା ଖେଳ ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀଙ୍କ ସହିତ କଥାହେବା ପରେ ସେ ଖେଳ ଭବନରେ ଲାଇଟ ନ ଜଳିବା କଥା ସ୍ୱୀକାର କରିଥିଲେ । ଲାଇଟ ଦାୟୀତ୍ୱରେ ଥିବା ସଂସ୍ଥା ଉପରେ ଦୋଷ ଲଦିଥିଲେ। ଆମେ ଦାୟୀତ୍ୱ ଦେଇ ଥିବା ସଂସ୍ଥା ଜିଇଡିକୁ ଜଣାଇ ଦେଇଛୁ କିନ୍ତୁ ସେମାନେ ବଲ ଲଗାଉ ନାହାନ୍ତି ପୁଣି ସେହି ଗୋଟିଏ ଗୋଟିଏ ହାଇମାକ୍ସ ଲାଇଟର ମୂଲ୍ୟ ୨୦ରୁ ୨୫ ହଜାର ଟଙ୍କା ସେଥିପାଇଁ ଜିଲ୍ଲା ଖେଳ ବିଭାଗ ଲଗାଇ ପାରୁନାହିଁ। ଆଉଥରେ ଆଜି ହିଁ ପୁଣିଥରେ ବିଭାଗୀୟ ଚିଠି କରି ଲାଇଟ ଦାୟୀତ୍ୱରେ ଥିବା ସଂସ୍ଥାକୁ ଯଥା ଶୀଘ୍ର ଖେଳ ଭବନରେ ଲାଇଟ ଲଗାଇବାକୁ ଅନୁରୋଧ କରିବି ବୋଲି ପ୍ରକାଶ କରିଥିଲେ ।ଯଥା ଶୀଘ୍ର ବିଜୁ ଖେଳ ଭବନରେ ଲାଇଟ ଲଗାଇବାକୁ ଖେଳାଳିମାନେ ଦାବି କରିଛନ୍ତି ।



# ଅପାରଗତାର ଉଚିତ ଜବାବ୍ ଦେବେ ଭୋଟର

## ନିର୍ବାଚନୀ ସଭାରେ ବିଜେପିକୁ ଟାର୍ଗେଟ୍ କଲା ବିଜେଡି

**ନୂଆପଡ଼ା, ୬ ।୧୧(ସମିସ)**

ନୂଆପଡ଼ା ଉପନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜୁ ଜନତା ଦଳର ପ୍ରଚାର ଅଭିଯାନ ଆହୁରି ଶାଣିତ ହେବାରେ ଲାଗିଛି । ଗୁରୁବାର ନୂଆପଡ଼ା ବ୍ଲକ କେରମେଲୀ ପଞ୍ଚାୟତର ଗୋଲାବନ୍ଧ, ଧରମବାନ୍ଧା, ଭରୁଆମୁଣ୍ଡା, ଚୂଳାଭଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡି ପକ୍ଷରୁ ସାଧରଣ ସଭା ଅନୁଷ୍ଠିତ ହୋଇଯାଇଛି ।ସମାବେଶରେ ବିଜେଡି ନେତାମାନେ ଉପସ୍ଥିତ ହୋଇ ମହିଳା, ଚାଷୀ, ଶ୍ରମିକ, କେନ୍ଦୁପତ୍ର ତୋଳାଳିଙ୍କୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବରୁ ବିଜେଡି ସରକାର ଦ୍ୱାରା ଚାଲିଥିବା ବିଭିନ୍ନ

**ବିଭିନ୍ନ ପଞ୍ଚାୟତରେ ଜମୁଛି ବିଜେଡିର ପ୍ରଚାର**

ଜନହିତକାରୀ ସାମାଜିକ ଯୋଜନା ବିଷୟରେ ଅବଗତ କରିଛନ୍ତି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟକ ମାନସ ମାଡକାମି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବିଜେଡି ନେତା ପ୍ରମୋଦ ପାଢ଼ୀ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମହିଳାଙ୍କୁ ଜଙ୍ଗଲ, ଜମି ଓ ଜୀବିକା ଅଧିକାର ଦେଇ ସଶକ୍ତ କରିଥିବା ସହ ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାବଲମ୍ବନ ନିମନ୍ତେ ଅନେକ ଯୋଜନା ପ୍ରଚଳିତ କରିଛନ୍ତି କହିଥିଲେ ।ତେବେ ବର୍ତ୍ତମାନ ମୋହନ ମାଝୀଙ୍କ ସରକାର ଜମିକୁ ସାର ଯୋଗାଇ ପାରିଲେ ନାହିଁ କି ମଣ୍ଡିରେ ଚାଷୀଙ୍କ ଠାରୁ ଧାନ କିଣି ପାରିଲେ ନାହିଁ। ତେଣୁ ଆଗାମୀ ୧୧ ତାରିଖରେ ବିଜେପି ସରକାରଙ୍କର ଅପାରଗତାକୁ ଉଚିତ ଜବାବ୍ ଦେବା ପାଇଁ ଆହ୍ୱାନ ଦେଇଛନ୍ତି । ସମାବେଶରେ ଗ୍ରାମ ଓ ପଞ୍ଚାୟତସ୍ତରର ବିଜେଡି କର୍ମୀମାନେ, ମହିଳା ନେତୃତ୍ୱ ଓ ସ୍ଥାନୀୟ ମହିଳାମାନେ ଉପସ୍ଥିତ ରହି ନବୀନ ବାବୁଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି । ସଭାରେ ଯୁବ ନେତା ଭୂପେନ୍ଦ୍ର ନାୟକ, ଶିବାନନ୍ଦ ପରିଛା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ହିତେଶ ବେହେରା, ସୁବ୍ରତ ବାବୁ ପ୍ରମୁଖ ସାମିଲ ଥିଲେ ।









# ‘ବିଜେପି ସରକାର ଚାଷୀ ବିରୋଧୀ’

**ନୂଆପଡ଼ା, ୬ ।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ନୂଆପଡ଼ା ବ୍ଲକ କେରମେଲୀ ପଞ୍ଚାୟତର ଗୋଲାବନ୍ଧ, ଧରମବାନ୍ଧା, ଭରୁଆମୁଣ୍ଡା, ଚୂଳାଭାଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସାଧରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ମହିଳା, ଚାଷୀ, ଶ୍ରମିକ, କେନ୍ଦୁପତ୍ର ତୋଳାଳିଙ୍କୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବରୁ ଥିବା ବିଜେଡି ସରକାର ଦ୍ୱାରା ଚାଲୁଥିବା ବିଭିନ୍ନ ଜନହିତକାରୀ ସାମାଜିକ ଯୋଜନା ବିଷୟରେ ଅବଗତ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟକ ମାନସ ମାଡ଼କାମି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବିଜେଡ଼ି ନେତା ପ୍ରମୋଦ ପାଢ଼ୀ ପ୍ରମୁଖ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମହିଳାଙ୍କୁ ଜଙ୍ଗଲ, ଜମି ଓ ଜୀବିକା ଅଧିକାର ଦେଇ ସଶକ୍ତ କରିଛନ୍ତି । ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ନବୀନ ବାବୁଙ୍କ ଅବଦାନ ଅତୁଳନୀୟ ରହିଛି । କିନ୍ତୁ ବର୍ତ୍ତମାନ ମୋହନ ମାଝୀଙ୍କ ସରକାର ଜମିକୁ ସାର ଯୋଗାଇ ପାରିଲେ ନାହିଁ କି ମଣ୍ଡିରୁ ଧାନ କିଣିବାରେ ବିଫଳ ହୋଇଛି । ଜମିକୁ ସାର ଦେଇ ପାରି ନ ଥିବା ବିଜେପି ସରକାର ଚାଷୀ ବିରୋଧୀ ବୋଲି କହିଛନ୍ତି । ସଭାରେ ନବୀନ ପଟ୍ଟନାୟକ ଘୋଷଣା କରିଥିବା ବିଭିନ୍ନ ସାମାଜିକ ଯୋଜନା ବିଷୟ ସହ ବିଜେପି ସରକାରଙ୍କ ଶୋଷଣକାରୀ ନୀତି ବିଷୟରେ ଆଲୋଚନା କରିଥିଲେ ।ଆଗାମୀ ଉପନିର୍ବାଚନରେ ବିଜୁ ଜନତା ଦଳ ସପକ୍ଷରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତକୁ ଶକ୍ତିଶାଳୀ କରିବା ଆହ୍ୱାନ ଦିଆଯାଇଲା ।ସଭାରେ ଯୁବ ନେତା ଭୂପେନ୍ଦ୍ର ନାୟକ, ଶିବାନନ୍ଦ ପରିଛା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ହିତେଶ ବେହେରା, ସୁବ୍ରତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଉପନିର୍ବାଚନ ସମ୍ପର୍କିତ ସଚେତନତା

# ଭୋଟର ସୂଚନାପତ୍ର ଓ ଭୋଟର ମାର୍ଗଦର୍ଶିକା ପୁସ୍ତିକା ବିତରଣ



**ନୂଆପଡ଼ା, ୬ ।୧୧(ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ମତଦାତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି ।ଏହି ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ମାର୍ଗଦର୍ଶନରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର ସୂଚନା ପତ୍ର ଓ ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ କରିଛନ୍ତି ।ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ୨ ଲକ୍ଷ ୫୧ହଜାର ୯୧୯ଭୋଟର ସୂଚନା ପତ୍ର ଏବଂ ୮୫ହଜାର ଭୋଟର ମାର୍ଗ ଦର୍ଶିକା ପୁସ୍ତିକା ବିତରଣ କରାଯାଇଛି । ଭୋଟର ତାଲିକାରେ ମତଦାତାଙ୍କ ନାମ, ମତଦାନ କେନ୍ଦ୍ର ସମ୍ପର୍କିତ ସୂଚନା, ଭୋଟଦାନ ତାରିଖ ଏବଂ ସମୟ, ମତଦାନ ସମୟରେ କଣ କରିବେ - ନ କରିବେ, କ୍ୟୁଆର୍ କୋଡ ବ୍ୟବହାର କରି କିପରି ଭୋଟର ବିବରଣୀ ଶୀଘ୍ର ପାଇପାରିବେ ଏ ସମ୍ପର୍କିତ ସୂଚନା ଭୋଟର ସୂଚନା ପତ୍ରରେ ଉପଲବ୍ଧ କରାଯାଇଛ । ସେହିପରି ଭୋଟର ମାର୍ଗ ଦର୍ଶିକା ପୁସ୍ତିକାରେ ମତଦାତା ସୁବିଧାରେ କେମିତି ଭୋଟ ଦେବେ, ଭୋଟର ପଞ୍ଜୀକରଣ ପାଇଁ ଯୋଗ୍ୟତା, ଭୋଟର ତାଲିକାରେ ନାମ ଅଛି କି ନାହିଁ ତାହା କେମିତି ଜାଣିବେ, ନିର୍ବାଚନ ନିୟମ ଉଲ୍ଲଂଘନ ଘଟିଲେ କିପରି ଅଭିଯୋଗ କରିବେ, ପୋଷ୍ଟାଲ ବାଲାଟ ସୁବିଧା, ନିର୍ବାଚନନାମାଙ୍କନ ଓ ପ୍ରାର୍ଥୀ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ସୂଚନା ଉପଲବ୍ଧ ରହିଛି ।

# ନବୀନ ବଦଳାଇଛନ୍ତି ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ସ୍ଥିତି

**ସିନାପାଲି, ୬ ।୧୧(ସମିସ):** ଏମିତି ଏକ ଦିନ ଥିଲା ଗ୍ରାମାଞ୍ଚଳର ଜନସାଧାରଣ ସହର ଉପରେ ନିର୍ଭର କରୁଥଲେ । ଘର କରଣ ସାମଗ୍ରୀ ସହିତ ନିତ୍ୟ ବ୍ୟବହାର ଦ୍ରବ୍ୟ କିଣା ବିକା ପାଇଁ ସହର ଯାଉଥିଲେ । ଉପାନ୍ତରୁ ସହର ଯିବା ପାଇଁ କଷ୍ଟ ସାଧ ହୋଇ ଯିବାକୁ ବାଧ ବାଧକତା ହେଉଥିଲେ । ଏବେ ଆଉ ସେଦିନ ନାହିଁ ଦ୍ୱାର ମୁହଁରେ ମିଳୁଛି ସବୁକିଛି । ପୂର୍ବ ନବୀନ ସରକାର ଅମଳରେ ଗ୍ରାମାଞ୍ଚଳର ବିକାଶ ସାଙ୍ଗକୁ ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ଅନେକ ଯୋଜନା କରିଥିବା ବେଳେ ତନ୍ମଧ୍ୟରୁ ଆଦର୍ଶ ଗ୍ରାମୀଣ ବଜାର ଅନ୍ୟତମ ।ଗ୍ରାମାଞ୍ଚଳର ଜନସାଧାରଣ ଏହି ବଜାର ରେ ତାଙ୍କର ଚାହିଦା ମୁତାବକ ସାମଗ୍ରୀ କିଣୁଥିବା ବେଳେ ଉପାର୍ଜିତ ସାମଗ୍ରୀ ସାଙ୍ଗକୁ ପନିପରିବା ବିକ୍ରିର ଆବଶ୍ୟକତାକୁ ପୂରଣ କରୁଛି ।ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସାଙ୍ଗକୁ ବ୍ୟବସାୟ କରିବାର ଖୋରାକ ଯୋଗାଇଛି । ସୀମାନ୍ତବର୍ତ୍ତି ଅଞ୍ଚଳର ଜନସାଧାରଣ ଛତିଶଗଡ଼ ଅଞ୍ଚଳର ବଜାର ଉପରେ ନିର୍ଭର କରୁଥଲେ । ସେଠାରେ ତାଙ୍କର ନିତ୍ୟ ବ୍ୟବହାର ସାମଗ୍ରୀ ସାଙ୍ଗକୁ ପୂଜା ପାର୍ବଣ, ପାରମ୍ପରିକ ଉତ୍ସବ, ଘର ଚଳନି ସାମଗ୍ରୀ ପାଇଁ ଦୂରରେ ଥିବା ଛତିଶଗଡ଼ ସାଙ୍ଗକୁ ଅନ୍ୟାନ୍ୟ ସହରକୁ ଯିବାକୁ ପଡୁଥିଲା । ହେଲେ ନବୀନ ସରକାର ସମୟରେ ଏହାକୁ ଉପଲବ୍ଧି କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏକ ମହତ ଉଦ୍ଦେଶ୍ୟ ନେଇ ଆଦର୍ଶ ଗ୍ରାମୀଣ ବଜାର ସୃଷ୍ଟି କରିଥିଲେ । ଯାହା ଏବେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସାମୁହିକ ସ୍ୱାର୍ଥ ସାଧନରେ ବେଶ



ସହାୟକ ହୋଇ ପାରିଛି । ନୂଆପଡ଼ା ଜିଲ୍ଲାର ସିନାପାଲି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସଦର ସିନାପାଲି ସହରକୁ ଆସିବାକୁ ହେଲେ ଦିର୍ଘ ୨୫ରୁ ୩୦ କିଲୋମିଟର ଦୂର ଦେଇ ସହରକୁ ଆସିବା ପଡେ । ଏଠାକୁ ଆସିବା ପରିବର୍ତ୍ତେ ସୀମାନ୍ତ ଛତିଶଗଡ଼ ରାଜ୍ୟର ଗୋହେରାପଦର, ଝେରଗାଁ, ଇନ୍ଦା ଗାଁ, ଅମଲିପଦର, ଉର୍ମାଲ ସମେତ ଅନେକ ସାପ୍ତାହିକ ବଜାର ସହିତ ସହର ଉପରେ ନିର୍ଭର କରୁଥଲେ । ସେଠାରୁ ସାମାଜିକ ବିବାହ, ପୂଜା ପାଠ, ପର୍ବ ପର୍ବାଣୀ, ବିଭିନ୍ନ ବ୍ୟବସାୟୀ କରଣ ନେଣ ଦେନ ଚାଲି ଆସୁଥିଲା । ଏପରିକି ଅଳଙ୍କାର ସାମଗ୍ରୀର କିଣା ବିକା ଟଙ୍କା ନେବା ଦେବା କାର୍ଯ୍ୟ ମଧ ହେଉଥିଲା । ଏପରି ସ୍ଥିତି ରେ ନବୀନ ସରକାର ଅମଳ ରେ ବଜାର ବ୍ୟବସ୍ଥାର ସୁଦୃଢ଼ୀ କରଣ ଫଳରେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ବ୍ୟବସାୟିକ ବ୍ୟବସ୍ଥା ପରିବର୍ତ୍ତନ ଆସିଛି । ଆଗ ଭଳି ଛତିଶଗଡ଼ ଉପରେ ନିର୍ଭରଶିଳ ନ ହୋଇ ଗାଁ ଦାଣ୍ଡରେ ଗଢି ଉଠିଥିବା ବଜାର ଉପରେ ନିଜର ମନମୁତାବକ ସାମଗ୍ରୀ ସାଙ୍ଗକୁ ଉପାର୍ଜିତ ଦ୍ରବ୍ୟ ବିକ୍ରି କରି ବେଶ ଆଶସନ୍ତୋଷ ଲାଭ କରୁଛନ୍ତି ।

**ଗ୍ରାମାଞ୍ଚଳକୁ ସୁଦୃଢ଼ କରିଛି ଆଦର୍ଶ ଗ୍ରାମୀଣ ବଜାର**

**ଦ୍ୱାରମୁହଁରେ ମିଳୁଛି ଚାହିଦା ମୁତାବକ ଘରକରଣା ସାମଗ୍ରୀ**

ସିନାପାଲି ଅଞ୍ଚଳର ଆଦିବାସୀ ଅଧ୍ୟୁଷିତ ତଥା ସୀମାନ୍ତ ରେ ଗଢି ଉଠିଥିବା ଅନେକ ସାପ୍ତାହିକ ବଜାର ଏବେ ଚଳ ଚଞ୍ଚଳ ହୋଇ ଉଠିଥିବା ବେଳେ ଛାଉଣୀ ସାଙ୍ଗକୁ ପିଣ୍ଡି ଯୋଗୁଁ ବର୍ଷ ର ବାର ମାସ ହସ ଖୁସି ରେ ନିଜର ଆବଶ୍ୟକତାକୁ ପୁରଣ କରୁଥିବା ବେଳେ ପରସ୍ପର ମଧ୍ୟରେ ଭାବ ର ଆଦାନ ପ୍ରଦାନ ସାଙ୍ଗକୁ ବ୍ୟବସାୟର ଆଧୁନିକକରଣ ଯୋଗୁଁ ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଘଟିଛି । ଯାହା ନବୀନ ଯୁଗର ଏକ ଅଧବସାୟ ଯୁଗାନ୍ତକାରୀ ପରିବର୍ତ୍ତନଶୀଳ ନୂତନ ବିକଶିତ ଓଡ଼ିଶା ଗଠନର ଏକ ପ୍ରମୁଖ ଅଙ୍ଗ ଭାବରେ ସର୍ବବିଦିତ ହୋଇ ରହିବ ଏହା ନିଃସନ୍ଦେହ ।

# ପ୍ରଚାର କମ୍; ଆରୋପ-ପ୍ରତ୍ୟାରୋପ ବେଶି

**ନୂଆପଡ଼ା, ୬ ।୧୧ (ସମିସ):** ଘାସିରାମ ମାଝୀଙ୍କ ମୃତ୍ୟୁପରେ ନୂଆପଡ଼ାରେ ୧୯୯୭ରେ ଉପନିର୍ବାଚନ ହୋଇଥିଲା । ଦୀର୍ଘ ୨୮ ବର୍ଷ ପରେ ପୁଣି ଥରେ ଏଠିକାର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଉପନିର୍ବାଚନ ହେଉଛି । ସାଧାରଣ ନିର୍ବାଚନ ଠାରୁ ଉପନିର୍ବାଚନ ଚିତ୍ର ଟିକିଏ ଭିନ୍ନ ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରଚାର, ଭୋଟର ସଚେତନତା କମ୍ ଆରୋପ-ପ୍ରତ୍ୟାରୋପ ବେଶି ହେଉଥିବା ଦେଖାଯାଇଛି । ଏହାକୁ ବିଭିନ୍ନ ମହଲରେ ସମାଲୋଚନ ମଧ ହେଉଛି । ନୂଆପଡ଼ାକୁ ଲୋକେ କଥାରେ କଥାରେ କହନ୍ତି ୩୦ନମ୍ବର ଜିଲ୍ଲା । ଏଠିକାର ବିକାଶ କହିଲେ କେତୋଟି ଚକ ଚକିଆ ରାସ୍ତା ସାଙ୍ଗକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ସାତ ମହଲା କୋଠାକୁ କୁହାଯାଇଥାଏ । ଏବେବି ଜିଲ୍ଲାରେ ଦାଦନ, ମାଓବାଦୀ ଏବଂ ବେରୋଜଗାର ସମସ୍ୟା ଲୋକଙ୍କ ପିଛା ଛାଡୁନାହିଁ । ମୈଦାନରେ ଥିବା ନେତାମାନେ ଏଠିକାର ସମସ୍ୟା କଥା କମ ପରସ୍ପର ପରସ୍ପର ମଧ୍ୟରେ ଆରୋପ ପ୍ରତ୍ୟାରୋପ କରୁଥିବା ଦେଖାଯାଉଛି ।

### ଚା ଖଟିରେ ବିତୁଛି ସକାଳ, ଗଳିକୁ ଯିବାକୁ ସାହସ ନାହିଁ

ନିର୍ବାଚନ ତାରିଖ ଘୋଷଣା ହେବା ଦିନ ଠାରୁ ନୂଆପଡ଼ା ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ଜନସଂଖ୍ୟା ବଢ଼ି ଚାଲିଛି । ଏହାକୁ ବର୍ତ୍ତମାନ ଲୋକେ ମିନି କ୍ୟାପିଟାଲ ବୋଲି କହିବାକୁ ଲାଗିଲେଣି । ସକାଳ ହେଲେ ଜିଲ୍ଲା ସଦର ମହକୁମାରେ ଟ୍ରାଫିକ୍ ଭିଡ଼ । ମାଳ ମାଳ ବଡ ଟାୟାର ବାଲା ଗାଡି ସାଙ୍ଗକୁ କୋଳାହଳ ବଢ଼ି ଯାଉଛି । ଏଭଳି ଗୋଳିଆ ପାଣିରୁ ମାଛ ଧରିବାକୁ ବିଭିନ୍ନ ଦଳୀୟ ନେତୃବର୍ଗ ବିଭିନ୍ନ ରକମ କରି ଚା ଖଟିରେ ତଥା କଥିତ ବଡ ବଡିଆ ଗଣ ମାଧ୍ୟମର ଦୃଷ୍ଟି ଆକର୍ଷଣ କରୁଛନ୍ତି । କାହିଁକି ନା ଆଜିକୁ ବାର ବର୍ଷ ହେବ ନୂଆପଡ଼ା ଏନ୍‌ଏସି ଘୋଷଣା ହୋଇଥିବା ବେଳେ ନୂଆପଡ଼ା ସହରରେ ମାଳ ମାଳ ସମସ୍ୟା । ଏସବୁ ଦେଖିବାକୁ ନେତା ଚା ଖଟିରୁ ଓହ୍ଲାଇ ଗଳିକୁ ଯିବାକୁ ସାହସ କରୁନଥିବା ଚର୍ଚ୍ଚାର ବିଷୟ ହୋଇଛି ।

### ଗାଁ ଗାଁରେ ଡେରା ପକାଇଛନ୍ତି ନେତା

ନିର୍ବାଚନ ତାରିଖ ଘୋଷଣା ହେଲା । ନାମାଙ୍କନ ପତ୍ରଦାଖଲ ପ୍ରକ୍ରିୟା ଶେଷ ହେବାପରେ ନେତା ନୂଆପଡ଼ା ଛାଡି ଗାଁମାନଙ୍କରେ ଡେରା ପକାଇବା ଆରମ୍ଭ କଲେ । ଏପରିକି ପ୍ରତି ପଞ୍ଚାୟତରେ ବିଧାୟକ, ପୂର୍ବତନ ବିଧାୟକ କିମ୍ବା ତାଙ୍କର ପ୍ରତିନିଧିମାନଙ୍କର ଡେରା ପଡ଼ିଛି ।ଏଭଳି ସ୍ଥିତିରେ ଗାଁ ଗୁଡିକରେ ପ୍ରଚାରରେ ନେତା ଘୂରି ବୁଲିଲା ବେଳକୁ ମଧ୍ୟାହ୍ନ ହେଉକି ରାତିରେ ଭୋଜି ଭାତର ଭଣ୍ଡାରା ଖୋଲୁଛନ୍ତି । ନିର୍ବାଚନୀ ନିୟମାନୁଯାୟୀ ଭୋଜିଭାତ କି ଟଙ୍କା ଦେଇ ଭୋଟରଙ୍କୁ ପ୍ରଭାବିତ କରିବାକୁ ନିର୍ବାଚନ କମିଶନ କଡ଼ାକଡି ଧରୁଥିବା କୁହାଯାଏ । ହେଲେ ଏସବୁ ଖୋଲା ଖୋଲି ଚାଲିଥିବା ପର୍ଯ୍ୟବେକ୍ଷକଙ୍କ ନଜରକୁ ଆସୁନାହିଁ କି ବୋଲି ଚର୍ଚ୍ଚା ହେଉଛି ।

### ଦିବ୍ୟାଙ୍ଗ କରୁଛନ୍ତି ସଚେତନତା

ଗଣତନ୍ତ୍ରର ସୁରକ୍ଷା ପାଇଁ ଯେ ଦିବ୍ୟାଙ୍ଗମାନେ ମଧ ସଚେତନତାର ମଙ୍ଗ ଧରୁଛନ୍ତି । ଗାଁ ଗାଁରେ ଢୋଲ ମାଦଳ ଧରି ବିଭିନ୍ନ ଗୀତ ମାଧ୍ୟମରେ ଗଣତନ୍ତ୍ରର ସୁରକ୍ଷା ପାଇଁ ସଚେନତା କରୁଥିବା ଦେଖାଯାଇଛି । ଗାଁରେ ମଦ ମାଂସ କି ଟଙ୍କାରେ ଲାଳାୟିତ ନହୋଇ ସଠିକ ଲୋକ ଏବଂ ଦଳକୁ ଭୋଟ ଦିଅନ୍ତୁ ବୋଲି ଗୀତରେ ମର୍ମ ରଖିଥିବା ପରିଲକ୍ଷିତ ହୋଇଛି । ବୁଧବାର ଦିନ କୋମନ ବ୍ଲକ ଦାବ୍ରି ଗାଁରେ ଶାନ୍ତିଲାଲ ଶବର ନାମକ ଜନୈକ ଦିବ୍ୟାଙ୍ଗ ଯୁବକଙ୍କ ନେତୃତ୍ୱରେ ସମର୍ଥ ବୋଲି ଏକ ସଂଗଠନ କରି ସଚେତନା କାର୍ଯ୍ୟକ୍ରମ କରିଥିଲେ । ଏଥିରେ ବିଜେପି ତରଫରୁ ଶିଖା ଆଜାଦ, ବିରଞ୍ଚି ଶବରଙ୍କ ସମେତ ସ୍ଥାନୀୟ ଗାଁ ମୁଖିଆ ଯୋଗ ଦେଇଥିବା ବେଳେ ଗାଁର ବହୁ ଶିଶୁ ମହିଳା ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ଏହି ଦଳ ବିଭିନ୍ନ ରାଜନୈତିକ ସଭାକୁ ଯାଇ ଏଭଳି ପ୍ରଦର୍ଶନ କରୁଥିବା ଦେଖାଯାଉଛି ।

## ବିଜେପିର ପ୍ରଚାର ମଙ୍ଗ ଧରିଲେ ୨ ମୁଖ୍ୟମନ୍ତ୍ରୀ

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାଗିଲେ ଭୋଟ

**ନୂଆପଡ଼ା, ୬ ।୧୧ (ସମିସ)**

ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗୁରୁବାର ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଦ୍ୟାନବନ୍ଧ ଏବଂ କୋମନାରେ ରୋଡ଼ ଶୋ’ କରିବା ସହ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ଗୁରୁବାର ଅପରାହ୍ନରେ କୋମନା ବ୍ଲକ ଉଦ୍ୟାନବନ୍ଧ ଠାରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ଉଦ୍ୟାନବନ୍ଧ ସହରରେ ରୋଡ଼ କରିଥିଲେ । ପରେ କୋମନା ସହରରେ ନିର୍ବାଚନୀ ପ୍ରଚାର କରି ଏକ ରୋଡ ଶୋ’ରେ ଯୋଗ ଦେଇଥିଲେ ।

ପଡୋଶୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ପ୍ରଚାର ସଭାରେ ଯୋଗ ଦେଇଥିଲେ । ସ୍ଥାନୀୟ ନୂଆପଡ଼ା ବ୍ଲକ ପଞ୍ଚମପୁର ଗାଁରେ ଆୟୋଜିତ ବିଜେପିର ପ୍ରଚାର ସଭାରେ ଯୋଗ ଦେଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ଜିଲ୍ଲା ସଭାପତି କମଲେଶ କୁମାର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାଏ ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ ।ଜୟ ଢୋଲକିଆ ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ନୂଆପଡ଼ାର ସାମଗ୍ରିକ ବିକାଶ କରିବେ ବୋଲି ଶ୍ରୀ ସାଏ କହିଛନ୍ତି । ଏହି ବିଜୟ ସଂକଳ୍ପ ସମାବେଶରେ ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପୂର୍ବତନ ସଭାପତି ବସନ୍ତ କୁମାର ପଣ୍ଡା ପ୍ରାର୍ଥୀ ଜୟ ଢୋଲକିଆ, ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ସାଂସଦ ମାଳବିକା ଦେବୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ସୁଶ୍ରୀ ଲତା ଉସେଣ୍ଡି, ସମୀର ମହାନ୍ତି, ରାୟପୁର ବିଧାୟକ ପୁରନ୍ଦର ମିଶ୍ରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।






## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୫୮ - ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଜନ୍ମ।
- ୧୮୭୫- ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ୍' ଗୀତର ରଚନା କଲେ।
- ୧୯୬୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୨- ତୁର୍କୀରେ ସମ୍ବିଧାନ ଲାଗୁ କରାଗଲା।
- ୨୦୦୨- ଇରାନ୍ ଆମେରିକୀୟ ଉତ୍ପାଦର ବିଜ୍ଞାପନ ଉପରେ କଟକଣା ଲଗାଇଲା।
- ୨୦୧୨- ଗୁଏଟ୍‌ମାଲାରେ ଭୂମିକମ୍ପ ଯୋଗୁ ୫୨ ଜଣଙ୍କ ମୃତ୍ୟୁ।



## ୨୦୨୬ରେ 'କିଙ୍ଗ୍'

ବଲିଉଡ୍ ବାଦଶାହ ଶାହାରୁଖ ଖାନ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ଶାହାରୁଖ୍‌ଙ୍କ ଜନ୍ମଦିନ (ନଭେମ୍ବର ୨) ଅବସରରେ ତାଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଟିଜର୍ ଆସିଛି। ଏଥିରେ ଫିଲ୍ମର ନାମ ସହ ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରାଯାଇଛି। ଟିଜର୍‌ରେ ଶାହାରୁଖ୍ ଧଳା କେଶ, କାନରେ କାନଫୁଲ ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ଆକ୍ସନ ସିନ୍‌ଗୁଡ଼ିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାସହ ଫିଲ୍ମର ନାମ 'କିଙ୍ଗ୍' ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୬ରେ ପରଦାକୁ ଆସିବ। ଫିଲ୍ମର ବଜେଟ୍ ରହିଛି ୨୦୦ କୋଟି। ଏଥିରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁକୋନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଦେଖାଯିବେ।

## ଶରୀର ପାଇଁ ଭଲ ବିନା ତେଲର ଖାଦ୍ୟ



ଅତ୍ୟଧିକ ତେଲ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ହେଲେ ବିନା ତେଲରେ ରୋଷେଇ କରିବା ଅସମ୍ଭବ, ଏକଥା ସମସ୍ତେ ଜାଣନ୍ତି। ଅବଶ୍ୟ ଆଜିକାଲି ବିନା ତେଲରେ କେତେକ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେହିପରି ଖାଦ୍ୟ ପ୍ରସ୍ତୁତି ଲାଗି କେଉଁ ତେଲ ଉତ୍ତମ, ତା'କୁ ନେଇ ବି ଦ୍ୱନ୍ଦ୍ୱ ଲାଗି ରହେ। ବିଶେଷକରି ସୋରିଷ ତେଲ ଓ ଅଲିଭ୍ ତେଲ ବ୍ୟବହାର କରିବାକୁ ନେଇ ଲୋକେ ଶଙ୍କାରେ ରହନ୍ତି। ହେଲେ ଭାରତୀୟଙ୍କ ମଧ୍ୟରେ ସୋରିଷ ତେଲ ଖୁବ୍ ଲୋକପ୍ରିୟ। ଭାରତୀୟ ବ୍ୟଞ୍ଜନଗୁଡ଼ିକରେ ସୋରିଷ ତେଲର ଅଧିକ ବ୍ୟବହାର କରାଯାଏ। ଅନେକ ଗବେଷଣାନୁସାରେ, ହାଲକାଫୁଲକା ବ୍ୟଞ୍ଜନରେ ଅଲିଭ୍ ତେଲ ବ୍ୟବହାର କରିବା ଭଲ। ଅନ୍ୟପକ୍ଷରେ ଏନେଇ ଡାକ୍ତରଙ୍କ କହିବା କଥା, ଏମିତି କୌଣସି ତେଲ ନାହିଁ, ଯାହା ଶରୀର ପାଇଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ତେଣୁ ଖାଦ୍ୟରେ ଯେତେସମ୍ଭବ କମ୍ ମାତ୍ରାରେ ତେଲ ବ୍ୟବହାର କରିବା ଉଚିତ। ତେବେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକେ ନିଜ ଡାଏଟ୍‌ରେ ତେଲ କମ୍ କରିବା ଦରକାର। ଲଗାତାର ଦୁଇ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟରୁ ତେଲ ବାଦ୍ ଦେବା ଦ୍ୱାରା ଏହାଦ୍ୱାରା ଅନେକ ଫାଇଦା ମିଳିଥାଏ। ବିନା ତେଲର ଖାଦ୍ୟ ପ୍ରାଚନକ୍ରିୟା ପାଇଁ ଭଲ ହୋଇଥାଏ। ବିନା ତେଲରେ ଖାଦ୍ୟ ଖାଇବା ଦ୍ୱାରା ପେଟ ଫୁଲା ଓ ହଜମ ଜନିତ ସମସ୍ୟାର ଆଶଙ୍କା କମ୍ ଥାଏ। ତେଲରେ ବହୁତ ଅଧିକ କ୍ୟାଲୋରି ଥାଏ। ତେଣୁ ଏହାକୁ ଖାଦ୍ୟରେ ବ୍ୟବହାର ନ କରିବା ଦ୍ୱାରା ଶରୀରରେ କ୍ୟାଲୋରି ପରିମାଣ ହ୍ରାସ ପାଏ। ତେଲରେ ଚର୍ବି ଓ କ୍ୟାଲୋରି ଥାଏ। ତେଣୁ ବିନା ତେଲରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ଓଜନ କମ୍ କରିବାରେ ଏହା ସାହାଯ୍ୟ କରେ। ବିନା ତେଲରେ ରୋଷେଇ କରିବା ଦ୍ୱାରା ସାଚ୍ୟୁରେଟେଡ୍ ଫ୍ୟାଟ୍ ଏବଂ ଟ୍ରାନ୍ସ ଫ୍ୟାଟ୍ କମ୍ ହୁଏ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍(ଖରାପ) କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଏ, ହୃଦ୍ ରୋଗ ଆଶଙ୍କା କମ୍ ହୁଏ। ଅନ୍ୟପଟେ ବିନା ତେଲରେ ବି ଆଜିକାଲି ଅନେକ ସ୍ୱାଦିଷ୍ଟ ରାନ୍ଧଣା ପ୍ରସ୍ତୁତ କରାଯାଉଛି। ଇଡ୍‌ଲି, ଢୋକଲା, ସୁପ୍, ଓଟ୍ସ, ଉପମା, ଦଲିଆ, ସାଲାଡ ମଧ୍ୟ ତିଆରି କରାଯାଇପାରିବ। ଅନ୍ୟପକ୍ଷରେ ଜଣେ ତେଲ ବଦଳରେ ଘିଅ ବ୍ୟବହାର କରିପାରିବେ। ଏଥିରେ ଅନେକ ପୋଷକତତ୍ତ୍ୱ ଥାଏ।

## ବିନା ଦୋକାନୀରେ ଚାଲେ ଦୋକାନ



ବିଶ୍ୱର ପ୍ରତ୍ୟେକ ସହର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ। ଏଭଳି ଏକ ସହର ହେଉଛି ନାଗାଲାଣ୍ଡର ଫୁଟ୍‌ସେରୋ। ଏହି ସହରରେ ଥିବା ଥିବା ଦୋକାନଗୁଡ଼ିକରେ ଦୋକାନୀ ବସନ୍ତିନି। ଦୋକାନରେ ଜିନିଷ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ ବିକ୍ରି କରିବା ପାଇଁ ଦୋକାନୀ ନ ଥାନ୍ତି। ଦୋକାନରେ ଥିବା ପ୍ରତ୍ୟେକ ଜିନିଷ ଉପରେ ଏହାର ମୂଲ୍ୟ ଲେଖାଯାଇଥାଏ। ସେହି ଅନୁଯାୟୀ, ଲୋକେ ନିଜ ଆବଶ୍ୟକ ଜିନିଷ କିଣି ଦୋକାନରେ ଟଙ୍କା ରଖି ଦେଇ ଯାଆନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଦୋକାନରେ ଥିବା କ୍ୟାସ୍ ବକ୍ସରୁ ଚୋରି ମଧ୍ୟ ହୁଏନାହିଁ। ଏଠାକାର ଦୋକାନୀମାନଙ୍କର ଲୋକଙ୍କ ଉପରେ ଥିବା ବିଶ୍ୱାସ ଓ ଗ୍ରାହକଙ୍କ ସଚ୍ଚୋଟପଣିଆ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏଠାରେ ୨୦ ଟି ଦୋକାନ ଅଛି। ବିଶେଷ କରି ମହିଳା ଚାଷୀମାନେ ଏହି ଦୋକାନ ଚଳାଇଥାନ୍ତି। ଦୋକାନଗୁଡ଼ିକରେ ଫଳ, ପନିପରିବା, ଆଚାର, ଜାମ୍ ଓ ଜୁସ୍ ବିକ୍ରି ହୋଇଥାଏ। ସକାଳୁ ନେଇ ସଞ୍ଜ ଯାଏ ଏହି ଦୋକାନ ସବୁ ଖୋଲା ରହିଥାଏ। ଏହାର ମାଲିକମାନେ କ୍ଷେତରୁ ଘରକୁ ଫେରିଲାବେଳେ ଦୋକାନରୁ ଟଙ୍କା ନେଇ ଯାଆନ୍ତି। ଦୋକାନ ମଧ୍ୟରେ ସିସିଟିଭି କ୍ୟାମେରା ଲାଗି ନାହିଁ କି ଏହାକୁ ସୁରକ୍ଷାକର୍ମୀମାନେ ମଧ୍ୟ ଜଗନ୍ତି ନାହିଁ। ସ୍ଥାନୀୟ ଅଞ୍ଚଳର ଜଣେ ସମାଜସେବୀ ଅଙ୍ଗ ବେଖାଟାଲୁଙ୍କ କହିବାନୁଯାୟୀ, ଏହି ଦୋକାନଗୁଡ଼ିକ ୧୫ ବର୍ଷ ପୂର୍ବରୁ ଖୋଲାଯାଇଛି। ଦୋକାନରୁ ନାଗା ଓ ଅଣନାଗା ଶ୍ରେଣୀର ଲୋକମାନେ ଜିନିଷ କିଣାବିକା କରିଥାନ୍ତି। ଲୋକମାନେ ଜିନିଷ ନେଇ ଦୋକାନରେ ଥିବା ବାକ୍ସରେ ଟଙ୍କା ରଖି ଦିଅନ୍ତି। ସେହିପରି କେହି କେହି ୟୁପିଆଇ ପେମେଣ୍ଟ ମଧ୍ୟ କରିଥାନ୍ତି। ଏଠାକାର ମହିଳା ଚାଷୀମାନେ ଦୋକାନରୁ ନିତିଦିନ ପାଖାପାଖି ୨୦୦୦ ଟଙ୍କା ଆୟ କରନ୍ତି। ଅବଶ୍ୟ ବେଳେ ବେଳେ ଲୋକ ଟଙ୍କା ନ ଦେଇ ମଧ୍ୟ ଜିନିଷ ନେଇଯାଆନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଭଳି ଦୋକାନ ଦେଖି ଆଚମ୍ବିତ ହୋଇଥାନ୍ତି।

## ସୁନା ଷ୍ଟ୍ରରେ ପିଅନ୍ତି ଚା'



ଥଣ୍ଡାପାନୀୟ କିମ୍ବା ପଇଡ଼ ପିଇବା ସମୟରେ ଅନେକ ଲୋକ ଷ୍ଟ୍ର ବ୍ୟବହାର କରନ୍ତି। ଷ୍ଟ୍ର ମୁଖ୍ୟତଃ ପ୍ଲାଷ୍ଟିକ୍ କିମ୍ବା କାଗଜରୁ ତିଆରି ହୋଇଥାଏ। ହେଲେ ଚୀନ୍, ଝେଜିୟାଙ୍ଗ ପ୍ରଦେଶର ଶୌଉ ନାମକ ବ୍ୟକ୍ତି କେବଳ ଚା ପିଇବା ପାଇଁ ଭାରତୀୟ ମୁଦ୍ରାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ସୁନାର ଷ୍ଟ୍ର ତିଆରି କରିଛନ୍ତି। ବିନା ଷ୍ଟ୍ରରେ ଚା' ପିଇବାକୁ ତାଙ୍କୁ ଭଲ ଲାଗୁ ନ ଥିବାରୁ ବରାଦ ଦେଇ ସେ ୧୦୦ ଗ୍ରାମ୍ ସୁନାରେ ଏହି ଷ୍ଟ୍ରଟିକୁ ତିଆରି କରିଥିଲେ। ଦିନେ ସେ ଇଲେକ୍ଟ୍ରିକ୍ ବାଇକ୍‌ରେ ଘରକୁ ଯାଉଥିବାବେଳେ ଭୁଲବଶତଃ ଷ୍ଟ୍ରଟି ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଖସି ଯାଇଥିଲା। ଘଣ୍ଟାଏ ଖୋଜିବା ପରେ ବି ଷ୍ଟ୍ରଟି ମିଳି ନ ଥିଲା। ଏହାପରେ ସେ ପୁଲିସ୍‌ର ସହାୟତା ନେଇଥିଲେ। ଦୁଇଜଣ ପୁଲିସ୍ ଅଧିକାରୀ ବହୁତ ଖୋଜାଖୋଜି ପରେ ସୁନା ଷ୍ଟ୍ରଟିକୁ ଏକ ମ୍ୟାନ୍‌ହୋଲରୁ ୧୦୦ ମିଟର ଦୂରରେ ଫୁଟପାଥ ନିକଟରେ ପାଇଥିଲେ। ସୁନା ନିର୍ମିତ ଷ୍ଟ୍ରଟିକୁ ପାଇବା ପରେ ଶୌଉ ବହୁତ ଖୁସି ହୋଇଯାଇଥିଲେ। ଅବଶ୍ୟ ଏହା ଏବେ ଚେପା ହୋଇ ଯାଇଥିବାରୁ ଏହାକୁ ତରଳାଇ ପୁଣିଥରେ ଏକ ନୂଆ ଷ୍ଟ୍ର ତିଆରି ପାଇଁ ସେ ଚିନ୍ତା କରିଛନ୍ତି। ଭବିଷ୍ୟତରେ ଏହାକୁ ଆଉ ପ୍ୟାଣ୍ଟ ପକେଟ୍‌ରେ ନେଇ କୌଣସି ସ୍ଥାନକୁ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ଶୌଉଙ୍କ ପାଖରେ ସୁନା ସହ ଏକ ରୂପାରଷ୍ଟ୍ର ମଧ୍ୟ ରହିଛି।

## ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

## ଯନ୍ତ୍ରଣା ଲାଘବ କରେ ଫିଜିଓଥେରାପି



**ମାନସିକ ଏବଂ ଶାରୀରିକ ସୁସ୍ଥତା ଦିଗରେ ବ୍ୟବହାର ହେଉଥିବା ଚିକିତ୍ସାକୁ ଫିଜିଓଥେରାପି କୁହାଯାଏ। ଫିଜିଓଥେରାପି ଦ୍ୱାରା ଅନେକ ରୋଗର ଯନ୍ତ୍ରଣା ଦୂର ହୁଏ। ତେଣୁ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ ଫିଜିଓଥେରାପିର ସାହାଯ୍ୟ ନେଇ ପାରିବେ।**

**ସ୍ପଣ୍ଡିଲାଇଟିସ୍:** ଆଜିକାଲି ଭୁଲ୍ ଶୈଳୀରେ ବସିବା ଓ ବ୍ୟାୟାମ ନ କରିବା ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହେଉଛି। ଅଣ୍ଟାରୁ ନେଇ ମୁଣ୍ଡପଛ ପର୍ଯ୍ୟନ୍ତ ରହିଥିବା ମେରୁଦଣ୍ଡ ହାଡ଼ର ହେଉଥିବା ଯନ୍ତ୍ରଣାକୁ ସ୍ପଣ୍ଡିଲାଇଟ୍‌ସ କୁହାଯାଏ। ଏଥିପାଇଁ ଫିଜିଓ ଥେରାପି ନେଲେ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ସେହିପରି ମେରୁଦଣ୍ଡ ଯନ୍ତ୍ରଣା, ଆଣ୍ଠୁଗଣ୍ଠିବାତ, ସନ୍ଧିବାତ, କାନ୍ଧଖଞ୍ଜା ଯନ୍ତ୍ରଣା, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ହେଲେ ଫିଜିଓ ଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ଗାଉଟ୍, ଅଣ୍ଟାବ୍ୟଥା, ବ୍ରେନ୍‌ଷ୍ଟ୍ରୋକ୍, ସ୍ପୋର୍ଟସ ଇଞ୍ଜୁରି, ଲିଗାମେଣ୍ଟ ଇଞ୍ଜୁରି ଆଦି ପାଇଁ ଫିଜଓଥେରାପିର ମୁଖ୍ୟ ଭୂମିକା ରହିଛି।

**ଶ୍ୱାସକ୍ରିୟା ଜନିତ ସମସ୍ୟା:** ଆଜ୍‌ମା, ସିଓପିଡି, ବ୍ରୋଙ୍କାଇଟିସ୍ ଆଦି ଶ୍ୱାସଜନିତ ସମସ୍ୟାରୁ ଉପଶମ ପାଇବାକୁ ଫିଜିଓଥେରାପିର ସାହାଯ୍ୟ ନେଇପାରିବେ।

**ମାଇଗ୍ରେନ ବା ମୁଣ୍ଡବିନ୍ଧା:** ଲଗାତାର ମୁଣ୍ଡ ବିନ୍ଧି ବେକରୁ କାନ୍ଧପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ। ତେବେ ଫିଜିଓଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ତେବେ ରୋଗୀର ବୟସ ଏବଂ ଯନ୍ତ୍ରଣାର ତୀବ୍ରତା ଅନୁସାରେ ଫିଜିଓଥେରାପି କରାଯାଏ। ଏହା ସରଳ ବ୍ୟାୟାମ ସହିତ ସମାନ ନୁହେଁ, ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ କରିବା ଆବଶ୍ୟକ।

## ମଳାଶୟ କର୍କଟ



**ଖରାପ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ବଂଶାନୁଗତ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଏବେ ବହୁ ଲୋକ କର୍କଟର ଶିକାର ହେଉଛନ୍ତି। ତନ୍ମଧ୍ୟରୁ ମଳାଶୟ ତଥା ରେକ୍ଟମରେ ହେଉଥିବା କର୍କଟକୁ ମଳାଶୟ କର୍କଟ କୁହାଯାଏ। ଏହି କର୍କଟରେ ମଳାଶୟରୁ ରକ୍ତ ବାହରିଥାଏ। ତେଣୁ ଏହାର ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ପୀଡ଼ିତ ସ୍ୱାଭାବିକ ଜୀବନ ଅତିବାହିତ କରି ପାରିବେ।**

ମଳାଶୟ କର୍କଟ ହେଲେ ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ। ମଳାଶୟରୁ ରକ୍ତ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମଳତ୍ୟାଗରେ ସମସ୍ୟା ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଏ। ପତଳା ଝାଡ଼ା ହୋଇ ଥକ୍କାପଣ ଲାଗିବା, ଦୁର୍ବଳ ଅନୁଭବ, ତଳିପେଟ ଯନ୍ତ୍ରଣା ଆଦି ହୁଏ। ଅଚାନକ ଓଜନ କମିବା ଲକ୍ଷଣ ଦେଖାଯାଏ। ପ୍ରାଥମିକ ପର୍ଯ୍ୟାୟରୁ ଏହାକୁ ଅଣଦେଖା କଲେ, ମଳାଶୟରୁ କର୍କଟ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିପାରେ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରେକ୍ଟମ ୧୨ରୁ ୧୫ ସେମି ଲମ୍ବା। ଏହା ତିନିଟି ଭାଗରେ ବିଭକ୍ତ। ତେଣୁ କର୍କଟ ହୋଇଥିବା ସ୍ଥାନର ଚିହ୍ନଟ ପାଇଁ ଡିଜିଟାଲ ରେକ୍ଟାଲ ପରୀକ୍ଷା (ଡିଆର୍‌ଇ) ସହିତ ଶାରୀରିକ ପରୀକ୍ଷଣ କରାଯାଏ। କୋଲୋନୋସ୍କୋପି, ବାୟୋପ୍ସି, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସିଟି, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା କରାଯାଏ। ତେବେ କର୍କଟର ସ୍ଥିତି ଉପରେ ସର୍ଜରୀ ନିର୍ଭରଶୀଳ। ଏବେ ରୋବୋଟିକ୍ ସର୍ଜରୀ ମଧ୍ୟ ହୋଇପାରୁଛି। ସନ୍ତୁଳିତ ଖାଦ୍ୟ ସେବନ ସହିତ ନିୟମିତ ବ୍ୟାୟାମ ଜରୁରି। ଓଜନ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ରହିଛି।

## ମଧୁମେହ ପାଇଁ ରାମବାଣ ବଥୁଆ



**ବଥୁଆ ଶାଗ କେବଳ ସ୍ୱାଦରେ ସୀମିତ ନୁହେଁ, ଏହା ସଞ୍ଜୀବନୀ ସଦୃଶ। ଏହା ଭିଟାମିନ୍- ବି୧, ବି୨, ବି୫ ଏବଂ ଭିଟାମିନ୍-ସିରେ ଭରପୂର। ଏଥିରେ କ୍ୟାଲ୍‌ସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି। ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ।**

ବଥୁଆ ସେବନ ଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି।

**ମଧୁମେହ ପାଇଁ ବରଦାନ:** ବଥୁଆ ମଧୁମେହ ପାଇଁ ପ୍ରାକୃତିକ ଔଷଧ ରୂପେ କାମ କରେ। ରକ୍ତରେ ଇନସୁଲିନ୍‌ସ୍ତରକୁ ସନ୍ତୁଳିତ ରଖେ। ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ। ତେଣୁ ଗିଲପତ୍ର, ଭୂର୍ସୁଙ୍ଗପତ୍ର, ବଥୁଆ, ଗୁଡ୍ମାରୀ, ଜାମୁକୋଳି ମଞ୍ଜି ୧୦ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ସିଝାଇ ୫୦ ମିଲି ଅବଶେଷ ରଖି ସକାଳ ସନ୍ଧ୍ୟାରେ ଦୁଇବେଳା ସେବନ କଲେ ଏହା ହିତକର ହୋଇଥାଏ।

**ଓଜନ ନିୟନ୍ତ୍ରଣକାରୀ:** ବଥୁଆରେ ଥିବା ଫାଇବର ପେଟକୁ ଦୀର୍ଘ ସମୟ ପୂରିଲା ରଖିବାରେ ସାହାଯ୍ୟ କରେ। ଏହା ଶରୀରର ଖରାପ କୋଲେଷ୍ଟ୍ରଲ୍‌କୁ କମ୍ କରି ହୃଦ୍‌ସ୍ୱାସ୍ଥ୍ୟ ଠିକ୍ ରଖିବାରେ ସାହାଯ୍ୟ କରେ। ତ୍ୱଚା ଏବଂ କେଶର ଚମକ ବୃଦ୍ଧି ପାଏ। ଯଦି ଚାହିଁବେ, ବଥୁଆରୁ ତିଆରି ପରଟା ଏବଂ ଶାଗ ଖାଇପାରିବେ। ଏହା ଶୀତଋତୁରେ ଶରୀରକୁ ଶକ୍ତି ଦେଇଥାଏ। ବଥୁଆ ରସ ୧୦ ମିଲିକୁ ମହୁ ସହିତ ମିଶାଇ ଦିନକୁ ଦୁଇଥର ସେବନ କରିପାରିବେ।

## ହୃଦ୍‌ଘାତ ପୂର୍ବର ସୂଚନା ଦେବ ଏଆଇ



ହୃଦ୍‌ଘାତ ଏପରି ଏକ ସ୍ଥିତି ଯେଉଁଥିରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ୍। ହୃଦ୍‌ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ, ତୁରନ୍ତ ଡାକ୍ତରୀ ସହାୟତାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ହେଲେ ଏବେ ଏଆଇ ଭବିଷ୍ୟତରେ ଜଣେ ହୃଦ୍‌ଘାତର ଶିକାର ହେବ କି ନାହିଁ କହିପାରିବ। ଏନେଇ ନେଦରଲ୍ୟାଣ୍ଡ, ରେଡ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ମେଡିକାଲ ସେଣ୍ଟରର ବୈଜ୍ଞାନିକମାନେ ନୂତନ ଏଆଇ କୌଶଳ ବିକଶିତ କରିଛନ୍ତି। ଏହି କୌଶଳ ରୋଗୀର ରକ୍ତ ନଳୀରେ ଅନ୍ତଃଆବରଣର ଦୁର୍ବଳତାକୁ ଚିହ୍ନଟ କରି ହୃଦ୍‌ଘାତ ଆଶଙ୍କା ସମ୍ବନ୍ଧରେ ଭବିଷ୍ୟବାଣୀ କରିପାରିବ। ଏନେଇ ବୈଜ୍ଞାନିକମାନେ କିଛି ଜଣଙ୍କ କ୍ଷେତ୍ରରେ ପରୀକ୍ଷା କରିଥିଲେ। ଏଥିପାଇଁ ରକ୍ତନଳୀରେ କ୍ଷୁଦ୍ର କ୍ୟାମେରାକୁ ପ୍ରୟୋଗ କରାଯାଏ। କ୍ୟାମେରାଟି ଧମନୀ ପଥରୁ ଅନେକ ଫଟୋ ନେଇ ଏଆଇକୁ ପଠାଇଥାଏ। ଏଆଇ ଫଟୋକୁ ସଠିକ୍ ଭାବେ ବିଶ୍ଳେଷଣ କରି ଧମନୀର କେଉଁ ଅଂଶ କମ୍‌ଜୋର ରହିଛି ଏବଂ ଭବିଷ୍ୟତରେ ହୃଦ୍‌ଘାତର ଆଶଙ୍କା କେଉଁଠି ସୃଷ୍ଟି ହେବ ତାହା ଜଣାଇଥାଏ। ଏନେଇ ଗବେଷକ କୁହନ୍ତି, ଏଆଇ ଦ୍ୱାରା ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ହୋଇପାରିଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ସଠିକ୍ ସମୟ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ। ଆବଶ୍ୟକସ୍ଥଳେ ଷ୍ଟେଣ୍ଟ ଲଗାଇ ସମ୍ଭାବିତ ହୃଦ୍‌ଘାତ ପୂର୍ବର ସୂଚନା ମିଳିପାରିବ। ଏହାଦ୍ୱାରା ଅନେକଙ୍କ ଜୀବନ ବଞ୍ଚି ପାରିବ।

# ଭାରତକୁ ଜିତାଇଲେ ସ୍ପିନର୍

## ଚତୁର୍ଥ ଟି-୨୦ରେ ଅକ୍ଷର ପଟେଲ୍ ଶ୍ରେଷ୍ଠ ଖେଳାଳି




ଗୋଲ୍ଡକୋଷ୍ଟ,୬।୧୧(ଏଜେନ୍ସି): ସ୍ପିନରଙ୍କ କଞ୍ଜୁସ ବୋଲିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଭାରତ ୪୮ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ବ୍ୟାଟିଂ ଲାଗି କଷ୍ଟକର ହେଉଥିବା ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ୍ କରିଥିଲା । ଜବାବରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନପାରି ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନ୍ କରି ଅଲଆଉଟ ହୋଇଯାଇଥିଲା । ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୨୦ ରନ୍‌ରେ ୨ ୱିକେଟ ଓ ବ୍ୟାଟିଂରେ ୧୧ ବଲ୍‌ରୁ ଅପରାଜିତ ୨୧ ରନ୍ କରିଥିବା ବାମହାତୀ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହି ବିଜୟ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୧ରେ ଆଗୁଆ ରହିଛି । ସିରିଜ୍‌ର ୫ମ ତଥା ଶେଷ ମୁକାବିଲା ଶନିବାର ବ୍ରିସ୍‌ବେନ୍‌ରେ ଖେଳାଯିବ । ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା । ଆଜିର ବିଜୟ ପରେ ଭାରତ ୨୦୦୮ ପରେ ଅଷ୍ଟ୍ରେଲିଆରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିବ ନାହିଁ ବୋଲି ସ୍ପଷ୍ଟ କରିଛି । ଏହି ସମୟ ମଧ୍ୟରେ ଖେଳାଯାଇଥିବା ୪ଟି ସିରିଜ୍ ମଧ୍ୟରୁ ୨ଟି ଡ୍ର ରହିଥିଲାବେଳେ ଅନ୍ୟ ୨ଟିରେ ଭାରତ ବିଜୟୀ ହୋଇଥିଲା । ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଘରୋଇ ମାଟିରେ ଦ୍ୱିତୀୟ ସର୍ବନିମ୍ନ ଟି-୨୦ ସ୍କୋର କରିଛି । ଦଳର ସର୍ବନିମ୍ନ ଟି-୨୦ ସ୍କୋର ହେଉଛି ୧୧୧ । ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ସିଡନୀ ମ୍ୟାଚ୍‌ରେ ଏହା ହୋଇଥିଲା । ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ଡିଫେଣ୍ଡ କରିବାରେ ମଧ୍ୟ ଏହା ଦ୍ୱିତୀୟ ସର୍ବନିମ୍ନ । ପୂର୍ବର ଭାରତ ୨୦୨୦ କାନବେରାରେ ଖେଳାଯାଇଥିବା ମ୍ୟାଚ୍‌ରେ ୧୬୨ ରନ୍ ସ୍କୋରକୁ ଡିଫେଣ୍ଡ କରିଥିଲା । ଏହି ସବୁ ସଫଳତା ଲାଗି ଭାରତ ୨୦୦୮ରୁ ଅଷ୍ଟ୍ରେଲିଆରେ ଟି-୨୦ ସିରିଜ୍‌ରେ ଅପରାଜେୟ ରହିଛି ।

କାରାରା ଓଭାଲରେ ପ୍ରଥମକରି ଏକ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯାଉଥିଲାବେଳେ ବ୍ୟାଟିଂ ଲାଗି ପିଚ୍ ଆଦୌ ସହଜ ନ ଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅନଇଭିନ ବାଉନ୍ସ ଓ ଟର୍ଣ୍ଣର ମୁକାବିଲା କରିବାରେ ସଫଳ ହୋଇ ନ ଥିଲା । ଯାହା ଫଳରେ ବଡ ବଡ ସଟ୍ ଦେଖିବାକୁ ମିଳିଥିଲେ ମଧ୍ୟ ଦଳ କ୍ରମାଗତ ୱିକେଟ ହରାଇ ୧୬୭ ରନ୍‌ରେ ସୀମିତ ରହିଥିଲା । ଦଳ ପକ୍ଷରୁ ପ୍ରଥମ ୪ଜଣ ବ୍ୟାଟର ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରି ପାରି ନ ଥିଲେ । ସେମାନଙ୍କ ମଧ୍ୟରେ ଓପନର ଶୁବମନ ଗିଲ ୩୯ ବଲ୍‌ରେ ସର୍ବାଧିକ ୪୬, ଅଭିଷେକ ଶର୍ମା ୨୧ ବଲ୍‌ରୁ ୨୮ ରନ୍ ଉଠାଇଥିଲେ । ପରବର୍ତ୍ତୀ ଦୁଇ ବ୍ୟାଟର ଶିବମ ଦୁବେ ୨୨ ଓ ସୂର୍ଯ୍ୟକୁମାର ଯାଦବ ୨୦ ରନ୍ କରିଥିଲେ । ଅନ୍ୟ କୌଣସି ବ୍ୟାଟର ବେଶି ସମୟ ତିଷ୍ଠି ନ ଥିଲେ । ତିଳକ ବର୍ମା ୫, ଜିତେଶ ଶର୍ମା ୩, ୱାଶିଂଟନ ସୁନ୍ଦର ୧୨ ରନ୍ କରିଥିଲେ । ଅକ୍ଷର ପଟେଲ ୨୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ । ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ନାଥାନ ଏଲିସ ଓ ଲେଗ୍ ସ୍ପିନର ଆଦାମ ଜାମ୍ପା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

ଜବାବରେ ୧୬୮ ରନ୍‌ର ଟାର୍ଗେଟକୁ ପିଛା କରି ଅଷ୍ଟ୍ରେଲିଆର ଦୁଇ ଓପନର ମିଚେଲ ମାର୍ଶ (୨୪ବଲ୍‌ରେ ୩୦) ଓ ମାଥ୍ୟୁ ସର୍ଟ (୧୯ବଲ୍‌ରେ ୨୫) ଭଲ ଆରମ୍ଭ କରିଥିଲେ । ସର୍ଟଙ୍କୁ ୩୭ ରନ୍ ସ୍କୋରରେ ଆଉଟ କରି ଶିବମ ଦୁବେ ବ୍ରେକ୍ ଥ୍ରୁ ଦେଇଥିଲେ । ଏହି ସମୟରେ ଭାରତୀୟ ସ୍ପିନର ମିଡ୍‌ଲ ଓଭରରେ ଟାଇଟ ବୋଲିଂ କରି ଅଷ୍ଟ୍ରେଲିଆକୁ ଅଟକାଇଥିଲେ । ଏମାନେ ମିଳିତଭାବେ ୯.୨ ଓଭର ବୋଲିଂ କରି ୪୯ ରନ୍ ବିନିମୟରେ ୬ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ତୃତୀୟ ସ୍ପିନର ଭାବେ ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ୧.୨ ଓଭରରେ ୩ ରନ୍ ଦେଇ ସର୍ବାଧିକ ୩ଜଣ, ଅକ୍ଷର ପଟେଲ ୨୦ ରନ୍‌ରେ ୨ଜଣ ଓ ବରୁଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୱିକେଟ ଅକ୍ତିଆର କରିଥିଲେ । ପେସ୍ ବୋଲରଙ୍କ ମଧ୍ୟରେ ସବୁଠାରୁ ମନ୍ଥର ବୋଲିଂ କରୁଥିବା ଶିବମ ଦୁବେ ମଧ୍ୟ ପିଚ୍‌ରୁ ଫାଇଦା ଉଠାଇ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ଅନ୍ୟ ୩ଜଣ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ । ଏହାର ଅର୍ଥ ଭାରତ ପକ୍ଷରୁ ବୋଲିଂ କରିଥିବା ୬ଜଣ ବୋଲରଙ୍କୁ ୱିକେଟ ମିଳିଥିଲା । ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଜୋଶ ଇଂଲିଶ ୧୨, ଟିମ୍ ଡେଭିଡ୍ ୧୪, ଜୋଶ ଫିଲିପି ୧୦, ମାର୍କସ ଷ୍ଟୋଇନିସ ୧୭ ରନ୍ କରିଥିଲେ । ଏଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳି ବୋଲିଂ କରି ନ ଥିବା ମ୍ୟାକ୍ସୱେଲ ମାତ୍ର ୪ଟି ବଲ୍ ଖେଳି ୨ ରନ୍ କରିପାରିଥିଲେ । ଦଳ ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା ।



## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଶ୍ୱ ଚାମ୍ପିଅନ ଖେଳାଳି

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ହରାଇ ଦିନିକିଆ ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତର ଖେଳାଳିମାନେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି । ମହିଳା ଖେଳାଳିଙ୍କ ଏହି ଚମତ୍କାର ପ୍ରଦର୍ଶନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବେଶ ପ୍ରଶଂସା କରିଛନ୍ତି । ଏଭଳି ଖେଳ ମାଧ୍ୟମରେ ଦେଶର ଗୌରବ ବଢ଼ାଇଥିବାରୁ ସମସ୍ତ ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ ସମସ୍ତ ଖେଳାଳିମାନଙ୍କର ସ୍ୱାକ୍ଷର ଥିବା ଏକ ଜର୍ସି ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ । ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ରାଷ୍ଟ୍ରପତିଙ୍କୁ କରକମଳରେ ପ୍ରଦାନ କରାଯାଇଥିଲା । ଖେଳାଳିମାନେ ଯେପରି ସାହସ, ଏକତା ଓ ଏକାଗ୍ରତା ଦେଖାଇ ଟାଇଟଲ ବିଜୟୀ ହୋଇଛନ୍ତି ତାହା ଭାରତର ଯୁବ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଦ୍ରୌପଦୀ ମୁର୍ମୁ କହିଥିଲେ ।

## ଚେସଷ୍ଟ୍ରଫ୍ ପକ୍ଷରୁ ଓଡ଼ିଶାରେ ବୃହତ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୬।୧୧(ସମିସ): ରାପିଡ୍ ଓ ବ୍ଲିଜ୍ ଫର୍ମାଟରେ ଏକ ବୃହତ୍ ଚେସ୍ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତା ନଭେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ରାଜଧାନୀ ୟୁନିଟ୍-୩'ରେ ଥିବା ଓଏଏସ୍ ଭବନରେ ଅନୁଷ୍ଠିତ ହେବ । ଏଥିରେ ମୋଟ ପୁରସ୍କାର ରାଶି ରହିଛ ରେକର୍ଡ ୧ ଲକ୍ଷ ୭୫୦୦୦ ଟଙ୍କା । ଏହା ମଧ୍ୟରୁ ରାପିଡ଼ ଚାମ୍ପିଅନଙ୍କୁ ଟ୍ରଫି ସହ ନଗଦ ୨୧,୦୦୦ ଟଙ୍କା ଓ ବ୍ଲିଜ୍ ଚାମ୍ପିଅନଙ୍କୁ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟ ଓ ସମ୍ବିତ ପଣ୍ଡାଙ୍କ ସମେତ ଏକାଧିକ ଶୀର୍ଷ ଖେଳାଳି ସ୍ୱୀକୃତି ପ୍ରଦାନ କରିଛନ୍ତି । ଇଣ୍ଟରନ୍ୟାସନାଲ ଆର୍ବିଟର ନିହାରରଞ୍ଜନ ସାସମଲ ଓ ତାଙ୍କ ଟିମ୍ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ । ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ନଭେମ୍ବର ୭ ବା ଶୁକ୍ରବାର ସୁଦ୍ଧା ଚିଫ୍ ଆର୍ବିଟର ନିହାର ସାସ୍‌ମଲଙ୍କୁ ଫୋନ ନଂ ୯୯୩୭୦-୦୭୯୪୫ କିମ୍ବା ଆୟୋଜକ ଚେସ୍‌ଷ୍ଟ୍ରଫ ଏକାଡେମୀ ନିର୍ଦ୍ଦେଶକ ସ୍ୱାଂଶୁ ସତ୍ୟକାମଙ୍କୁ ଫୋନ୍ ନଂ ୮୨୪୯୬-୧୭୮୯୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

### ମହିଳା ପ୍ରିମିୟର ଲିଗ୍ ନିଲାମ

## ଲୌରା, ଦୀପ୍ତିଙ୍କୁ ଛାଡ଼ିଲା ଜ୍ୟାଣ୍ଟ୍ସ




ଅହମ୍ମଦାବାଦ୍, ୬।୧୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡିକ କେଉଁର୍ ଖେଳାଳିଙ୍କୁ ରଖିବେ ଓ କାହାକୁ ଛାଡିବେ ତାହା ଘୋଷଣା କରିଛନ୍ତି । ସର୍ବଶେଷ ଟିମ୍ ଗୁଜରାଟ ଜ୍ୟାଣ୍ଟ୍ସ ଦିନିକିଆ ବିଶ୍ୱକପ୍ ରନର୍ସଅପ୍ ଦଳ ଦକ୍ଷିଣ ଆଫ୍ରିକାର ଅଧିନାୟକ ଲୌରା ୱଲଭାର୍ଟଙ୍କୁ ଛାଡ଼ିଦେଇଛି । ସେହିପରି ଦିନିକିଆ ବିଶ୍ୱକପ୍‌ର ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଦୀପ୍ତି ଶର୍ମାଙ୍କୁ ମଧ୍ୟ ତାଙ୍କ ଟିମ୍ ଛାଡିଦେଇଛି ।

ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ମୁମ୍ବଇ ଇଣ୍ଡିଆନ୍ସ ନାଟ-ସିଭର ବ୍ରଣ୍ଟ, ହରମନପ୍ରୀତ୍ କୌର, ହ୍ୟାଲି ମାଥ୍ୟୁସ, ଅମନଜ୍ୟୋତ କୌର ଓ ଜି କାମିନି ରହିଛନ୍ତି । ଆରସିବି ସ୍ମୃତି ମନ୍ଧାନା, ରିଚା ଘୋଷ, ଏଲିସେ ପେରୀ, ଶ୍ରେୟଙ୍କା ପାଟିଲ, ଗୁଜରାଟ ଜାଏଣ୍ଟସ ଆସ୍‌ଲେ ଗାର୍ଡନର ଓ ବେଥ ମୁନୀ ଓ ୟୁପି ୱାରିୟର୍ଜ ଶ୍ୱେତା ସେରାୱତଙ୍କୁ ରିଟେନ କରିଛି । ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଆନାବେଲ ସଦରଲାଣ୍ଡ, ମାରିଜାନ କାପ୍ ଓ ନିକି ପ୍ରସାଦଙ୍କୁ ନିଲାମି ପ୍ରକ୍ରିୟାର ବାଦ୍ ଦେଇଛି । ନଭେମ୍ବର ଶେଷ ସପ୍ତାହରେ ମହିଳା ପ୍ରିମିୟର ଲିଗ୍‌ର ମହାନିଲାମ ହେବ ।

## ଆଜିଠୁ ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍




ଭୁବନେଶ୍ୱର,୬।୧୧(ସମିସ): ଓଡ଼ିଶା ଥ୍ରୋବଲ ଆସୋସିଏସନ ଏବଂ ସୋଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ କ୍ୟାମ୍ପସ-୨ରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ । ଏଥିରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୨୦ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାଶ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଟେକ୍ନିକାଲ ଅଫିସିଆଲ ଦୀପ୍ତିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ । ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗକରାଯିବ । ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡରବିନ ଲିଗ୍ ଭିତ୍ତିରେ ଖେଳାଯିବ । ପ୍ରତ୍ୟେକ ଗ୍ରୁପ୍‌ରୁ ୨ ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲକୁ ଯିବେ । କ୍ୱାର୍ଟରଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୨୫ଜଣ ଲେଖାଏଁ ଖେଳାଳି ଚୟନ କରାଯିବ । ଏମାନଙ୍କୁ ଏକ ଶିବିରରେ ପ୍ରଶିକ୍ଷଣ ଦେବା ପରେ କେରଳରେ ଡିସେମ୍ବର ମାସ ଖେଳାଯିବାକୁ ଥିବା ଜାତୀୟ ଥ୍ରୋବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ ।

### ଚାପ୍‌ମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ, ୬।୧୧ (ଏଜେନ୍ସି): ମାର୍କ ଚାପମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୩ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି । ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି । ଇଡେନ ପାର୍କରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚାପ୍‌ମ୍ୟାନ୍ ୧୯ ବଲ୍‌ରୁ ଅର୍ଦ୍ଧଶତକ ଓ ୨୮ଟି ବଲ୍‌ରୁ ୬ ଚୌକା ଓ ୭ ଛକା ସହ ୭୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୭ ରନ୍ କରିଥିଲା । ଜବାବରେ ରୋଭମ୍ୟାନ୍ ପାୱେଲ, ରୋମାରିଓ ସେଫର୍ଡ ଓ ମାଥ୍ୟୁ ଫୋର୍ଡେଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ୨୦୪ ରନ୍ କରି ମାତ୍ର ୩ ରନ୍‌ରେ ହାରିଯାଇଥିଲା । ୨୦୮ ରନ୍‌ର ଟାର୍ଗେଟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୧୩ ଓଭର ସୁଦ୍ଧା ୯୩ ରନ୍‌ରେ ୬ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା । କିନ୍ତୁ ୭ମ ୱିକେଟରେ ପାୱେଲ ଓ ସେଫର୍ଡ ୨୪ ବଲ୍‌ରୁ ୬୨ ଓ ୮ମ ୱିକେଟରେ ପାୱେଲ ଓ ଫୋର୍ଡ ୧୮ ବଲ୍‌ରୁ ୪୭ ରନ୍ ଉଠାଇଥିଲେ ମଧ୍ୟ ଦଳ ଟାର୍ଗେଟରେ ପହଞ୍ଚିପାରି ନ ଥିଲା । ୮ମ ଖେଳାଳିଭାବେ ଆଉଟ ହୋଇଥିବା ପାୱେଲ ୧୬ ବଲ୍‌ରୁ ୧ଚୌକା ଓ ୬ଛକା ସହ ସର୍ବାଧିକ ୪୫, ୭ମ ଖେଳାଳି ଭାବେ ଆଉଟ ହୋଇଥିବା ସେଫର୍ଡ ୧୬ ବଲ୍‌ରୁ ୧ଚୌକା ଓ ୪ଛକା ସହ ୩୪ ଏବଂ ଫୋର୍ଡେ ୧୩ବଲ୍‌ରୁ ଅପରାଜିତ ୨୯ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ । ବିଜୟୀ ଦଳର ମିଚେଲ ସାଣ୍ଟନର ଓ ଇସ୍ ସୋଧି ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ । ଚାପମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ଜୁରେଲ-୧୩୨*, ଭାରତ ୨୫୫




ବେଙ୍ଗାଲୁରୁ,୬।୧୧(ଏଜେନ୍ସି): ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲଙ୍କ ଅପରାଜିତ ଶତକ ସହାୟତାରେ ଏଠାରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏକଦା ୧୨୬ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା । କିନ୍ତୁ ଜୁରେଲ ୧୩୨ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଭାରତ ପ୍ରଥମ ଇନିଂସରେ ୨୫୫ ରନ୍ କରିଅଲଆଉଟ ହୋଇଯାଇଥିଲା । ଜୁରେଲଙ୍କୁ ଉପଯୁକ୍ତ ସହାୟତା ଦେଇଥିବା କୁଲଦୀପ ଯାଦବ ୮୮ ବଲ୍‌ରେ ୨୦ ଓ ମହମ୍ମଦ୍ ସିରାଜ ୩୧ ବଲ୍‌ରୁ ୧୫ ରନ୍ ଉଠାଇଥିଲେ । ୮ମ ୱିକେଟରେ ଜୁରେଲ ଓ କୁଲଦୀପ ୧୭୩ ବଲ୍‌ରୁ ୭୯ ଏବଂ ୮ମ ୱିକେଟରେ ଜୁରେଲ ଓ ସିରାଜ ୫୫ ବଲ୍‌ରୁ ୩୪ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ । ଶେଷଯାଏ ଆଉଟ ହୋଇ ନ ଥିବା ଜୁରେଲ ୧୭୫ ବଲ୍ ଖେଳି ୧୨ ଚୌକା ଓ ୪ ଛକା ସହ ୧୩୨ ରନ୍ କରିଥିଲେ । ଭାରତର ପ୍ରଥମ ୫ଜଣ ବ୍ୟାଟରଙ୍କ ମଧ୍ୟରୁ ଦୁଇ ଓପନର ଲୋକେଶ ରାହୁଲ ୧୦ ଓ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲି ପାରି ନ ଥିଲେ । ପରବର୍ତ୍ତୀ ୩ଜଣ ବ୍ୟାଟର ସାଇ ସୁଦର୍ଶନ ୧୭, ଦେବଦତ୍ତ ପଡ଼ିକାଲ ୫ ଓ ଅଧିନାୟକ ଋଷଭ ପନ୍ତ୍ ୨୪ ରନ୍ କରିବାକୁ ସମର୍ଥ ହୋଇଥିଲେ । ଏମାନଙ୍କ ପରେ ହର୍ଷ ଦୁବେ ୧୪ ଓ ଆକାଶଦୀପ ୦ରେ ଆଉଟ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ୨୪ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ତିଆନ ଭାନ୍ ଭୁରେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ । ଅନ୍ୟତମ ଫାଷ୍ଟ ବୋଲର ସେପୋ ମୋରେକିଙ୍କୁ ୨ଟି, ଅଫ୍ ସ୍ପିନର ପ୍ରେନେଲାନ୍ ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା । ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଇଡେନ ଗାର୍ଡେନ୍ସରେ ନଭେମ୍ବର ୧୪ରୁ ଆରମ୍ଭ ହେବ ।

### ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬

## ଅହମ୍ମଦାବାଦ କିମ୍ବା ଶ୍ରୀଲଙ୍କାରେ ଫାଇନାଲ

ଦୁବାଇ,୬।୧୧(ଏଜେନ୍ସି): ଭାରତର ଛୋଟିଆ ସେଣ୍ଟରରେ ମହିଳା ବିଶ୍ୱକପ୍ କ୍ରିକେଟର ସଫଳ ଆୟୋଜନ ପରେ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌କୁ ଟପ୍ ସେଣ୍ଟରେ ଆୟୋଜନ କରିବାକୁ ଆଇସିସି ସ୍ଥିର କରିଛି । ଏଠାରେ ଅନୁଷ୍ଠିତ ଆଇସିସି ବୈଠକରେ ଏହା ଏକପ୍ରକାର ସ୍ଥିର ହୋଇଛି, କେବଳ ଔପଚାରିକ ଘୋଷଣାକୁ ବାକି ରହିଛି । ଟି-୨୦ ବିଶ୍ୱକପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତଭାବେ ଆୟୋଜନ କରିବେ । ପୂର୍ବ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ସେହିପରି ପାକିସ୍ତାନ କିମ୍ବା ଶ୍ରୀଲଙ୍କା ସେମିଫାଇନାଲକୁ ଗଲେ କଲମ୍ବୋରେ ଏହି ମ୍ୟାଚ୍ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅହମ୍ମଦାବାଦ୍‌ରେ ଖେଳାଯିବାକୁ ସ୍ଥିର ହୋଇଛି । କିନ୍ତୁ ପାକିସ୍ତାନ ଯଦି ଫାଇନାଲକୁ ଯାଏ, ତେବେ ଏହି ମ୍ୟାଚ୍‌ଟି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳାଯିବ ବୋଲି ଆଇସିସି ଟୁର୍ ଆଣ୍ଡ ଫିକ୍ସଚର କମିଟି ପକ୍ଷରୁ ଖେଳସୂଚୀ ପ୍ରସ୍ତୁତ କରାଯାଇଛି । ଭାରତର ଟପ୍ ଭେନ୍ୟୁ ଯଥା ଅହମ୍ମଦାବାଦ୍, ମୁମ୍ବଇ,




ଦିଲ୍ଲୀ, କୋଲକାତା ଓ ଚେନ୍ନଇରେ ଖେଳାଯିବ । ନିକଟରେ ଶେଷ ହୋଇଥିବା ୫୦ ଓଭର ବିଶିଷ୍ଟ ମହିଳା ବିଶ୍ୱକପ୍ ଇନ୍ଦୋର, ବିଶାଖାପାଟଣା, ଗୌହାଟି, ନଭି ମୁମ୍ବଇରେ ଖେଳାଯାଇଥିଲା । ସେହିପରି ଭାରତକୁ ଆସି ନ ଥିବାରୁ ପାକିସ୍ତାନ ତାହାର ମ୍ୟାଚ୍ ଗୁଡିକ ଶ୍ରୀଲଙ୍କାର କଲମ୍ବୋରେ ଖେଳିଥିଲା । ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କାରେ ୨ କିମ୍ବା ୩ଟି ଭେନ୍ୟୁ ଚିହ୍ନଟ କରାଯାଇଛି । ବେଙ୍ଗାଲୁରୁ ଏହି ତାଲିକାରୁ ବାଦ୍ ପଡ଼ିଥିବା ଜଣାଯାଇଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନବେଳେ ହୋଇଥିବା ଦଳାଚକଟା ଯୋଗୁଁ ଏହି ଷ୍ଟାଡିୟମ୍‌କୁ ଏବେ ବନ୍ଦ ରଖାଯାଇଛି । ଏପରିକି ଆଇପିଏଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରିବାକୁ ଅନୁମତି ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି । ମହିଳା ବିଶ୍ୱକପ୍ ଲାଗି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ଭେନ୍ୟୁ ଚୟନ କରାଯାଇଥିଲା । କିନ୍ତୁ ସରକାର ସେଠାରେ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ନ ଦେବାରୁ ଚିନ୍ନାସ୍ୱାମୀରେ ଖେଳାଯିବାକୁ ଥିବା ମ୍ୟାଚ୍ ଗୁଡିକୁ ନଭି ମୁମ୍ବାଇକୁ ସ୍ଥାନାନ୍ତରିତ କରାଯାଇଥିଲା ।

ଏଥର ୨୦୨୬ ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ଖେଳିବେ ଓ ଗ୍ରୁପ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୮'କୁ ଉନ୍ନୀତ ହେବେ । ସୁପର-୮'ରେ ଦଳଗୁଡିକୁ ଦୁଇଟି ଗ୍ରୁପରେ ଭାଗ କରାଯିବ । ଏଥିରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ । ଆସନ୍ତାବର୍ଷ ଫେବୃଆରୀରେ ଏହି ବିଶ୍ୱକପ୍ ଖେଳାଯିବ । ଏଠାରେ ଦେଖିବାର କଥା ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଉଛନ୍ତି କି ନା । ଏହା ଯଦି ହୁଏ, ତେବେ ପାକିସ୍ତାନ ସହ ଖେଳିବାକୁ ଭାରତ ଶ୍ରୀଲଙ୍କା ଯିବ ।



ଥାଇଲାଣ୍ଡରେ ଆୟୋଜିତ ବିଶ୍ୱ ଜୁ-ଜିତ୍‌ସୁ ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS